R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୬୦
ତିଥି : ଦ୍ୱିତୀୟା
୨୭ ଜୁନ୍ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 260
27 June 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆଇଏସ୍‌ଏସ୍‌ରୁ ଶୁଭାଂଶୁଙ୍କ 'ନମସ୍କାର'

ନୂଆଦିଲ୍ଲୀ, ୨୬।୬ : ପ୍ରଥମ ଭାରତୀୟ ଭାବେ ଆନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନରୁ (ଆଇଏସ୍‌ଏସ୍) ରେ ପହଞ୍ଚିଲେ ଶୁଭାଂଶୁ ଶୁକ୍ଳା । ଶୁଭାଂଶୁଙ୍କ ସହ ଆଉ ୪ ଜଣ ମଧ୍ୟ ମହାକାଶରେ ପହଞ୍ଚିଛନ୍ତି । ମହାକାଶରୁ ଭାରତୀୟମାନଙ୍କୁ ବାର୍ତ୍ତା ଦେଇ ଶୁଭାଂଶୁ କହିଛନ୍ତି ଯେ ମହାକାଶରୁ ନମସ୍କାର। ୧୪୦ କୋଟି ଭାରତୀୟଙ୍କର ଆଶାକୁ କାନ୍ଧରେ ବୋହିଥିବାରୁ ଗର୍ବ ଅନୁଭବ କରୁଛି। ଆକ୍ସିଅମ୍-୪ ମିଶନ ସଫଳତାର ସହ ଆଇଏସ୍‌ଏସ୍‌ରେ ଡକିଂ ଶେଷ କରିଛି। ପ୍ରାୟ ୨.୫ ଘଣ୍ଟା ଧରି ଡକିଂ ପ୍ରକ୍ରିୟା ଚାଲିଥିଲା। ସ୍ପେଶ୍



ଏକ୍ସର ଡ୍ରାଗର ସ୍ପେଶ୍ କ୍ରାଫ୍ଟ ପ୍ରଥମେ କିଛି ସମୟ ଆନ୍ତର୍ଜାତୀୟ ସ୍ପେଶ୍ ସେଣ୍ଟରରେ ଉଡାଣ ଭରିବା ପରେ ଡକିଂ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ସଫ୍ଟ ଡକିଂ ହୋଇଥିଲା। ଏହାପରେ (୯ ପୃଷ୍ଠାରେ)

## ନବୀନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୬।୬ : ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଚାରି ବୁଝିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଦୀର୍ଘ ସମୟ ଧରି ନବୀନଙ୍କ ସହ କଥା ହୋଇଥିଲେ। ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ନବୀବନଙ୍କ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ସୁସ୍ଥ ହେବାପରେ (୯ ପୃଷ୍ଠାରେ)

# ଆଜି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା



ପୁରୀ, ୨୬।୬ (ସବ୍ୟୁ) : ଆସନ୍ତାକାଲି ରତ୍ନ ସିଂହାସନ ଛାଡି ବଡ ଦାଣ୍ଡକୁ ଆସିବେ ଶ୍ରୀଜୀଉ। ରଥ ପ୍ରସ୍ତୁତ, ପଥ ବି ପ୍ରସ୍ତୁତ। ଭକ୍ତଙ୍କ ଗହଣରେ ୯ ଦିନ ଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବେ ମହାପ୍ରଭୁ। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ଏବେ ବେଶ୍ ଚଳଚଞ୍ଚଳ । ରାତିରୁ ଭିଡ ଆରମ୍ଭ ହୋଇଗଲାଣି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସନ୍ତାକାଲି ରଥାରୁଢ଼ ଚତୁର୍ଦ୍ଧାମୁରତୀଙ୍କୁ ଦର୍ଶନ କରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡାନ୍ତ ହୋଇଛି। ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ କରିବା ଲାଗି ସମସ୍ତ ବ୍ୟବସ୍ଥା ହୋଇଛି ।

ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଆଜି ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା। ରଥ ଯାତ୍ରା ପାଇଁ ସିଂହ ଦ୍ୱାର ନିକଟରେ ଦଣ୍ଡାୟମାନ ହୋଇ ରହିଛି ତିନି ରଥ। ରଥ ଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଗ୍ରହଙ୍କର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଚୂଡାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଅନୁସାରେ

ମଙ୍ଗଳ ଆଳତୀ ସକାଳ ୬ ଟା, ମଇଲମ ସକାଳ ୬ ଟା ୧୦, ତଡପ ଲାଗିସକାଳ ୬ ଟା ୩୦, ରୋଷ ହୋମ ସକାଳ ୬ ଟା ୩୦, ଅବକାଶ ସକାଳ ୭ ଟା, ସୂର୍ଯ୍ୟ ପୂଜା ସକାଳ ୭ ଟା ୧୦, ଦ୍ୱାରପାଳ ପୂଜା ସକାଳ ୭ ଟା ୩୦, ବେଶ ଶେଷ ସକାଳ ୭ ଟା ୩୦, ଗୋପାଳ ବଲ୍ଲଭ ଓ ସକାଳ ଧୂପ(ଖେଚୁଡି ଭୋଗ ସକାଳ ୮ ଟାରୁ ୯ଟା, ରଥ ପ୍ରତିଷ୍ଠା ସକାଳ ୯ ଟା, ମଙ୍ଗଳାର୍ପଣ ସକାଳ ୯ ଟା ୧୫, ପହଣ୍ଡି ଆରମ୍ଭ ସକାଳ ୯ ଟା ୩୦ ପହଣ୍ଡି ଶେଷ ଦିନ ୧୨ ଟା ୩୦ ଶ୍ରୀ ମଦନମୋହନ, (୯ ପୃଷ୍ଠାରେ)

- ସିଂହଦ୍ୱାର ସମ୍ମୁଖରେ ୩ ରଥ
- ରତ୍ନ ସିଂହାସନ ଛାଡି ବଡଦାଣ୍ଡକୁ ଆସିବେ ମହାବାହୁ
- ସକାଳ ୯ .୩୦ରେ ପହଣ୍ଡି
- ଅପରାହ୍ନ ୪ଟାରେ ରଥଟଣା
- ନବ ଯୌବନ ଦର୍ଶନ ଶେଷ












ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରାଚୀନତାକୁ ନେଇ ଅନେକ ସମୟରେ ଚର୍ଚ୍ଚା ହୋଇଥାଏ । ଏହାର ବର୍ଣ୍ଣନା ବିଭିନ୍ନ ପୁରାଣ ଓ ବେଦରେ ରହିଛି । ଋକବେଦରେ ଥିବା ବର୍ଣ୍ଣନା ଅନୁସାରେ ସୂର୍ଯ୍ୟଦେବ ସବୁବେଳେ ରଥରେ ଯାତ୍ରା କରିଥାଆନ୍ତି । ତେବେ ଶ୍ରୀଜିଉଙ୍କର ରଥଯାତ୍ରା ବା ଘୋଷଯାତ୍ରା ପୃଥିବୀ ପ୍ରସିଦ୍ଧ । ଏହା ଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଗୋଟିଏ । ଏହା ଠାକୁରଙ୍କର ସର୍ବଶ୍ରେଷ୍ଠ ପର୍ବ ବୋଲି ବିବେଚନା କରାଯାଇଥାଏ । ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟ ଧାରା ରୂପେ ଏହା ଗୃହୀତ । ଏହି ଯାତ୍ରାର ବର୍ଣ୍ଣନା ବ୍ରହ୍ମ ପୁରାଣ, ନାରଦ ପୁରାଣ, କପିଳା ସଂହିତା, ସ୍କନ୍ଦ ପୁରାଣ, ନାରଦ ପୁରାଣ, ବାମଦେବ ସଂହିତା, ନୀଳାଦ୍ରି ମହୋଦୟ ଆଦି ପ୍ରାଚୀନ ପୁରାଣମାନଙ୍କରେ ରହିଛି । ଏହାର ଆରମ୍ଭ ନେଇ ସେଭଳି କୌଣସି ତଥ୍ୟ ନଥିଲେ ମଧ୍ୟ ଏହା ବହୁ ପ୍ରାଚୀନ ବୋଲି ତଥ୍ୟ ରହିଛି । ଏହାର ଆରମ୍ଭକୁ ନେଇ ଅନେକ ବର୍ଣ୍ଣନା ରହିଛି । ବିଭିନ୍ନ ପୁରାଣ ଓ ବିଭିନ୍ନ ଲେଖକ ଏହାକୁ ନେଇ ଅନେକ ନୂଆନୂଆ ତଥ୍ୟ ରଖିଛନ୍ତି । ତେବେ ସବୁବର୍ଷ ରଥଯାତ୍ରାକୁ ନେଇ ବିଶ୍ୱବାସୀଙ୍କ ଭିତରେ ଅନନ୍ୟ ଶ୍ରଦ୍ଧା । ପ୍ରତିଥରକୁ ସମସ୍ତେ ଉପଭୋଗ କରିବାକୁ ଆଶା ରଖନ୍ତି । ସମସ୍ତେ ଏହି ମହାପ୍ରଭୁଙ୍କର ଏହି ଯାତ୍ରାକୁ ଅପେକ୍ଷା କରିଥାଆନ୍ତି । କିଭଳି ଠାକୁରଙ୍କୁ ରଥ ଉପରେ ଦେଖିବେ ସେଥିପାଇଁ ସମସ୍ତେ ଉତ୍କଣ୍ଠାର ସହିତ ପ୍ରତିବର୍ଷ ଅପେକ୍ଷା କରି ରହିଥାଆନ୍ତି । ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ ମହାପ୍ରଭୁଙ୍କର ପବିତ୍ର ଘୋଷଯାତ୍ରା । ଏହି ତିଥିରେ ମହାପ୍ରଭୁ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରା କରି ଥାଆନ୍ତି । ଏହି ନଅଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହି ପୁଣି ଫେରି ଆସନ୍ତି ରତ୍ନସିଂହାସନକୁ । ରଥଯାତ୍ରାକୁ ନେଇ ସମଗ୍ର ପୁରୀ ଚଳଚଞ୍ଚଳ ହୋଇଉଠେ । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଏହି ଦିନ ଠାକୁରଙ୍କ ଦର୍ଶନ ପାଇଁ ଭିଡ ଲଗାଇଥାଆନ୍ତି । ଯେଉଁମାନେ ମନ୍ଦିର ଭିତରକୁ ପ୍ରବେଶ କରି ପାରନ୍ତି ନାହିଁ ସେମାନଙ୍କ ପାଇଁ ଏହି ଯାତ୍ରା ବେଶ୍ ଗୁରୁତ୍ୱ ବହନ କରିଥାଏ ।





# ରଥ ପଥ ଜଗନ୍ନାଥ

## ରଥ ସେବକ

**ବଢେଇ ମହାରଣା–** ରଥନିର୍ମାଣରେ ନିୟୋଜିତ ହୋଇଥାଆନ୍ତି ଅନେକ ସେବକ ଯେଉଁଥିରେ ବଢେଇ ମହାରଣା ଅନ୍ୟତମ । ଏହି ବଢେଇ ମହାରଣାଙ୍କ ମଧ୍ୟରେ ସୂତାର, ତଳି ମହାରଣା, ମହାରଣା, ରଥ ଅମିନ ରହିଥାଆନ୍ତି । ରଥ କାଠ ଅନୁକୂଳଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଏହି ସେବା ଜାରି ରହିଥାଏ ।

**ଓଝା ସେବକ–** ଏହି ସେବକମାନେ ଦୋଳବେଦୀ କୋଣରେ ରଥ ପାଇଁ ଏକ ସ୍ୱତନ୍ତ୍ର କମାରଶାଳ କରିଥାଆନ୍ତି । ସେଠାରୁ ରଥପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଅଣାଯାଇଥାଏ ।

**ଭୋଇ ସେବକ–** ରଥ ନିର୍ମାଣରେ ବ୍ୟବହୃତ କାଠକୁ ନେବା ଆଣିବା ପାଇଁ ଭୋଇ ସେବକଙ୍କୁ ନିୟୋଜିତ କରାଯାଇଥାଏ । କାଠ ସମ୍ବନ୍ଧିତ ବିଭିନ୍ନ କାମରେ ସେ ସହଯୋଗ କରିଥାଆନ୍ତି ।

**ଦରଜି ସେବା–** ତିନିରଥ ପାଇଁ ନିର୍ଦ୍ଦିଷ୍ଟ ଥିବା ରଥ କନାକୁ କାଟିଥାଆନ୍ତି ଏହି ସେବାୟତ । ସେଗୁଡିକ ସିଲାଇ କରିବା ସହିତ ରଥକନାରେ ବିଭିନ୍ନ ଫୁଲ ସିଲେଇ କରି ଆକର୍ଷଣୀୟ କରିଥାଆନ୍ତି ।

**ତାମରା ବିଶୋଇ–** ଏମାନେ ଶ୍ରୀଅଙ୍ଗପାଇଁ ତାମ୍ରପଟା ପ୍ରସ୍ତୁତ କରିଥାଆନ୍ତି । ଠାକୁରମାନଙ୍କର ପହଣ୍ଡିରେ ଲାଗିଥାଏ ସେନାପଟା । ଏହି ସେନାପଟାରେ ତାମ୍ରପାତିଆ ପ୍ରସ୍ତୁତ କରି ଦେଇଥାଆନ୍ତି ।

**ରୂପକାର–** ତିନିରଥ ନିର୍ମାଣ କରାଯିବା ସହ ରଥକୁ ସୁନ୍ଦର ଓ ଆକର୍ଷଣୀୟ କରାଯାଏ । ରଥରେ ହେଉଥିବା ରୂପକାର କାର୍ଯ୍ୟକୁ ଏମାନେ ସମ୍ପାଦନ କରିଥାଆନ୍ତି । ଏଥିରେ ଅନେକ ସେବାୟତ ଠାକୁରଙ୍କ ରଥକୁ ସୁନ୍ଦରଭାବେ ସଜାଇଥାଆନ୍ତି ।

## ରଥାରୂଢ଼ ହେବାକୁ ଆସନ୍ତି ପାଲିଙ୍କିରେ

ଆଜି ପବିତ୍ର ରଥଯାତ୍ରା, ରାଜ୍ୟର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଅନୁଷ୍ଠିତ ହେବ । ପ୍ରାଚୀ ଉପତ୍ୟକାର ବନ୍ଦେଶ୍ୱର ଗ୍ରାମରେ ପୂଜା ପାଇ ଆସୁଥିବା ଶ୍ରୀ ଗୁରୁଦେବ ଠାକୁରଙ୍କ ରଥଯାତ୍ରା ରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ । ବନ୍ଦେଶ୍ୱର ଗାଁ ଠାରୁ ପ୍ରାୟ ୪/୫ କିଲୋମିଟର ଦୂରରେ ଥିବା ତୁଳସୀପୁର ବ୍ରାହ୍ମଣ ଶାସନରେ ରଥ ଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଏହି ଗାଁରେ ଅନୁଷ୍ଠିତ ହୋଇ ଆସୁଥିବା ରଥଯାତ୍ରାରେ ବନ୍ଦେଶ୍ୱର ଗ୍ରାମର ଶ୍ରୀଗୁରୁଦେବ ଠାକୁର ରଥାରୁଢ଼ ହୋଇଥାନ୍ତି । ତୁଳସୀପୁର ବ୍ରାହ୍ମଣ ଶାସନର ଗ୍ରାମବାସୀମାନେ ଶ୍ରୀଗୁଣ୍ଡିଚା ଦିନ ପ୍ରାତଃରୁ ଯାଇ ପହଞ୍ଚନ୍ତି ବନ୍ଦେଶ୍ୱର ଗ୍ରାମରେ । ଶ୍ରୀ ଗୁରୁଦେବ ଠାକୁରଙ୍କୁ ସ୍ନାନ, ମାର୍ଜଣା କରାଯିବା ପରେ ଗ୍ରାମବାସୀ ମାନେ ନେଇଥିବା ନବବସ୍ତ୍ର, ପାଟ, ପୁଷ୍ପ ଅଳଙ୍କାର ଲାଗି କରାଯାଇଥାଏ । ଠାକୁରଙ୍କ ପାଖରେ ବାଳ ଭୋଗ ଲାଗି ହେବା ପରେ ଗୀତା ପାଠ ଅନୁଷ୍ଠିତ ହୋଇଥାଏ । ମଧ୍ୟାହ୍ନରେ ଠାକୁରଙ୍କ ପାଖରେ ଅନ୍ନ ପ୍ରସାଦ ଭୋଗ ଲାଗି ହେବା ପରେ ଏକ ସୁ ସଜ୍ଜିତ ପାଲିଙ୍କିରେ ଗ୍ରାମବାସୀମାନେ ଶ୍ରୀ ଗୁରୁଦେବ ଠାକୁରଙ୍କୁ ଉପବେଶନ କରାଇ ଏକ ଶୋଭାଯାତ୍ରାରେ ନିଜ ଗାଁ ତୁଳସୀପୁରକୁ ନେଇଥାନ୍ତି । ତୁଳସୀପୁର ବ୍ରାହ୍ମଣ ଶାସନରେ ପୂର୍ବରୁ ନିର୍ମିତ ଓ ସଜ୍ଜିତ ରଥରେ ଶ୍ରୀ ଗୁରୁଦେବ ଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ରଥ ଟଣା ଯାଇଥାଏ । ଡାହୁକଙ୍କ ବୋଲିରେ ରଥ ଆଗକୁ ଗଡିଥାଏ । ଠାକୁରଘର ଘର ଭୋଗ ଖାଇ ସଂଧ୍ୟାରେ ଗୁଣ୍ଡିଚା ମନ୍ଦିର ଭାବେ ପରିଚିତ କନକ ଦୂର୍ଗା ମନ୍ଦିର ଠାରେ ପହଞ୍ଚନ୍ତି । କନକ ଦୂର୍ଗା ମନ୍ଦିରରେ ୭ ଦିନ ପୂଜା ପାଆନ୍ତି । ଗ୍ରାମବାସୀ ମାନଙ୍କ ପକ୍ଷରୁ ପାଳି କରି ଠାକୁରଙ୍କ ପାଖରେ ଅନ୍ନ ଭୋଗ ଲାଗି କରାଯାଇ ଥାଏ। ୯ ଦିନ ପାଇଁ ତୁଳସୀପୁର ବ୍ରାହ୍ମଣ ଶାସନ ଶ୍ରୀ କ୍ଷେତ୍ର ପାଲଟିଯାଏ । ଏହି ଅବସରରେ ପ୍ରତ୍ୟେହ ସଂଧ୍ୟାରେ ସଂଧ୍ୟା ଆଳତୀ ଓ ଗୀତ ଗୋବିନ୍ଦ ପାଠ ଅନୁଷ୍ଠିତ ହୋଇଥାଏ । ନବମୀ ଦିନ ଠାକୁରଙ୍କ ସମ୍ମୁଖରେ ଦ୍ୱାଦଶ ସ୍କନ୍ଦ ଭାଗବତ ପାଠ ହୋଇଥାଏ । ବାହୁଡ଼ା ଦିନ ଠାକୁର ରଥାରୂଢ଼ ହୋଇ ଘର ଘର ଭୋଗ ଖାଇ ଗାଁ ଶେଷ ମୁଣ୍ଡରେ ପହଞ୍ଚନ୍ତି । ବାଟରେ ମାଉସୀ ମା' ଘର ଠାରେ ସଂଧ୍ୟା ଆଳତୀ ଓ ପୋଡ଼ ପିଠା ଭୋଗ ଲାଗି କରାଯାଇଥାଏ । ରଥ ଉପରେ ଅଧରପଣା, ସୁନାବେଶ ନୀତି ଅନୁଷ୍ଠିତ ହେବା ପରେ ନୀଳାଦ୍ରି ବିଜେ ଦିନ ପୁଣି ଗ୍ରାମବାସୀମାନେ ଠାକୁରଙ୍କୁ ସୁସଜ୍ଜିତ ପାଲିଙ୍କିରେ ବସାଇ ଶୋଭାଯାତ୍ରାରେ ବନ୍ଦେଶ୍ୱର ଗ୍ରାମକୁ ନେଇ ଠାକୁରଙ୍କ ସ୍ୱ ମନ୍ଦିରରେ ପ୍ରବେଶ କରାଇଥାନ୍ତି । ସେଠାରେ ଠାକୁରଙ୍କୁ ଅନ୍ନ ପ୍ରସାଦ ଭୋଗ ଲାଗି କରି ଗ୍ରାମବାସୀ ମାନେ ନିଜ ଗାଁ ତୁଳସୀପୁର କୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଶେଷ ହୋଇଥାଏ ଶ୍ରୀ ଗୁରୁଦେବ ଠାକୁରଙ୍କ ଅନନ୍ୟ ନିଆରା ରଥଯାତ୍ରା ।



**ସନ୍ତୋଷ ଦାଶ, ମୋ – ୯୪୩୯୩୬୧୮୮**

## ଶଙ୍ଖକ୍ଷେତ୍ର



ପୁରୀରେ କେବଳ ଯେ ଜଗନ୍ନାଥଙ୍କ ମନ୍ଦିର ରହିଛି ତାହା ନୁହେଁ ଏଠାରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି ଯାହା ଶଙ୍ଖକ୍ଷେତ୍ରକୁ ସ୍ୱତନ୍ତ୍ର କରିଥାଏ । ପୁରୀ ମନ୍ଦିର ଭିତର ଛଡ଼ା ସହର ମଧ୍ୟରେ ଏଭଳି ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି ଯାହା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିଥାଏ । ପ୍ରତିଦିନ ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କ ମାନେ ଲକ୍ଷାଧୀକ ସଂଖ୍ୟାରେ ଏହି ସମସ୍ତ ସ୍ଥଳକୁ ମଧ୍ୟ ବୁଲି ଦେଖିଥାଆନ୍ତି । ଏହି ସ୍ଥଳ ଗୁଡିକ ଜଗନ୍ନାଥଙ୍କର ଅନନ୍ୟ ମହିମାକୁ ପ୍ରତିପାଦିତ କରିଥାଏ ।

୧. ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ
୨. କ୍ଷେତ୍ରେଶ୍ୱରୀ ବିମଳା
୩. ମହାଲକ୍ଷ୍ମୀ
୪ . ଉତ୍ତର ଦୁର୍ଗା
୫ .ବାଟମଙ୍ଗଳା
୬ . ଗରୁଡ ସ୍ତମ୍ଭ
୭ . ଭୋଗ ମଣ୍ଡପ
୮ . କଳ୍ପ ବୃକ୍ଷ
୯. ରୋହିଣୀକୁଣ୍ଡ
୧୦ . ବଟଗଣେଷ
୧୧. ଉଚ୍ଛିଷ୍ଟ ଗଣପତି
୧୨. ସରସ୍ୱତୀ ଦେବୀ
୧୩ . ନବଗ୍ରହ
୧୪. କୋଣାର୍କ ସୂର୍ଯ୍ୟଦେବ
୧୫ . ପାଦପଦ୍ମ
୧୬. ଯଜ୍ଞବଟ
୧୭. ଅଙ୍ଗେଶ୍ୱର
୧୮ . ଇନ୍ଦ୍ରାଣୀ ଦେବୀ
୧୯ . କ୍ଷେତ୍ରପାଳ
୨୦. ସ୍ୱର୍ଣ୍ଣ ଭୈରବୀ
୨୧ . ମୁକ୍ତେଶ୍ୱରୀ
୨୨ . ଛତ୍ରକାଳୀ
୨୩ . ବଟ ମାର୍କଣ୍ଡେୟ
୨୪ . କାତ୍ୟାୟନୀ
୨୫ . ଗୋପେଶ୍ୱର
୨୬ . ବେଢାକାଳୀ
୨୭. ପାତାଳେଶ୍ୱର
୨୮ . ଭୁବନେଶ୍ୱରୀ
୨୯ . ବୈକୁଣ୍ଠେଶ୍ୱର
୩୦. ଯଜ୍ଞେଶ୍ୱରୀ
୩୧ . ଇଶାନେଶ୍ୱର
୩୨. ଶୀତଳା ଦେବୀ
୩୩. ପାକଶାଳା
୩୪. ଦକ୍ଷିଣେଶ୍ୱର
୩୫ . କୁଣ୍ଡଳେଶ୍ୱର
୩୬ . ରାମ ଚୈତନ୍ୟ ମନ୍ଦିର
୩୭ . ବାରଭାଇ ହନୁମାନ
୩୮ . ନୁର୍ମାଲ୍ୟ ହନୁମାନ
୩୯ . ଅଳକା ବାଟିକା
୪୦ . ଚକ୍ରନାରାୟଣ
୪୧ . ରାମେଶ୍ୱର
୪୨ . ଚର୍ତ୍ତୁଧାମ
୪୩ . କଣପଟ ହନୁମାନ
୪୪ . ନିଳାଦ୍ରୀବିହାରୀ
୪୫ . ବାୟବ୍ୟେଶ୍ୱର
୪୬ . ଶିଳାଳି ଲଟା
୪୭ . କୋଇଲି ବୈକୁଣ୍ଠ
୪୮ . ତପସ୍ୱୀ ହନୁମାନ
୪୯ . ସୂନା କୂଅ
୫୦ . ଆନନ୍ଦବଜାର
୫୧. ଦେବସ୍ନାନ ମଣ୍ଡପ
୫୨. ମେଘନାଦ ପାଚେରୀ
୫୩ . ସିଂହଦ୍ୱାର
୫୪ . ଅରୁଣସ୍ତମ୍ଭ
୫୫ . ବଡଛତାମଠ
୫୬ . ଛାଉଣୀମଠ
୫୭ . ପେଜନଳା
୫୮ . ପ୍ରହରୀ ହନୁମାନ
୫୯ . ଦକ୍ଷିଣଦ୍ୱାର
୬୦ . ଦୁର୍ଗାମାଧବ
୬୧ . ମଙ୍ଗଳେଶ୍ୱରୀ
୬୨ . ପଶ୍ଚିମଦ୍ୱାର
୬୩ . ଉତ୍ତରଦ୍ୱାର
୬୪ . ଶ୍ରୀଲୋକନାଥ
୬୫ . ରାମେଶ୍ୱର
୬୬ . କଣ୍ଟୁ ନୃସିଂହ
୬୭ . କଣ୍ଟୁ ଆଶ୍ରମ
୬୮ . ନିକୁମ୍ଭିଳାବଟ
୬୯ . ହରଚଣ୍ଡୀ
୭୦ . ଚାମୁଣ୍ଡେଶ୍ୱରୀ
୭୧ . ବନଦୁର୍ଗା
୭୨ . ବାସେଳୀ
୭୪ . ମଣିକର୍ଣ୍ଣିକା ତୀର୍ଥ
୭୫ . ଘାଟ ମଙ୍ଗଳା
୭୬ . ଭଗବତୀ
୭୭. ମାର୍କେଣ୍ଡେଶ୍ୱର
୭୮ . ମାର୍କଣ୍ଡେୟ ତୀର୍ଥ
୭୯ . ସପ୍ତମାତୃକା
୮୦ . ଅଲମ୍ବା ଦେବୀ
୮୧ . ଅଠରନଳା
୮୨ . ମକରଧ୍ୱଜ ହନୁମାନ
୮୩ . ଭାର୍ଗବୀ ନଦୀ
୮୪ . ମୁକ୍ତେଶ୍ୱର
୮୫ . ବାଟମଙ୍ଗଳା
୮୬ . କପୋତେଶ୍ୱର
୮୭ . ବିଲେଶ୍ୱର
୮୮ . ସିଦ୍ଧ ହନୁମାନ
୮୯ . ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ
୯୦ . ନୀଳକଣ୍ଠେଶ୍ୱର
୯୧ . ଆଦିନୃସିଂହ
୯୨ . ଗୁଣ୍ଡିଚା ମଣ୍ଡପ
୯୩ . ମାଉସୀ ମାଆ ମନ୍ଦିର
୯୪ . ମରିଚିକା ଦେବୀ
୯୫ . ଚର୍ଚ୍ଚିକା ଦେବୀ
୯୬ . ଷୋଡଶପୁତ୍ରୀ
୯୭ . ନାରାୟଣୀ
୯୮ . ଅଙ୍ଗିରାଶ୍ରମ
୯୯ . ଅଙ୍ଗିରାବଟ
୧୦୦ . ଦକ୍ଷିଣକାଳୀ
୧୦୧ . ଉଗ୍ରେଶ୍ୱର ଆଶ୍ରମ
୧୦୨ . ଶ୍ୱେତଗଙ୍ଗା
୧୦୩ . ମୁକ୍ତିଶିଳା
୧୦୪ . ଆଦି ଶଙ୍କରପୀଠ
୧୦୫ . ସ୍ୱର୍ଗଦ୍ୱାର
୧୦୬ . ବାରାହୀ ଦେବୀ
୧୦୭ . ଶ୍ୟମା କାଳୀ
୧୦୮ . ବେଦୀ ହନୁମାନ
୧୦୯ . ଚକ୍ରତୀର୍ଥ
୧୧୦ . ଚକ୍ରନାରାୟଣ
୧୧୧ . ମହୋଦଧି ତୀର୍ଥ
୧୧୨ . ଜଗନ୍ନାଥବଲ୍ଲଭ
୧୧୩ . କାଶୀ ବିଶ୍ୱନାଥ
୧୧୪ . ବିଶ୍ୱେଶ୍ୱରୀ
୧୧୫ . ନରେନ୍ଦ୍ର ସରୋବର

## ପଟିଦିଅଁ

ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାର ପ୍ରତ୍ୟେକ ନୀତି, ଯାନିଯାତ୍ରା, ବେଶ ଓ ଉତ୍ସବ ତଥା ମହୋତ୍ସବ ସାମାଜିକ ଦୃଷ୍ଟିରୁ ରହସ୍ୟମୟ । ଏହି ରହସ୍ୟଗୁଡ଼ିକ ମାନବୀୟ ମୂଲ୍ୟବୋଧର ପ୍ରତୀକ । ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ଦେବତା ଭାବରେ ଶ୍ରୀନାରାୟଣ ସ୍ୱୀକୃତ । ତାଙ୍କର ଧାତୁମୂର୍ତ୍ତି ଶ୍ରୀମନ୍ଦିରର ଦକ୍ଷିଣିଘରେ ବର୍ଷସାରା ଉପାସିତ ହୁଅନ୍ତି । ମହାପ୍ରଭୁଙ୍କ ଆଜ୍ଞାରେ ସେ ଜଗତମଙ୍ଗଳ ଲୀଳା କରନ୍ତି, କିନ୍ତୁ ଅଣସର ସମୟରେ ମହାପ୍ରଭୁଙ୍କ ସ୍ଥାନରେ ଧାତୁବିଗ୍ରହ ପୂଜିତ ନ ହୋଇ ଶ୍ରୀନାରାୟଣ ପଟ୍ଟଚିତ୍ରରେ ଶୋଭା ପାଆନ୍ତି । ମହାପ୍ରଭୁ ନିଜେ ଅନନ୍ତ । ଯାହାଙ୍କର ଆଦି-ଅନ୍ତ ନାହିଁ ବୋଲି ଶାସ୍ତ୍ରରେ କୁହାଯାଇଛି, ତେଣୁ ଅଣସରରେ ମହାପ୍ରଭୁଙ୍କ ସ୍ଥାନରେ ଶ୍ରୀନାରାୟଣ ପୂଜା ହୁଅନ୍ତି 'ଶ୍ରୀଅନନ୍ତ ନାରାୟଣ' ରୂପରେ । ସେ ହୁଅନ୍ତି ଚାରିବାହୁ ଯୁକ୍ତ । ଭକ୍ତବତ୍ସଳ ଭାବନାରେ ସେ ବକ୍ଷରେ ଧାରଣ କରନ୍ତି ଶ୍ରୀବତ୍ସଙ୍କ ପାଦଚିହ୍ନ । ବାମ ପାର୍ଶ୍ୱରେ ଦଣ୍ଡାୟମାନ ହୁଅନ୍ତି ସାତ ଋଷି । ଚାଳି ସଦୃଶ ତାଙ୍କ ମନ୍ଦିର ଉପରେ ରହନ୍ତି ଚାରୋଟି ପାରା । ଏଇମାନେ ହେଉଛନ୍ତି ଶାନ୍ତିର ସଙ୍କେତ, ଶାନ୍ତିର ମଙ୍ଗମନୀ, ଶାନ୍ତିର ସୂର୍ଯ୍ୟୋଦୟ ଓ ଶାନ୍ତିର ସମ୍ଭାବନା । ପଟିଦିଅଁ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀଅନନ୍ତ ନାରାୟଣ ରହିଲାପରି ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଉପାସିତ ହୁଅନ୍ତି ଶ୍ରୀଅନନ୍ତବାସୁଦେବ । ଚିତ୍ରପଟ୍ଟିରେ ସୁଭଦ୍ରାଙ୍କ ସ୍ଥାନରେ ପୂର୍ଣ୍ଣବୟବ ରୂପରେ ଉପାସିତ ହୁଅନ୍ତି ଭୁବନର ଈଶ୍ୱରୀ । ଭୁବନର କର୍ତ୍ତା ଭୁବନମୟ ଅନନ୍ତ ନାରାୟଣ ରୂପରେ ଉପାସିତ ହେବା ପରେ ଭୁବନର ଧର୍ତ୍ତା ଅର୍ଥାତ୍ ଭୁବନକୁ ଧାରଣ କରିଥିବା ଅନନ୍ତବାସୁଦେବ ରୂପରେ ଉପାସିତ ହୁଅନ୍ତି । ମହାପ୍ରଭୁ ନବଯୌବନରେ ପ୍ରବେଶ କରିବାର ପୂର୍ବମୁହୂର୍ତ୍ତରେ ପଟିଦିଅଁ ଉଠିଯାଇ ବିଜେ କରନ୍ତି ମଣ୍ଡଣିଘରେ । ମଣ୍ଡଣିଘର କୁହାଯାଏ ମା' ବିମଳାଙ୍କ ମନ୍ଦିର ପାଖରେ ଥିବା ଶ୍ରୀଗୋପେଶ୍ୱର ମହାଦେବ ଓ ଶ୍ରୀନନ୍ଦବାସୁଦେବ ମନ୍ଦିରକୁ । ଏହା ବି ହର ଓ ହରିଙ୍କ ଆସ୍ଥାନ । ସ୍ଥାନ ପରିବର୍ତ୍ତନ ହେଲେ ବି ଲକ୍ଷ୍ୟ ବଦଳେ ନାହିଁ । ପଟିଦିଅଁ ବିସର୍ଜିତ ହୁଅନ୍ତି ନାହିଁ । ପୂଜା ବନ୍ଦ ହୁଏ ନାହିଁ । ରୂପ ବିବର୍ଣ୍ଣ ହେଲେ ଜଳରେ ମେଲାଣି ଦିଆଯାଏ । ପ୍ରତିନିଧି ଦେବଦେବୀମାନେ ଯାଆନ୍ତି ଦକ୍ଷିଣିଘରକୁ, ପୁଣି ରତ୍ନସିଂହାସନକୁ ।



# ରଥଯାତ୍ରାକୁ ଆସୁଥିବା ଭକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ


ଭୁବନେଶ୍ୱର,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ତଥା ଭକ୍ତମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ସ୍ୱାଗତ ଜଣାଇଛନ୍ତି। ନିୟମ ଓ ନିଷ୍ଠାର ସହ ରଥଯାତ୍ରାରେ ସାମିଲ ହୋଇ ରଥାରୂଢ଼ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ କରି ଆଶୀର୍ବାଦ ଲାଭ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୋସିଆଲ ମିଡ଼ିଆରେ ଏକ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଏହା ଉଲ୍ଲେଖ କରିଛନ୍ତି।





## ଦୀପୁ ଓ ଓମ୍ ହତ୍ୟାକାଣ୍ଡ ମାମଲା

# ଡି' ବ୍ରଦର୍ସ ନିର୍ଦ୍ଦୋଷରେ ଖଲାସ

କଟକ,(ସବ୍ୟୁ): କଟକର ବହୁ ଚର୍ଚ୍ଚିତ ଦୀପୁ ଓରଫ ମନୋଜ ମଲ୍ଲିକ ଏବଂ ଓମ୍ ଓରଫ ଓମ୍‌ପ୍ରକାଶ ସ୍ୱାଇଁ ହତ୍ୟା ଘଟଣାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ଧଳସାମନ୍ତ ବଦର୍ସ। କେବଳ ବେଆଇନ ବନ୍ଧୁକ ରଖୁବା ଅଭିଯୋଗରେ ଅଦାଲତ ଡି' ବ୍ରଦର୍ସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ଘଟଣାରେ ସେମାନଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲାବେଳେ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଦୀପୁ ଏବଂ ଓମ୍ ହତ୍ୟା ଘଟଣାରେ ଡି' ବ୍ରଦର୍ସଙ୍କ ସମେତ ସେମାନଙ୍କର ପ୍ରାୟ ୮ ଜଣ ସହଯୋଗୀଙ୍କ ନାମରେ ପୁଲିସ୍ ମାମଲା ରୁଜୁ କରି ଗିରଫ କରିଥିଲା। ପିଣ୍ଟା ଓରଫ ଦେବବ୍ରତ ଦାସ, ଲିଟୁ ଓରଫ ଭରତ ବେହେରା, ଲିପୁନା ଓରଫ ଦେବଦତ୍ତ ଦାସ, ଆରିବ୍ ଖାନ, ଗୁଡୁ ଓରଫ ଦେବାଶିଷ ସାହୁ ଏବଂ ଦେବଶିଷ କର ପ୍ରମୁଖ ସମସ୍ତ ସହଯୋଗୀଙ୍କୁ ମଧ୍ୟ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଦୁଇ ଅଭିଯୁକ୍ତ ଭଜନା ଏବଂ ଭୋଲାଭଗତ ଯଦିଓ ଏହି ମାମଲାରେ ଗିରଫ ହୋଇଥିଲେ କିନ୍ତୁ ଇତିମଧ୍ୟରେ ସେମାନଙ୍କର ଦେହାନ୍ତ ହୋଇଯାଇଛି। ଦୀପୁ ଏବଂ ଓମ୍ ହତ୍ୟା ଘଟଣାରେ ମାମଲାର ଶୁଣାଣି କରି କଟକ ଜିଲ୍ଲା ଦୌରାଜଜ୍ ଗତ ୧୮ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ। ଆଜିକୁ ଏହି ମାମଲାର ରାୟ ପ୍ରକାଶ ପାଇବ ବୋଲି ଧାର୍ଯ୍ୟ ହୋଇଥିଲା । ଏଥିପାଇଁ କୋର୍ଟରେ ଆଜି ବଲାଙ୍ଗୀର ଜେଲ୍‌ରୁ ଆସିଥିବା ସୁଶୀଲ ଧଳସାମନ୍ତ ଏବଂ ବାଲେଶ୍ୱର ଜେଲ୍‌ରୁ ଆସିଥିବା ସୁଶାନ୍ତ ଧଳସାମନ୍ତ ଉପସ୍ଥିତ ଥିଲେ । କୋର୍ଟ ପରିସରରେ ପୁଲିସ୍‌ର କଡ଼ା ପ୍ରହରା ମଧ୍ୟ ରହିଥିଲା। ଉଭୟଙ୍କ ଉପସ୍ଥିତିରେ ଅଦାଲତ ଆଜି ୧୮୨ ପୃଷ୍ଠା ସମ୍ବଳିତ ଏହି ରାୟ ଘୋଷଣା କରିଥିଲେ। କଟକ ଜିଲ୍ଲା ଦୌରାଜଜ୍‌ଙ୍କ ଏହି ରାୟ ଫଳରେ ଯଦିଓ ଡି' ବ୍ରଦର୍ସ ବର୍ତ୍ତମାନ ପାଇଁ ଜେଲ୍‌ରୁ ବାହାରି ପାରିବେ ନାହିଁ କିନ୍ତୁ ସେମାନଙ୍କ ବାହାରିବାର ରାସ୍ତା ସହଜ ହୋଇଯାଇଛି। ଡି' ବ୍ରଦର୍ସଙ୍କ ନାମରେ ଥିବା ପ୍ରାୟ ୨୫ଟି ମାମଲା ମଧ୍ୟରୁ ସବୁଠାରୁ ବଡ଼ ଅଭିଯୋଗ ଦୀପୁ ଏବଂ ଓମ୍ ହତ୍ୟାକୁ ନେଇ ରହିଥିଲା । ଅନ୍ୟ ସବୁ ମାମଲା ଗୁଡ଼ିକ ଛୋଟମୋଟ ମାମଲା ହୋଇଥିବାରୁ ସେଥିରେ ଦଣ୍ଡାଦେଶର ବଡ଼ ଭୟ ନଥିଲା । ତେଣୁ ଆଜି ଦୀପୁ ଏବଂ ଓମ୍ ମାମଲାରେ ଛାଡ଼ ପାଇଯାଇଥିବାରୁ ଖୁବ୍‌ଶୀଘ୍ର ସେମାନେ ଜେଲ୍‌ରୁ ବାହାରି ପାରନ୍ତି ବୋଲି ସେମାନଙ୍କ ପକ୍ଷରୁ ଲଢୁଥିବା ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି। ଚାଉଳିଆଗଞ୍ଜ ଅଞ୍ଚଳର ଦୀପୁ ଏବଂ କଲ୍ୟାଣନଗର ଅଞ୍ଚଳର ଓମ୍‌ଙ୍କୁ ଡି' ବ୍ରଦର୍ସ ୨୦୧୩ ନଭେମ୍ବର ୧୨ ତାରିଖରେ ଅପହରଣ କରି ଆଠଗଡ଼ରେ ଥିବା ଖୁଣ୍ଟକଣ୍ଟା ଫାର୍ମ ହାଉସ୍‌କୁ ନେଇଥିଲେ। ସେଇ ଫାର୍ମ ହାଉସ୍‌ରେ ଉଭୟଙ୍କୁ ପିଟିପିଟି ମାରିଥିଲେ ବୋଲି ପୁଲିସ୍ ଅଭିଯୋଗ କରିଥିଲା। ସେମାନଙ୍କ ଶବକୁ ଗାଡ଼ିରେ ନେଇ ଝାଡ଼ଖଣ୍ଡରେ ପୋଡ଼ି ଦେଇଥିଲେ । ଏହି ଘଟଣାରେ ଦୀପୁ ଏବଂ ଓମ୍ ପରିବାର ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଏତଲା ଦିଆଯାଇଥିଲା। ଏହି ଏତଲାକୁ ଆଧାର କରି ପୁଲିସ୍ ଡି' ବ୍ରଦର୍ସଙ୍କୁ ୨୦୧୬ ମସିହା ଜାନୁଆରୀ ୨୯ ତାରିଖ ଦିନ ଗିରଫ କରିଥିଲା। ଡି' ବଦର୍ସଙ୍କ ନାମରେ ପୁଲିସ୍ ଏହି ହତ୍ୟାକାଣ୍ଡ ସହ ଆହୁରି ପ୍ରାୟ ୨୦ଟି ମାମଲା ରୁଜୁ କରିଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୫ଟି ମାମଲାରେ ଡି' ବଦର୍ସଙ୍କୁ ନିମ୍ନ ଅଦାଲତ ଖଲାସ କରି ସାରିଛନ୍ତି। ଆଜି ଦୁଇଟି ମାମଲାରେ ରାୟ ପ୍ରକାଶ ପାଇଛି । ଆଉ ୪/୫ଟି ମାମଲାର ଶୁଣାଣି ପାଇଁ ରହିଛି। ବରିଷ୍ଠ ଆଇନଜୀବୀ ଶ୍ରୀ ମହାପାତ୍ରଙ୍କୁ ଏହି ମାମଲା ପରିଚାଳନାରେ ଆଇନଜୀବୀ ପ୍ରସନ୍ନ କୁମାର ମହାନ୍ତି ଏବଂ ଆଇନଜୀବୀ ସତ୍ୟ ମହାପାତ୍ର ସହଯୋଗ କରୁଥିଲେ ।






### ଜିଏ ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ଗାଦିମଡ଼ା କର୍ମଚାରୀ

# ୫ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ୮ ବର୍ଷ ହେଲା ବଦଳି ହେଉନି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ପ୍ରତି ୩ ବର୍ଷରେ ଜଣେ ସରକାରୀ କର୍ମଚାରୀଙ୍କ ବଦଳି ହେବା କଥା । ଫଳରେ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଆସିଥାଏ । ତେବେ ବହୁ ସକରାରୀ ଅଫିସରେ ୩ ବର୍ଷରୁ ଊର୍ଦ୍ଧ୍ୱର୍ ସମୟ ଧରି ଗାଦି ମାଡ଼ି ରହିଛନ୍ତି କର୍ମଚାରୀ । ଜଣେ କି ଦୁଇ ଜଣ ନୁହେଁ ମାଳମାଳ କର୍ମଚାରୀ ବିଭିନ୍ନ ବିଭାଗରୁ ବଦଳି ହେଉନି । ଏଭଳି ଅନିୟମିତତା ଦେଖିବାକୁ ମିଳିଛି ସାଧାରଣ ପ୍ରଶାସନ (ଜିଏ) ବିଭାଗର ଏଷ୍ଟାବ୍ଲିସମେଣ୍ଟ (ପ୍ରତିଷ୍ଠାନ) ସେକ୍ସନରେ ।

ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ୫ରୁ ଅଧିକ କର୍ମଚାରୀ ୮ ବର୍ଷ ଧରି ଗୋଟିଏ ସିଟ୍‌ରେ ରହି କାର୍ଯ୍ୟ କରୁଛନ୍ତି । ଗତ ସରକାରରେ ସେମାନେ ଗେହ୍ଲା ପୁଅ ସାଜିଥିଲେ । ଏବେର ବିଜେପି ସରକାର ଆସିବା ପରେ ସେମାନେ ଆଢୁଆଳରେ ରହିଯାଇଛନ୍ତି ।

ବିଜେପି ସରକାର ମଙ୍ଗ ଧରିବା ପରେ ଦୁର୍ନୀତିଖୋର ଅଧିକାରୀ ଓ କର୍ମଚାରୀ ଉପରେ

### ଦୁର୍ନୀତିଖୋର ମନୋଭାବ ଯୋଗୁ ପଡ଼ିରହୁଛି ଫାଇଲ

କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଯେଉଁମାନେ ଦୁର୍ନୀତି କରୁଛନ୍ତି, ସେମାନଙ୍କୁ ଛଡା ଯିବନି ବୋଲି ସରକାର ରୋକଠୋକ୍ କହିଛନ୍ତି । ଏପରିକି କେତେକ ଦୁର୍ନୀତିରେ ଲିପ୍ତ ଥିବା କର୍ମଚାରୀଙ୍କ ଉପରେ ମଧ ଭିଜିଲାନ୍ସ ଚଢ଼ାଉ କରାଯାଇ, ସେମାନଙ୍କୁ ଗିରଫ ସହିତ ଚାକିରିରୁ ବହିଷ୍କୃତ କରାଯାଇଛି ।

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଏଷ୍ଟାବ୍ଲିସ୍‌ମେଣ୍ଟ ସେକ୍ସନରେ ୫ରୁ ଊର୍ଦ୍ଧ୍ୱର୍ କର୍ମଚାରୀମାନେ ଦୀର୍ଘ ୮ ବର୍ଷରୁ ଅଧିକ ସମୟ ଗାଦି ମାଡ଼ି ବସିବା ସହ ବିଭିନ୍ନ କାର୍ଯ୍ୟ ପାଇଁ ଉତ୍କୋଚ ମାଗୁଥିବା ଜଣେ ଉଚ୍ଚପଦସ୍ଥ ଅଧିକାରୀ ଅଭିଯୋଗ କରିଛନ୍ତି। ସେ ତାଙ୍କ ନାମ ଗୋପନ ରଖି କହିଛନ୍ତି ଯେ, ପଦୋନ୍ନତି ମିଳିବା ସତ୍ତ୍ୱେ ଫାଇଲ କାମ ପାଇଁ ମୋଟା ଅଙ୍କର ଅର୍ଥ ମାଗୁଛନ୍ତି ସେମାନେ । ଟଙ୍କା ନଦେଲେ ସେଠାରେ କାର୍ଯ୍ୟ ହେଉନି ବୋଲି ସେ ଅଭିଯୋଗ କରିଛନ୍ତି । ତେବେ ଏହି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗରେ କରାଯିବ ବୋଲି ସେ କହିଛନ୍ତି।c



ପାଟ୍‌ନା ଠାରେ ହେବାକୁ ଥିବା ଅକ୍ଷୟଶକ୍ତି ଉପରେ ପୂର୍ବାଞ୍ଚଳ ଶକ୍ତିମନ୍ତ୍ରୀମାନଙ୍କ ସମ୍ମିଳନୀ ପୂର୍ବରୁ କେନ୍ଦ୍ର ଖାଉଟି ବ୍ୟାପାର, ସାଧାରଣ ବଣ୍ଟନ ଓ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସହିତ ରାଜ୍ୟ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏଥି ସହ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନାଙ୍କ ସହ ମଧ ତାଙ୍କର ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା ।

# ଧର୍ମେନ୍ଦ୍ରଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭା ବାଚସ୍ପତି, କେନ୍ଦ୍ର ଗୃହମନ୍ତ୍ରୀ ଅମୀତ ଶାହା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ହରିବାବୁ କମ୍ଭମପାଟୀଙ୍କ ସମେତ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବୈଦେଶିକ ମନ୍ତ୍ରୀ ଡ. ଏସ୍.ଜୟଶଙ୍କର, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ମା ସମଲେଶ୍ୱରୀ ଆପଣଙ୍କୁ ସୁଖୀ, ନିରୋଗ ଓ ଦୀର୍ଘାୟୁ କରିବା ସହ ଜନସେବା ପାଇଁ ଅସୀମ ଶକ୍ତି ପ୍ରଦାନ କରନ୍ତୁ। ଆପଣଙ୍କ ନେତୃତ୍ୱ ଓ ଦୂରଦୃଷ୍ଟି ଦେଶର ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେଉ।

### ଗୋପାଳପୁର ବନ୍ଦର, ଜଟାଧାରରେ ଜେଟି ବିକାଶ ଲାଗି ଏମ୍‌ଓୟୁ

# ଇଞ୍ଚୁଡି, ବାହୁଡାରେ ଦୁଇଟି ନୂଆ ବନ୍ଦର ପ୍ରତିଷ୍ଠା ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ଓଡିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପାଳପୁର ବନ୍ଦର ଉନ୍ନତିକରଣ ଏବଂ ଜଟାଧାର ମୁହାଣରେ କ୍ୟାପଫିଭ୍ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷର ଅବସରରେ ଏହା କହିଛନ୍ତି।



ଲୋକସେବା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ବିଭିନ୍ନ ଘରୋଇ କମ୍ପାନୀ ସହିତ ସହଭାଗୀତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଗାମୀ ଦିନରେ ଇଞ୍ଚୁଡି ଓ ବାହୁଡାଠାରେ ଦୁଇଟି ନୂଆ ବନ୍ଦର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଥିବା ବେଳେ ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ ଯୋଜନା ରହିଛି । ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ଜଟାଧାର ମୁହାଣଠାରେ ଏକ କ୍ୟାପଫିଭ୍ ଜେଟି ନିର୍ମାଣ ପାଇଁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ୫୨ ମିଲିଅନ ମେଟ୍ରିକ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ନିମନ୍ତେ ପ୍ରାରମ୍ଭିକସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ । ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ । ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ଏହି ଉନ୍ନତିକରଣ କାର୍ଯ୍ୟ ପରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ ଟନ ହେବ । ଏହା ମାଧ୍ୟମରେ ପ୍ରାୟ ୫ ହଜାର ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୃଷ୍ଟି ହେବ । ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୮,୪୫୦ ନିଯୁକ୍ତି ସୃଷ୍ଟି ହେବ ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ମନ୍ତ୍ରୀଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଓ ଗୋପାଳପୁର ପୋର୍ଟ୍ସ ଲିମିଟେଡର ଅଧିକାରୀମାନେ ଉପସ୍ଥିତ ଥିଲେ ।

- ଜଟାଧାର ମୁହାଣରେ ଜେଏସ୍‌ଡବ୍ଲ୍ୟୁର ୨,୧୦୦ କୋଟି ନିବେଶ
- ଗୋପାଳପୁର ବନ୍ଦରରେ ନିବେଶ ହେବ ୧୬,୫୫୪ କୋଟି
- ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ୮,୪୫୦ ନିଯୁକ୍ତି ସୃଷ୍ଟି ହେବ

## ମୋରମ ଖଣିରେ ଚଢ଼ାଉ: ଜଣେ ଗିରଫ

ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ହରିପୁର ଅଂଚଳରେ ଚାଲିଥିବା ବେଆଇନ ମୋରମ ଖଣି ଉପରେ ଗୁରୁବାର ଦିନି ନିରାକାରପୁର ପୁଲିସ ଚଢ଼ାଉ କରିଛି । ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ଏସ ଆଇ ଦିପଲିଶା ନାୟକ ଉକ୍ତ ବେଆଇନ ଖଣି ଉପରେ ଚଢ଼ାଉ କରି ଏକ ମୋରମ ବୋଝେଇ ଟ୍ରାକଫର ଜବତ କରିଥିବା ଜଣାପଡିଛି । ଡ୍ରାଇଭର ଟାଙ୍ଗୀ ଥାନା କନ୍ତଲବାଇ ର ଆଲୋକ ପରିଡ଼ା (୨୩) କୁ ଗିରଫ କରାଯାଇ କେସ ନଂ ୧୪୧/୨୫ ରେ ମାମଲା ରୁଜୁ କରାଯାଇଛି ।

## ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଶନିବାର ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ହେବ । ଅପରାହ୍ନ ୩ ଘଟିକାରେ ମା ସାରଳାଙ୍କର ଆଜ୍ଞାମାଳ ଆବାହନ,ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭାକାର୍ଯ୍ୟ ଆରମ୍ଭ କରାଯିବ । ଉକ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିବେ । ତାଙ୍କ ସହିତ ଜଗତସିଂହପୁର ଜିଲ୍ଲାର ମନ୍ତ୍ରୀ ତଥା ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂ ପ୍ରସାଦ ତରାଇ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଜଗତସିଂହପୁର ବିଧାୟକ ରମେନ୍ଦ୍ରେ ଦାସ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିବେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ବାସକରୁଥିବା ଜଗତସିଂହପୁର ଜିଲ୍ଲାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଯୋଗଦାନ କରିବା ପାଇଁ ଜଗତସିଂହପୁର ବିକାଶ ପରିଷଦର ସଭାପତି ଅଜୟ କୁମାର ଦାସ ଓ ସାଧାରଣ ସଂପାଦକ ଡ.ସୌଭାଗ୍ୟ ରାଉତରାୟ ନିବେଦନ କରିଛନ୍ତି ।

# ରଥ ପ୍ରସ୍ତୁତ ପଥ ବି ପ୍ରସ୍ତୁତ : ଶ୍ରୀବାଣୀକ୍ଷେତ୍ର ଚଳଚଞ୍ଚଳ

ଭୁବନେଶ୍ୱର, (ସବ୍ୟୁ): ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା । ତିନିରଥରେ ବିଜେକରି ପ୍ରଭୁ ବଳଭଦ୍ର, ମା



ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେବେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ । ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ କିଟ୍ ଜଗନ୍ନାଥ ମନ୍ଦିର ଶ୍ରୀବାଣୀକ୍ଷେତ୍ରରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଶ୍ରୀବାଣୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି । ମହାପ୍ରଭୁଙ୍କ ଘୋଷଯାତ୍ରାକୁ ସୁରୁଖୁରୁରେ ଶାନ୍ତିଶୃଙ୍ଖଳାର ସମ୍ପନ୍ନ କରିବା ନିମନ୍ତେ ଇତି ମଧ୍ୟରେ କିଟ୍ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅଧକ୍ଷତାରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁଙ୍କ ପହଣ୍ଡିଠାରୁ ଆରମ୍ଭ କରି ଛେରାପହଁରା, ରଥଟଣା ପର୍ଯ୍ୟନ୍ତ ସମସ୍ତ ରୀତିନୀତି ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ଶ୍ରୀ ସାମନ୍ତ ପରାମର୍ଶ ଦେଇଥିଲେ। ଆଜି ଶ୍ରୀଜୀଉଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି । ଯୁକ୍ରବାର ସକାଳ ୧୦ଘଣ୍ଟା ସମୟରେ ପହଣ୍ଡି, ଅପରାହ୍ନ ୩ଟାରେ ଛେରାପହଁରା ନୀତି ସମାପନ କରାଯାଇ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ନୀତି ନିର୍ଘଣ୍ଟ ହୋଇଛି । ଜୁଲାଇ ୪ ତାରିଖରେ ଶ୍ରୀଜୀଉଙ୍କ ନବମୀ ସଂଧ୍ୟା ଦର୍ଶନ ଅନୁଷ୍ଠିତ ହେବାକୁ ଥିବା ବେଳେ ୫ ତାରିଖରେ ବାହୁଡ଼ା ଯାତ୍ରା, ୬ରେ ସୁନାବେଶ ଓ ୭ ତାରିଖରେ ଅଧରପଣା ନୀତି ଅନୁଷ୍ଠିତ ହେବ । ନବଦିନ ବ୍ୟାପୀ ଶ୍ରୀଜୀଉଙ୍କ ଏହି ଯାତ୍ରା ସମୟରେ ଜୁନ୍ ୨୮ ତାରିଖରୁ ଗୁଣ୍ଡିଚା ମନ୍ଦିରଠାରେ ପ୍ରତିଦିନ ସଂଧ୍ୟାରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ଆୟୋଜନ ହେବ। ଏହା ଛଡ଼ା ଗୁଣ୍ଡିଚା ମନ୍ଦିରରେ ମୀନବଜାର ବସିବାର ବ୍ୟବସ୍ଥା କରାଯାଇଛି। ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ମନ୍ଦିରର ସମସ୍ତ ରୀତିନୀତି ଅନୁଯାୟୀ ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସମସ୍ତ ଦେବନୀତି ଓ ପର୍ବ ପର୍ବାଣୀ, ମହାପ୍ରଭୁଙ୍କ ଯାନିଯାତ୍ରା ଅନୁଷ୍ଠିତ ହୋଇଥାଏ। ରଥଯାତ୍ରା ପାଇଁ ଶ୍ରୀବାଣୀକ୍ଷେତ୍ରଠାରୁ ଶିଖରଚଣ୍ଡୀ ମନ୍ଦିର ପାଦଦେଶରେ ଅବସ୍ଥିତ ଗୁଣ୍ଡିଚାମନ୍ଦିର ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଶ୍ରୀବାଣୀକ୍ଷେତ୍ର ରଥଯାତ୍ରାରେ ମା ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥାନ୍ତି ।

# ଆରମ୍ଭ ହେଲା ଶିଳ୍ପୀ ସଂଗ୍ରାମ ମେଳା

ଭୁବନେଶ୍ୱର,(ସବ୍ୟୁ): ବରମୁଣ୍ଡା ସ୍ଥିତ ବିଜୁ ପଟ୍ଟନାୟକ ପଡିଆରେ ଶିଳ୍ପୀ ସଂଗ୍ରାମ ମେଳା ଆରମ୍ଭ ହୋଇଛି। ଏହି ମେଳାକୁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ସଚିବ ଅମିତ ଯାଦବ ଉଦ୍‌ଘାଟନ କରିଛନ୍ତି। ଶିଳ୍ପୀ ମେଳା ସପ୍ତାହେ ଅର୍ଥାତ୍ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା "ସବକା ସାଥ୍, ସବକା ବିକାଶର ନୀତିରେ ଜାତୀୟସ୍ତରରେ ଅନୁସୂଚିତ ଜାତି, ପଛୁଆ ବର୍ଗ, ସଫେଇ ମିତ୍ର ଓ ଡିଏନଟି କଳାକାରମାନଙ୍କୁ ସଶକ୍ତ କରିବା ଏହି ମେଳରେ ସେମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡିକୁ ବିକ୍ରି କରିବା ସହ ନିଜର ଆର୍ଥିକସ୍ଥିତି ସୁଦୃଢ଼ କରିବାର ସୁଯୋଗ ରହିଛି। ଏହି ମେଳରେ ୧୪ଟି ରାଜ୍ୟରୁ ୭୫ରୁ ଅଧିକ ଶିଳ୍ପୀ ଯୋଗଦେବା ସହ ସେମାନଙ୍କର ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ କରିଛନ୍ତି। ମେଳାକୁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଆୟୋଜନ କରିଛି। ଏହି ଅବସରରେ ଶ୍ରୀ ଯାଦବ ଗଣମାଧ୍ୟମକୁ କହିଛନ୍ତି, ଏହି ଶିଳ୍ପୀ ସଂଗ୍ରାମ ମେଳା କେବଳ ବିକ୍ରିବଟା ପାଇଁ ବଜାର ନୁହେଁ, କିନ୍ତୁ ଦକ୍ଷତା, ପ୍ରଥା ଓ ପରମ୍ପରା ଦେଖାଇବାର ସୁଗୋଗ ରହିଛି। ଏହି ମେଳାରେ ହସ୍ତଶିଳ୍ପ ପ୍ରଦର୍ଶନ ସହ ସନ୍ଧ୍ୟାରେ ଦେଶର ବିଭିନ୍ନ ପ୍ରସିଦ୍ଧ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଏହି ମେଳାରେ ନିଶାମୁକ୍ତ ଭାରତ ଅଭିଯାନ ଏବଂ ନମସ୍ତେ ଯୋଜନାକୁ ଫୋକସ କରାଯାଇଛି ।

### ନାଲକୋ ପକ୍ଷରୁ ଆଇଏ୯୦ ଗ୍ରେଡ଼ ଆଲୁମିନିୟମ

# ଆଲୟ ଇଙ୍ଗଟର ବଜାର ପ୍ରବେଶ

ଭୁବନେଶ୍ୱର (ସବ୍ୟୁ): ଭାରତସରକାରଙ୍କ ଖଣିମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ନିଜର ଉତ୍ପାଦ ପୋର୍ଟଫୋଲିଓର ବିସ୍ତାର କରିବା ସହ ଅଟୋ ମୋବାଇଲ କ୍ଷେତ୍ରରେ ବଢୁଥିବା ଅବଶ୍ୟକତାକୁ ପୂରଣ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଆଲୁମିନିୟମଆଲୟ ଇଙ୍ଗଟ ଆଇଏ୯୦ର ବଜାର ପ୍ରବେଶ କରାଇଛି । ନାଲକୋର ନିର୍ଦ୍ଦେଶକ (ବାଣିଜ୍ୟକ) ସଦାଶିବ ସାମନ୍ତରାୟ ଅନୁଗୁଳସ୍ଥିତ ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସର



ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ଏହି ନୂତନ ଗ୍ରେଡ଼ ଇଙ୍ଗଟକୁ ଉଦ୍‌ଘାଟନ କରି ବଜାର ପ୍ରବେଶ କରିଛନ୍ତି । ଏହି ଇଙ୍ଗଟ ଅଧିକ ମଜବୁତ ଏବଂ କ୍ଷୟ ପ୍ରତିରୋଧି ହେବା ସହ ଅଟୋମୋଟିଭ୍ ପ୍ରୟୋଗ ନିମନ୍ତେ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି ଉଚ୍ଚ ଶକ୍ତି ସହ ଉତ୍କୃଷ୍ଟ କାଷ୍ଟିଙ୍ଗ କ୍ଷମତା ହେତୁ ଏହାକୁ ହୁଇଲ, ଇଞ୍ଜିନ ବ୍ଲକ୍, ସିଲିଣ୍ଡର ହେଡ୍ ଏବଂ ଅଟୋମୋଟିଭ୍ କ୍ଷେତ୍ରରେ ଅନ୍ୟାନ୍ୟ ଗଠନମୂଳକ ଉପାଦାନ ଗୁଡ଼ିକର ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ । ଆଇଏ୯୦ର ବଜାର ପ୍ରବେଶ ଫଳରେ ଘରୋଇ ଆଲୁମିନିୟମ ବଜାର ରେ ନାଲକୋ ନିଜର ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିପାରିଛି।

### ଜରୁରୀକାଳୀନ ପରିସ୍ଥିତିର କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତିର ଆଲୋଚନାଚକ୍ର

# ଆଜି ମଧ୍ୟ କଂଗ୍ରେସ ପାଖରେ ଏକଛତ୍ରବାଦୀ ଓ ଅହଙ୍କାର ମାନସିକତା ରହିଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଏମର୍ଜେନ୍ସିର ଗୋଟିଏ ମୂଳ କାରଣ ଥିଲା - ଇନ୍ଦିରା ଗାନ୍ଧୀଙ୍କ ପରିବାର ପ୍ରତି ମୋହ । ମୁଁ ଓ ମୋର ପୁତ୍ର ସଞ୍ଜୟ ଗାନ୍ଧୀ ଏବଂ ପରିବାର ଦେଶକୁ ଚଲାଇବାର ମାନସିକତା । ଆଜି ମଧ୍ୟ କଂଗ୍ରେସ ପାଖରେ ସେହି ସାମନ୍ତବାଦୀ, ଏକଛତ୍ରବାଦୀ ଓ ଆହଙ୍କାର ମାନସିକତା ରହିଛି ବୋଲି ଗୁରୁବାର ଭୁବନେଶ୍ୱର ଠାରେ ବିଜେପି ପକ୍ଷରୁ "କଂଗ୍ରେସ ଦ୍ୱାରା ଗଣତନ୍ତ୍ରକୁ କୁଠାରଘାତ ଇତିହାସର ୫୦ ବର୍ଷର କାହାଣୀ" ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସେମିନାରରେ ଶ୍ରୀ ପ୍ରଧାନ କହିଛନ୍ତି, ୧୯୭୫ ଜୁନ୍ ୨୫ ତାରିଖରେ 'ଜରୁରୀକାଳୀନ ପରିସ୍ଥିତି' ଭାରତୀୟ ଗଣତନ୍ତ୍ର ଉପରେ କଂଗ୍ରେସ ଦ୍ୱାରା ଲଗାଯାଇଥିବା ଏକ କଳା ଫର୍ଦ୍ଦ, ଯାହାକୁ ଦେଶ କେବେ ଭୁଲିପାରିବ ନାହିଁ । ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ସେହି ଅନ୍ଧାର ସମୟରେ ଲକ୍ଷ ଲକ୍ଷ ଦେଶପ୍ରେମୀ ଯେଉଁ ଯନ୍ତ୍ରଣା ଏବଂ ନିର୍ଯାତନା ସହିଥିଲେ ତାହା ଇତିହାସର ଏକ ଅଲିଭା ଅଧ୍ୟାୟ । "ଏମର୍ଜେନ୍ସି" ଲାଗୁ ହେଲା ପରେ ସାଧାରଣ ଭାରତୀୟ ନାଗରିକର ବାକ୍ ସ୍ୱାଧୀନତାକୁ ଦମନ କରାଯିବା ସହ ଚତୁର୍ଥ ସ୍ତମ୍ଭ ସ୍ୱାଧୀନତା ଉପରେ



ମଧ୍ୟ ଅଙ୍କୁଶ ଲଗାଯାଇଥିଲା । ସାଧାରଣ ଭାରତୀୟ ନାଗରିକଙ୍କୁ ବାଧ୍ୟତାମୂଳକ ଭାବରେ ବନ୍ଧ୍ୟାକରଣ କରିବା ସହ ବାକ୍ ସ୍ୱାଧୀନତା ଛଡେଇ ନିଆଯାଇଥିଲା । ସମସ୍ତ ବିରୋଧୀ ନେତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଇ ଜେଲରେ ପୂରାଇ ନିର୍ଯ୍ୟାତନା ଦିଆଯାଇଥିଲା । ଓଡ଼ିଶା ମାଟିର ଶୀର୍ଷ ନେତା ଡ. ହରେକୃଷ୍ଣ ମହତାବ, ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, ସାମ୍ବାଦିକ ରାଧାନାଥ ରଥ ତଥା ବିଶ୍ୱଭୂଷଣ ହରିଚନ୍ଦନ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ, ଅସହିଷ୍ଣୁ ତଥା ଆକ୍ରୋଶମୂଳକ ପଦକ୍ଷେପର ଶିକାର ହୋଇଥିଲେ । କିଶୋର କୁମାରଙ୍କ ଭଳି ଗୀତକୁ ଅଲ୍ ଇଣ୍ଡିଆ ରେଡିଓରେ ପ୍ରସାରଣ କରିବା ପାଇଁ ବିରୋଧ ହୋଇଥିଲା । ସେତେବେଳେ ଏତେ ଅସହିଷ୍ଣୁ ଥିଲା ପରିବାର ସର୍ବୋପରି । ସାମନ୍ତବାଦୀ ମାନସିକତା । ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଯୋଗୁଁ ଏହା ଭାରତୀୟ ଗଣତନ୍ତ୍ରରେ ଚିର ଦିନ ପାଇଁ କଳାଦାଗ ହୋଇ ରହିଛି । 'ଜରୁରୀକାଳୀନ'ର ୫୦ ବର୍ଷ ପୂରଣ ଅବସରରେ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସଂଘର୍ଷ ଏବଂ ବଳିଦାନ ଦେଇଥିବା ମହାପୁରୁଷଙ୍କୁ ଆଜିର ଦିନରେ ମୋର ପ୍ରଣାମ ଜଣାଉଛି ।

ଶ୍ରୀ ପ୍ରଧାନ କହିଛନ୍ତି, ଆଜି କଂଗ୍ରେସର ଚେହେରା ବଦଳି ଯାଇଛି । କିନ୍ତୁ ସ୍ୱେଚ୍ଛାଚାରି ମାନସିକତାରେ କୌଣସି ପରିବର୍ତନ ଆସିନାହିଁ । ନିର୍ବାଚନରେ ପରାଜୟ ହେଲେ କଂଗ୍ରେସ ଦେଶର ନିର୍ବାଚନ ବ୍ୟବସ୍ଥାକୁ ବିରୋଧ କରୁଛି । ଏହି ହୀନ ମାନସିକତା କଂଗ୍ରେସ ଦଳର । ୫୦ ବର୍ଷ ପରେ ଆଜି ବି ଜରୁରିକାଳୀନ ପରିସ୍ଥିତି ବିଷୟରେ ମନେପକାଇବା ଏଥିପାଇଁ ଆବଶ୍ୟକ । ଏହି ଅବସରରେ ଶ୍ରୀ ପ୍ରଧାନ ଜରୁରୀକାଳୀନ ପରିସ୍ଥିତିର କଳା ସ୍ମୃତିର ୫୦ ତମ ବର୍ଷ ଉପଲକ୍ଷେ ଭୁବନେଶ୍ୱର ଓୟୁଏଟି ପରିସରରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରିଥିଲେ । ଆଲୋଚନା ଚକ୍ର ଶେଷ ହେବା ପରେ ଏ ସମ୍ପର୍କରେ ଗଣମାଧ୍ୟମକୁ ମଧ୍ୟ ପ୍ରତିକ୍ରିୟା ଦେଇଥିଲେ । ଭୁବନେଶ୍ୱର ଓୟୁଏଟି କ୍ୟାମ୍ପସ ପରିସରରେ "ଏକ ପେଡ୍ ମା' କେ ନାମ ୨.୦" ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ ।




# ରାଜ୍ୟ ମାନବାଧିକାର ପରିଷଦ ଅଧ୍ୟକ୍ଷା ଗଞ୍ଜାମ ଏସପିଙ୍କୁ ଭେଟିଲେ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଧରାକୋଟ ଅଞ୍ଚଳର ଦୁଇଜଣ ଦଳିତ ବ୍ୟକ୍ତିଙ୍କୁ ଗୋରକ୍ଷକର ପରିଚୟ ଦେଇ ମାନସିକ ଓ ଶାରୀରିକ, ବେଆଇନ କଙ୍ଗାରୁ କୋର୍ଟ କରି ନିର୍ଯାତନା ଘଟଣାକୁ ତୀବ୍ର ନିନ୍ଦା କରିଛି ରାଜ୍ୟ ମାନବାଧିକାର ପରିଷଦ । ଏନେଇ ପରିଷଦର ଅଧ୍ୟକ୍ଷା ସସ୍ମିତା ଦାସ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଞ୍ଜାମ ଏସପି ଓ ଅତିରିକ୍ତ ଏସପିଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏଥିରେ ସମ୍ପୃକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । କଙ୍ଗାରୁ କୋର୍ଟ କରିବା, ଜାତିଗତ ହିଂସା ଏବଂ ଦଳିତଙ୍କୁ ଏପରି ନିର୍ଯାତନା ଦେବା ଆଇନର ଘୋର ଉଲ୍ଲଙ୍ଘନ କରୁଛି । ସୂଚନାଯୋଗ୍ୟ,



ଝିଅକୁ ଯୌତୁକ ଦେବା ପାଇଁ ସମ୍ପୃକ୍ତ ୨ଜଣ ଦଳିତ ବ୍ୟକ୍ତି ୨୨ ତାରିଖରେ ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ । ଖାରିଗୁମ୍ମାରେ ତାଙ୍କୁ କେତେଜଣ ଲୋକ ଅଟକାଇ ଗୋଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗିଥିଲେ । ଟଙ୍କା ନଦେବାରୁ ସେମାନେ ଉଭୟଙ୍କୁ ମାଡ଼ ମାରିଥିଲେ । ପରେ ସେଲୁନକୁ ନେଇ ଅଧାଲଣ୍ଡା କରି ୨ ଦଳିତଙ୍କୁ ଖାରିଗୁମ୍ମାରୁ ଚଲାଇ ଜାହାଡା ପର୍ଯ୍ୟନ୍ତ ଆଣିଥିଲେ ।

କଙ୍ଗାରୁ କୋର୍ଟ ବସାଇ ଉଭୟଙ୍କୁ ଜାହାଡ଼ା ଗାଁଦାଣ୍ଡରେ ୨ କିଲୋମିଟର ଆଣ୍ଠେରେ ଚଲାଇଥିଲେ । ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ୍ୟ କରିଥିଲେ । ଏହି ଦାବିପତ୍ର ଦେବାବେଳେ ମାନବାଧିକର ପରିଷଦର ଗଞ୍ଜାମ ଜିଲା ସଭାପତି ଲକ୍ଷ୍ମଣ ମହାରଣା, କାର୍ଯ୍ୟକାରୀ ସଭାପତି ମନୋଜ ପଣ୍ଡା, ଜିଲା ମହିଳା ସଭାନେତ୍ରୀ ସୁମିତ୍ରା ମହାରଣା, ଜିଲା ମହିଳା ଉପସଭାନେତ୍ରୀ ଜ୍ୟୋସା ରାଣୀ ଦାସ, ଜିଲା ସମ୍ପାଦକ ଏସ, ସନ୍ତୋଷ ରେଡ୍ଡୀ ଉପସ୍ଥିତ ଥିଲେ ।

## ଛାତ୍ରୀ ଗଣଦୁଷ୍କର୍ମ ମାମଲା : ରିମାଣ୍ଡ ପରେ ଜେଲ ଫେରିଲେ ୬ ଅଭିଯୁକ୍ତ

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ସମୁଦ୍ର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ୬ ଅଭିଯୁକ୍ତ ମାନଙ୍କୁ କ୍ରାଇମବ୍ରାଞ୍ଚ ୪୮ ଘଣ୍ଟା ପାଇଁ ରିମାଣ୍ଡରେ ନେଇଥିବା ବେଳେ ଆଜି ରିମାଣ୍ଡ ଶେଷ ହୋଇଛି । ଗୋପାଳପୁର ଥାନାରୁ ୬ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବାହାର କରାଯାଇ କୋର୍ଟରେ ହାଜର କରାଯିବା ପରେ ପୁଣି ଥରେ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି । ଏହି ୪୮ ଘଣ୍ଟା ରିମାଣ୍ଡରେ ମଧ୍ୟରେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଉପଯୁକ୍ତ ପ୍ରମାଣ ସଂଗ୍ରହ କରିଛି । ରିମାଣ୍ଡ ଅବଧି ଶେଷ ପରେ ପୁଣି ଜେଲ ଫେରିଲେ ଅଭିଯୁକ୍ତମାନେ ।


ରିମାଣ୍ଡରେ ଆଣି ପଚରାଉଚୁରା ପରେ ଅନେକ ପ୍ରମାଣ କ୍ରାଇବ୍ରାଞ୍ଚ ହାତରେ ଲାଗିଛି । ଏହି ଗଣଦୁଷ୍କର୍ମ ଘଟଣାରେ ବ୍ରହ୍ମପୁର ପୋଲିସ ୧୦ ଜଣକୁ ଗିରଫ ହୋଇଥିବା ବେଳେ ୬ ଜଣ ଅଭିଯୁକ୍ତ ସାବାଳକ ଥିବା ବେଳେ ସେମାନେ ବ୍ରହ୍ମପୁର ଜେଲରେ ରହିଥିଲେ । ଏହି ୬ ଜଣ ସାବାଳକ ଅଭିଯୁକ୍ତଙ୍କୁ ଗତ ୨୪ ତାରିଖରେ କ୍ରାଇମବ୍ରାଞ୍ଚ ୪୮ ଘଣ୍ଟା ପାଇଁ ରିମାଣ୍ଡରେ ଆଣିଥିଲା । ରିମାଣ୍ଡରେ ଆଣିବା ପରେ ୨୪ ତାରିଖ ସନ୍ଧ୍ୟାରେ ହିଁ କ୍ରାଇମବ୍ରାଞ୍ଚ ଆଇଜି ଏସ.ସାଇନି ପ୍ରାୟ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ ଅଭିଯୁକ୍ତମାନଙ୍କୁ ପଚରାଉଚୁରା କରିଥିଲେ । ପୂର୍ବରୁ ବ୍ରହ୍ମପୁର ଜେଲ୍ରେ ଟିଆଇ ପ୍ୟାରେଡ଼ କରାଯିବା ପରେ ୬ ଜଣ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣିଥିଲା । ରିମାଣ୍ଡରେ ଆଣି ପଚରାଉଚୁରା କରିବା ପରେ ୬ ଅଭିଯୁକ୍ତଙ୍କୁ କଠୋର ଦଣ୍ଡପ୍ରଦାନ ଯେହେତୁ ଏହି ଘଟଣାକୁ ରେଡ଼ ଫ୍ଲାଗ ଭାବେ ଗ୍ରହଣ କରାଯାଇଛି । ତେଣୁ ଏକ ବର୍ଷ ମଧ୍ୟରେ ଏହାର ଚାର୍ଜସିଟ୍ ଦାଖଲ ହେବା ସହିତ ଟ୍ରାଇଲ ଶେଷ ହୋଇ ଦୋଷୀ ମାନଙ୍କୁ ଉପଯୁକ୍ତ ଦଣ୍ଡ କୋର୍ଟ ପ୍ରଦାନ କରିବେ ବୋଲି ଆଶା ରଖାଯାଇଥିବା ବୃଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।




### ସାମ୍ବାଦିକଙ୍କୁ ମୋରଡା ଥାନା ଅଧିକାରୀଙ୍କ ଅସହଯୋଗ

## ଏସପିଙ୍କ ଦ୍ୱାରସ୍ଥ ହେଲେ ମୋରଡା ବ୍ଲକ ପ୍ରତିନିଧି

ବାରିପଦା, (ସବ୍ୟୁ) : ବିବାଦୀୟ ପ୍ରସଙ୍ଗକୁ ନେଇ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ସାମ୍ବାଦିକ ସଂଘ । ଆଲୋଚନା ପରେ ଉଭୟ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ସୁରକ୍ଷା ସହିତ ପୋଲିସ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧିକାରୀ ସାମିଲ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ । ତେବେ ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ମୁଁ ସର୍ବେସର୍ବା ନୀତିକୁ ଗ୍ରହଣ କରି ନପାରି, କାର୍ଯ୍ୟରତ ଦୁଇ ସାମ୍ବାଦିକ ସଂଘର କର୍ମକର୍ତ୍ତା ସଦସ୍ୟ ଜିଲ୍ଲା ସାମ୍ବାଦିକ ସଂଘ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ସହ ମିଳିତ ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ସାକ୍ଷାତ ଆଲୋଚନା କରିଥିଲେ । ମୋରଡ଼ା ବ୍ଲକରେ କାର୍ଯ୍ୟରତ ଥିବା ସମସ୍ତ ଗଣମାଧ୍ୟମର ସାମ୍ବାଦିକଙ୍କୁ ମୋରଡ଼ା ଥାନା ଅଧିକାରୀ ସୁମିତ ସୋରେନ୍ ସମସ୍ତ ପ୍ରକାରର ଅସହଯୋଗ କରୁଥିବାରୁ ଗୁରୁବାର ଅତିରିକ୍ତ ଏସପି ଦୀପକ ଗୋଛାୟତ ଏବଂ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିକଟରେ ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ଚିତ୍ରଡା ଏବଂ ମୋରଡ଼ା ପ୍ରେସ କ୍ଲବର ସମସ୍ତ ସଦସ୍ୟ ସାକ୍ଷାତ ଆଲୋଚନା କରିଥିଲେ । ତେବେ ସମ୍ମୁହ ଭାବେ ଆଲୋଚନା ସମୟରେ ଅସନ୍ତୋଷ ପ୍ରକାଶ କରି ଏଥିରେ ସୁଧାର ଆଣିବାପାଇଁ ମୋରଡା ଥାନା ଅଧିକାରୀଙ୍କୁ ପରାମର୍ଶ ଦେବେ ବୋଲି କହିଥିଲେ ମୟୂରଭଞ୍ଜ ଏସପି । ଅଭିଯୋଗ ସମ୍ପର୍କରେ ଅବଗତ ହୋଇ ମୋରଡା ଥାନା ଅଧିକାରୀଙ୍କ କାର୍ଯ୍ୟ ଧାରାକୁ ନାପସନ୍ଦ କରିଥିଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ । ବରଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମରେ ସାମିଲ ରଖି ଆଗକୁ ବଢିଲେ ସହଜରେ କାର୍ଯ୍ୟକ୍ରମର ଲକ୍ଷ ଓ ଉଦେଷ୍ୟ ପ୍ରଚାର ପ୍ରସାର ହୋଇପାରିବ ବୋଲି ସ୍ୱୀକାର କରିଥିଲେ । କିନ୍ତୁ କାହିଁକି ଓ କୋଉ କାରଣରୁ ଗଣମାଧ୍ୟମକୁ ଅସହଯୋଗ କରିଆସୁଥିଲେ ସେ ନେଇ ଆଲୋଚନା କରିବା ସହିତ ଉପରିସ୍ଥ ଅଧିକାରୀଙ୍କୁ ପଠାଇ ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଆରକ୍ଷୀ ଅଧିକ୍ଷକ । ଏହି ଆଲୋଚନା ଓ ଏକ ଦାବୀପତ୍ର ପ୍ରଦାନ ସମୟରେ ଦୁଇ ସଂଘର ସଭାପତି ରଣଜିତ କୁମାର ସାହୁ, ଘାସିରାମ ବେହେରାଙ୍କ ସହିତ ବିଶ୍ୱବନ୍ଦନ ବେହେରା, ସ୍ମାରକ ମାଝୀ, ତୁଷାର କାନ୍ତ ବେହେରା, ଅବିନାଶ ମହାନ୍ତି, ଦୀପକ ବେହେରା, ରବୀନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ବେହେରା, ବିଭୁ ବେହେରା ଓ ସହିତ ବାରିପଦା ସାମ୍ବାଦିକ ସଂଘର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।







### ବଳଦେବ ଜିଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ବଳଦେବ ସ୍ୱାମୀ ମନ୍ଦିରରେ ପୂଜିତ ହୋଇଆସୁଥିବା ବଳଦେବ, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ ଆଦି ଠାକୁରଙ୍କ ନେତ୍ର ଉତ୍ସବ ସହ ନବ ଯୌବନ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବ ଅବସରରେ ଔଷଧ ଓମଲମ ଲାଗି, ସ୍ନାନ ପଞ୍ଚାମୃତ, ହୋମ, ଆଳତି ଆଦି କାର୍ଯ୍ୟ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା । ପୂଜକ ଦେବରାଜ ପଣ୍ଡା ଏବଂ ପୁରୋହିତ ରାମାନୁଜ ମହାପାତ୍ର, ଦୁର୍ଗା ମାଧବ ପାଣି ଓ ପଦ୍ମ ଚରଣ ଦାଶ ଦ୍ୱାରା ଠାକୁରଙ୍କ ପୂଜା କାର୍ଯ୍ୟ ସମ୍ପାଦନ ସମ୍ପନ୍ନ ପରେ ନବଯୌବନ ବେଶ ଦର୍ଶନ ପାଇଁ ଭକ୍ତଙ୍କ ସମାବେଶ ହୋଇଥିଲା । ମନ୍ଦିର ପରିଚାଳନା କମିଟିର ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ସୁପରିଚାଳନାରେ ଶରତ ଚନ୍ଦ୍ର ମହାରଣାଙ୍କ ସମେତ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ସକ୍ରିୟ ସହଯୋଗ କରିଥିଲେ ।

### ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ


## ଆଇଜିଙ୍କୁ ବିଜେଡ଼ିର ଦାବିପତ୍ର

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ବିଜେପି ସରକାର ଅମଳରେ ଅପରାଧ ରେକର୍ଡ ସଂଖ୍ୟାରେ ବୃଦ୍ଧି ପାଇ ଥିବା ବେଳେ ଯୁବତୀ ଓ ମହିଳା ମାନଙ୍କ ଉପରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ବଢ଼ି ବଢ଼ି ଚାଲିଛି । ଗୋପାଳପୁର ବେଳାଭୂମି ଦୁଷ୍କର୍ମ ଘଟଣା ମନରୁ ନଲିଭୁଣୁ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରି କରାଯାଇଥିବା ଅଭିଯୋଗ ହେଉଛି । ଏହାଠୁ ଦୁର୍ଭାଗ୍ୟ ଓ ହୀନ ଅପରାଧ ଆଉ କିଛିନାହିଁ ବୋଲି ବିଜେଡି ପକ୍ଷରୁ ଏନେଇ ଆଇଜି ନିତି ଶେଖରଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ । ଏହାର ପ୍ରତିବାଦ ପାଇଁ ଚିକିତ୍ସାଚିତ ଥିବା ଅବସରରେ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ଜଗତସିଂହପୁର ପୂର୍ବତନ ସାଂସଦ ଡ଼ ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ସୁବାସ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଓ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ମକର୍ତ୍ତା ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖରଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଉପରେ ଆଲୋଚନା କରିଥିଲେ ।









## ଆର୍ଥିକ ଅନିୟମିତତା : ପୂର୍ବତନ ପିଇଓ, ସରପଞ୍ଚଙ୍କୁ ନୋଟିସ

ପାଣିକୋଇଲ,(ସବ୍ୟୁ) :କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପଂଚାୟତର ପୂର୍ବତନ ପିଇଓ (ପଂଚାୟତ କାର୍ଯ୍ୟ ନିବାହୀ ଅଧିକାରୀ) ଓ ବର୍ତ୍ତମାନର ସରପଂଚଙ୍କୁ ଅର୍ଥ ଅନିୟମିତତା ପାଇଁ ନୋଟିସ ଜାରି କରାଯାଇଛି । ସେମାନଙ୍କ ଠାରୁ ଅର୍ଥ ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଂଚାୟତ ରାଜ ସଚିବଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି । ଏନେଇ ପାଣିକୋଇଲି ପଂଚାୟତର ପୂର୍ବତନ ପିଇଓ ସୁଦେଷ୍ଣା ସାମଲ ଓ ଅର୍ଜ୍ଜୁନ ଚରଣ ବରାଳ ଏବଂ ସରପଂଚ ପଦ୍ମାବତୀ ପଣ୍ଡାଙ୍କୁ ରାଜ୍ୟ ପଂଚାୟତରାଜ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ପଂଚାୟତ ପକ୍ଷରୁ ଖର୍ଚ୍ଚ ହୋଇଥିବା ଅର୍ଥର ଅଡିଟ କରାଯାଇଥିଲା । ଉକ୍ତ ଅଡିଟରେ ପଂଚାୟତର ମୋଟ ୧ ଲକ୍ଷ ୨୧ ହଜାର ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା । ଅଡିଟରେ ପୂର୍ବତନ ପିଇଓ ସୁଦେଷ୍ଣା ସମାଲ ୪୪ ହଜାର ୨୦୦ଟଙ୍କା ଓ ଅର୍ଜ୍ଜୁନ ବରାଳ ୪୭ହଜାର ୨୦୦ଟଙ୍କା ଏବଂ ସରପଂଚ ପଦ୍ମାବତୀ ପଣ୍ଡା ୨୯ହଜାର ୬୦୦ଟଙ୍କା ହେରଫେର କରିଥିବା ଜଣାପଡିଛି । ଏନେଇ ପଂଚାୟତ ବିଭାଗ ଚିଠି ସଂଖ୍ୟା ୧୫୧୭୧/୨୫ରେ ସଚିବ ରଂଜିତ ବେହେରା ଏହି ଚିଠି କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ଅଧିକାରୀ ମାନେ ପଂଚାୟତ ଅର୍ଥକୁ ଆତ୍ମସାତ କରିଥିବା ଅଡିଟରେ ଧରାପଡିଛି । ସମ୍ପୃକ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କ ଠାରୁ ଉକ୍ତ ଟଙ୍କା ତୁରନ୍ତ ଆଦାୟ କରାଯିବା ସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ପଂଚାୟତରାଜ ସଚିବ ଯାଜପୁର ଜିଲ୍ଲାପାଳଙ୍କ ସମେତ ଡିପିଓ ଯାଜପୁର, ବିଡିଓ କୋରେଇଙ୍କ ସମେତ ଅନ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## କୁଖ୍ୟାତ ଠକ ସୟଦ ବୁଖାରୀକୁ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ



ଚଣ୍ଡିଖୋଲ/ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ନେଉଳପୁର ମିଲତନଗରରୁ ଗତ ୨୦୨୩ମସିହା ଡିସେମ୍ବର ୧୨ ତାରିଖ ରେ ଗିରଫ ହୋଇଥିବା କୁଖ୍ୟାତ ଠକ କାଶ୍ମୀର ଯୁବକ ସୟଦ ଅହେସାନ ବୁଖାରୀକୁ ଠକେଇ ମାମଲାରେ ଚଣ୍ଡିଖୋଲ ଜେଏମଏଫସି କୋର୍ଟ ଆଜି ୫ ବର୍ଷ କାରାଦଣ୍ଡାଦେଶ ସହିତ ଜୋରିମାନା ଆଦେଶ ଶୁଣାଇଛନ୍ତି । ଜୋରିମାନା ଅନାଦେୟ ବୁଖାରି ଆଉ ୬ ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ଅଛି। କାଶ୍ମୀର ଯୁବକ ବୁଖାରି ନିଜକୁ କାଶ୍ମିର ମେଡିକାଲର ଜଣେ ପ୍ରତିଷ୍ଠିତ ଡାକ୍ତରର ପରିଚୟ ଦେଇ ନେଉଳପୁର ଗ୍ରାମରେ ଜଣେ ଶିକ୍ଷୟିତ୍ରୀଙ୍କୁ ଅନଲାଇନରେ ଦେଖି ତାଙ୍କ ସହିତ ବିବାହ କରି ନେଉଳପୁର ପଂଚାୟତର ମିଲତନଗରରେ ଏକ ଭଡା ଘରେ ପତ୍ନୀ ସହିତ ରହିଆସୁଥିଲା । ତାର ପତ୍ନୀ ସେଠାରେ ଥିବା ଏକ ଘରୋଇ ସ୍କୁଲରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ବୁଖାରି ଅଧିକାଂଶ ସମୟ କାଶ୍ମୀରରେ ରହୁଥିବା ବେଳେ ମଝିରେ ମାସେ ଦୁଇ ମାସ ପାଇଁ ମିଲତନଗରରେ ଥିବା ଭଡା ଘରେ ରହୁଥିବା ତା ପତ୍ନୀ ଓ ସାତ ବର୍ଷର ଝିଅ ପାଖକୁ ଆସି ରହିଥାଏ । ତେବେ ତାର ହାବଭାବରେ ପାକିସ୍ତାନ ଲିଙ୍କ ଥିବା ସନ୍ଦେହ କରି ଏସଟିଏଫ ଟିମ ତାକୁ ମିଲତନଗରସ୍ଥିତ ଭଡା ଘରେ ଚଡାଉ କରି ଉଠାଇ ନେଇଥିଲା । ବିଭିନ୍ନ ମାମଲାରେ ତାର ପାକିସ୍ତାନ ଲିଙ୍କ ରହିଥିବା ନେଇ ସେ ସମୟରେ ଚର୍ଚ୍ଚା ହୋଇଥିଲା । ତେବେ ତା ନିକଟରୁ କୌଣସି ପାକିସ୍ତାନ ଲିଙ୍କ ରହିଥିବା ସୁରାଗ ମିଳି ନଥିଲା । ବୁଖାରୀ ଜଣେ ବଡ ଠକ ବୋଲି ପୁଲିସ ତଦନ୍ତରେ ଜଣାପଡିଥିଲା । ବିଭିନ୍ନ ଠକେଇ ମମଲାରେ ତାର ସମ୍ପୃକ୍ତିଥିବା ଜଣାପଡିବା ପରେ ଠକେଇ ମାମଲାରେ ପୁଲିସ ତାକୁ ଗିରଫ କରି କୋର୍ଟ ଚଲାଣ କରିଥିଲା । ସେବେଠାରୁ ସେ ବିଚାର ବିଭାଗୀୟ ଜେଲରେ ରହୁଥିବା ବେଳେ ଚଣ୍ଡିଖୋଲ କୋର୍ଟରେ ତାର ବିଚାର ଚାଲିଥିଲା ଆଜି ଏହାର ରାୟ ପ୍ରକାଶ ପାଇଥିବା ବେଳେ ବୁଖାରୀକୁ ଚଣ୍ଡିଖୋଲ କୋର୍ଟ ଆଜି ବିଭିନ୍ନ ମାମଲାରେ ୫ ବର୍ଷ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରକାଶକୁମାର ଦାଶ ଓ ଜଗନ୍ନାଥ ମଲ୍ଲିକ ଉକ୍ତ ମାମଲାର ପରିଚାଳନା କରୁଥିବା ବେଳେ ସୟଦ ବୁଖାରୀ ପକ୍ଷରୁ ଓକିଲ ଯତୀନ ସାମଲ ଓ ଶିରିସ ସାମଲ ମାମଲା ଲଢୁଥିଲେ ଓ ଏସଟିଏଫର ଡିଏସପି ରଶ୍ମୀରଞ୍ଜନ ପଟ୍ଟନାୟକ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିବା ଜଣାପଡିଛି।

## ବ୍ରହ୍ମକ୍ଷେତ୍ରରେ ବଳଦେବ ଜୀଉଙ୍କ ନବଯୌବନ ଦର୍ଶନ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଗୁଣ୍ଡିଚା ଯାତ୍ରା ପାଇଁ ନେତ୍ର ଉତ୍ସବ ପାଳନ ହୋଇଛି । ଏହା ସହିତ ମହାପ୍ରଭୁଙ୍କର ନବ ଯୌବନ ଦର୍ଶନ କରାଯାଇଛି। ଆସନ୍ତା କାଲି ଶ୍ରୀଗୁଣ୍ଡିଚା ପାଇଁ ପୂଜା ପଣ୍ଡା ସେବାୟତଙ୍କ ତରଫରୁ ସ୍ୱତନ୍ତ୍ର ନୀତିକାନ୍ତି ବ୍ୟବସ୍ଥା କରାଯାଇଛି । ରଥ ଖଳାରୁ ମହାପ୍ରଭୁଙ୍କ ଯାତ୍ରା ପାଇଁ ଆଜି ରଥ ପଥ ପ୍ରସ୍ତୁତ କରାଯାଇଛି । ଦୀର୍ଘ ଦିନ ହେବ ଚତୁର୍ଦ୍ଧା ମୁରତି ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ୧୪ ଦିନ ରହିବା ପରେ ଆଜି ଅଣସର ଟାଟି ଖୋଲାଯାଇଥିଲା । ମନ୍ଦିରର ପହଡ଼ ଖୋଲାଯିବା ପରେ ନବଯୌବନ ବେଶରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ବହୁ ଭକ୍ତମାନଙ୍କର ସମାଗମ ହୋଇଥିଲା । ଏହି ଦିନ ପ୍ରତ୍ୟୁଷରୁ ପ୍ରଥମେ ଚତୁର୍ଦ୍ଧା ମୁରତୀ ବିଗ୍ରହମାନଙ୍କର ସ୍ନାନ ଓ ପୂଜାର୍ଚ୍ଚନା କରାଯିବା ପରେ ପାରମ୍ପରିକ ବିଧି ଅନୁସାରେ ବାଲ୍ୟଧୂପ, ମଙ୍ଗଳ ଆଳତୀ, ମଧ୍ୟାହ୍ନ ନୀତି କାର୍ଯ୍ୟକ୍ରମ କରାଯାଇଥିଲା । ଚିତ୍ରକର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ତିନି ଠାକୁରଙ୍କର ଚକ୍ଷୁଦାନ କରାଯାଇଥିଲା । ରଥକୁ ପୂର୍ଣ୍ଣାଙ୍ଗ ରୂପ ଦେବା ନିମନ୍ତେ ଠାକୁରଙ୍କ ନୀତି ପରେ ନେତ୍ର ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଶ୍ରୀ ମନ୍ଦିର ,ମାଉସୀ ମା' ମନ୍ଦିର, ଲକ୍ଷ୍ମୀ ମନ୍ଦିର ଓ ରଥ ଉପରେ ନେତ ଓ ନୀଳଚକ୍ର ସ୍ଥାପନ କରିବା ପାଇଁ ଠାକୁରଙ୍କ କୂଳପୁରୋହିତ ବନବିହାରୀ ମିଶ୍ରଙ୍କ ଦ୍ୱାରା ପୂଜା ମଣ୍ଡପରେ ଘୃତଯଜ୍ଞ ଓ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ ସମସ୍ତ ନେତକୁ ସ୍ଥାପନ କରାଯାଇଥିଲା । ରଥ ନିର୍ମାଣର ମୁଖ୍ୟ କାରିଗର ଧ୍ରୁବଚରଣ ମହାରଣାଙ୍କ ନେତୃତ୍ୱରେ ଅନ୍ୟାନ୍ୟ କାରିଗରମାନେ ରଥ ଉପରକୁ ନୀଳଚକ୍ର ଓ ନେତ ଉଠାଇ ସ୍ଥାପନ କରିଥିଲେ । ଏହି ନେତ୍ର ଉତ୍ସବରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ କାରିଗରଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମ୍ୟାନେଜିଂ ଟ୍ରଷ୍ଟୀ ଧୀରେନ୍ଦ୍ର ନାଥ ବେହେରା, ସଭ୍ୟ ରାଜେନ୍ଦ୍ର ମୋହନ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଜି ସାଲେପୁର ଥାନା ଅଧିକାରୀ ଅନିତା ସାହୁ ବ୍ରହ୍ମକ୍ଷେତ୍ର ପୀଠରେ ପହଞ୍ଚି କାଲିର ଯାତ୍ରା ପାଇଁ ଚୁଡ଼ାନ୍ତ ପ୍ରସ୍ତୁତି କରିଛନ୍ତି । ତାଙ୍କ ସହିତ ନାଜିମନ୍ତ ସେବାୟତ ଉପସ୍ଥିତ ଥିଲେ ।



## ସାହାଣୀ କପ୍ ଫୁଟବଲ୍ : ଯାଜପୁର ଜିଲ୍ଲା ଦଳ ଚୟନ ୩୦ ରେ

ବ୍ୟାସନଗର, (ଜିପ୍ର) : ଯାଜପୁର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆସନ୍ତା ମାସରେ ହେବାକୁ ଥିବା ଆନ୍ତଃଜିଲ୍ଲା ସାହାଣୀ କପ୍‌ପାଇଁ ଖେଳାଳୀ ଚୟନ ଶିବିର ଚଳିତ ମାସ ୩୦ ତାରିଖରୁ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମ୍ ଠାରେ ଦୁଇଦିନ ଧରି ଅନୁଷ୍ଠିତ ହେବ। ଉକ୍ତ ଚୟନ ଶିବିରରୁ ଖେଳାଳୀ ଚୟନ କରାଯାଇ ଆସନ୍ତା ମାସରେ ଫାଓ ଏବଂ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ଅନୁକୁଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲ୍ଲା ସାହାଣୀ କପ୍‌ରେ ଅଂଶ ଗ୍ରହଣ କରିବେ। ପ୍ରକାଶ ଥାଉକି ଏହି ସାହାଣୀ କପ୍‌ରୁ ଆନ୍ତଃରାଜ୍ୟ ସନ୍ତୋଷ ଟ୍ରଫି ପାଇଁ ରାଜ୍ୟ ଦଳ ଚୟନ କରାଯାଇଥାଏ। ଚଳିତ ବର୍ଷ ସାହାଣୀ କପ୍ ରାଜ୍ୟରେ ଚାରିଗୋଟି ସ୍ଥାନରେ ଜୋନ୍ ସ୍ତରୀୟ ଖେଳ କରାଯିବ ବୋଲି ଫାଓ ଏବଂ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଏଣୁ ଯାଜପୁର ଜିଲ୍ଲା ଫୁଟବଲ୍ ଦଳ ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳୀମାନେ ନିଜର ଖେଳ ଉପକରଣ ସହିତ ମ୍ୟାଟ୍ରିକ୍ ସାର୍ଟିଫିକେଟ୍ କିମ୍ବା ଜନ୍ମ ପ୍ରମାଣ ପତ୍ର ଓ ଆଧାର କାର୍ଡ଼ ସହିତଚଳିତ ମାସ ୩୦ ତାରିଖ ସକାଳ ୮ ଘଟିକା ସୁଧା ବ୍ୟାସନଗର ଷ୍ଟାଡ଼ିୟମ୍ ଠାରେ ପହଂଚି ଫୁଟବଲ୍ ବିଭାଗୀୟ ସମ୍ପାଦକ ନରେନ୍ଦ୍ର ବଳଙ୍କ ନିକଟରେ ପୀକରଣ କରିବାକୁ ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ଅନୁରୋଧ କରିଛନ୍ତି।

## ସର୍ପାଘାତରେ ମହିଳାଙ୍କ ମୃତ୍ୟୁ

ମହାକାଳପଡ଼ା ,(ସବ୍ୟୁ) :ମହାକାଳପଡ଼ା ଥାନାଞ୍ଚଳ ଓଳିହା ନୀଳକଣ୍ଠ ପୁର ଗ୍ରାମର ଶୁକଦେବ ମଳିକଙ୍କ ପରିବାର ଅର୍ଥାଭାବ ରୁ ସବୁଦିନ ଭଳି ତଳେ ବିଛଣା ପାରି ସୋଇଥିଲେ । ମାତ୍ର ବୁଧବାର ରାତ୍ରି ପରିବାର ପାଇଁ କାଳ ରାତ୍ରି ହୋଇଥିବାରୁ ପତ୍ନୀ ସର୍ପାଘାତର ଶୀକାର ହୋଇଥିଲେ ଝ ସ୍ୱାମୀ, ସ୍ତ୍ରୀ ଓ ଦୁଇ ସନ୍ତାନ ବିଛଣାରେ ଶୋଇଥିବା ବେଳେ ସବିତାଙ୍କୁ କେହି କାମୁଡି ଦେବାରୁ ହଠାତ ଚେଇଁ ଉଠିଥିଲେ ଝ ଘରେ ଲାଇଟ ଦେଇ ଦେଖିଲା ବେଳକୁ କଳାନାଗ ସାପ ଘର ଭିତରକୁ ପଶିଆସିଛିଝ ବୁଦ୍ଧିଖଟାଇ ପତି ଶୁକଦେବ ଜାଲ ପକାଇ ସାପ କୁ ଅଟକ ରଖିବା ପରେ ପତ୍ନୀ ଅସୁସ୍ଥ ଅନୁଭବ କରିଥିଲେ । ବିଷଧର ସାପ କାମୁଡ଼ିଥିବାରୁ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା ମେଡିକାଲ ନେଇଥିଲେ । ଅଧିକ ଗୁରୁତର ଥିବାରୁ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ କଟକ ରେଫର କରିଥିଲେ । ମାତ୍ର ଦୁଃଖର କଥା ଚିକିତ୍ସାଧୀନ ଅବସ୍ଥାରେ ସବିତାଙ୍କ ମୃତ୍ୟୁ ହୋଇଯାଇଛି । ଶୁକଦେବ ବିପତ୍ନୀକ ହେବା ସହିତ ଦୁଇ ସନ୍ତାନ ମାତୃହରା ହୋଇ ଦୁଃଖରେ ଭାଙ୍ଗି ପଡିଛନ୍ତି । ମା ଛେଉଣ୍ଡ ପିଲା ଙ୍କୁ ଭଗବାନ ସହାୟ ହୁଅନ୍ତୁ ବୋଲି ପଡୋଶୀ ମାନେ ଈଶ୍ୱର ଙ୍କୁ ପ୍ରାର୍ଥନା କରୁଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବି ପରିବାର କୁ ସରକାରୀ ସହାୟତା ପାଇଁ ଦାବି କରନ୍ତି ।

## ଭିଜିଲାନ୍ସ ଜାଲରେ କିରାଣୀ



କୁଜଙ୍ଗ ,(ସବ୍ୟୁ): କୁଜଙ୍ଗ ବିଇଓ ଅଫିସ କିରାଣୀ ସୂର୍ଯ୍ୟକାନ୍ତ ସ୍ୱାଇଁ ଜଣେ ଶିକ୍ଷକଙ୍କୁ ଗୃହ ଋଣ କରାଇଦେବା ନାଆଁ ରେ ପାଞ୍ଚହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି । ପାଙ୍ଗରା ସ୍କୁଲର ପ୍ରଦୀପ କୁମାର ରାଉତ ନାମକ ଶିକ୍ଷକଙ୍କୁ ଦେଢ଼ ଲକ୍ଷ ଟଙ୍କା ଘର କରିବା ପାଇଁ ଲୋନ୍ ଯୋଗାଇଦେବାକୁ କହିଥିଲେ । ଏଥିପାଇଁ ତାଙ୍କଠାରୁ ଆଜି ପାଞ୍ଚ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଧରା ପଡ଼ିଥିଲେ । ସଂପୃକ୍ତ ଶିକ୍ଷକ ଏ ସମ୍ପର୍କ ରେ ଭିଜିଲାନ୍ସ ବିଭାଗ କୁ କହି ଭିଜିଲାନ୍ସ କର୍ମଚାରୀ ମାନେ ଆଗରୁ ସତର୍କ ଭାବରେ ଲୁଚି ରହିଥିଲେ । ଏହି ଟଙ୍କା ସୂର୍ଯ୍ୟକାନ୍ତ ସ୍ୱାଇଁ ଙ୍କୁ ଦେବା ବେଳେ ସେମାନେ ସୂର୍ଯ୍ୟକାନ୍ତ ଙ୍କୁ କାବୁ କରିନେଇଥିଲେ । ଆଜି ସୂର୍ଯ୍ୟକାନ୍ତ ଙ୍କୁ କଟକ ପଠାଯାଇଛି ।

## ମାନସିକ ଅନଗ୍ରସର ମହିଳାଙ୍କ ମିଳୁନି ପତ୍ତା

ମାହାଙ୍ଗା ,(ସବ୍ୟୁ) :ଗତ୨୪.୦୬.୨୦୨୫ରିଖରେ ଡିହିଗୋପ ଗ୍ରାମର ପ୍ରଶାନ୍ତ କୁମାର ଧଳ ଭଦ୍ରେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ତାଙ୍କର ସ୍ତ୍ରୀ ମମତା ଧଳ ବୟସ ୪୫। ସେ ଗତ ତା୨୨.୬.୨୦୨୫ରିଖ ରବିବାର ରାତି ଠାରୁ କେଉଁଆଡେ ଘର ଛାଡି ପଳାଇଯାଇଛନ୍ତି। ସେ ଜଣେ ମାନସିକ ଅନଗ୍ରସର ରୋଗୀ। ଗତ ରବିବାର ଦିନ ଘରେ କେହି ନଥିବା ସୁଯୋଗ ନେଇ ତାଙ୍କ ସ୍ତ୍ରୀ ଘରଛାଡି ଯାଇଛନ୍ତି । ଖୋଜାଖୋଜି ପରେ ତାଙ୍କର କୌଣସି ପତ୍ତା ମିଳୁ ନାହିଁ। ଏ ସଂପର୍କରେ ଭଦ୍ରେଶ୍ୱର ଥାନା ପୋଲିସ ତଦନ୍ତ ଆରମ୍ଭ କରି ସଂପୃକ୍ତ ମହିଳାଙ୍କୁ ଖୋଜୁଥିବା ଜଣାପଡିଛି। ମହିଳା ଜଣକ ମାନସିକ ଅନଗ୍ରସର ହୋଇଥିବାରୁ ସେ ଠିକ୍ ଭାବରେ କୌଣସି ସୂଚନା ପ୍ରଦାନ କରିପାରିବେ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯଦି କେହି ସହୃଦୟ ବ୍ୟକ୍ତି ମମତା ଧଳଙ୍କ ସନ୍ଧାନ ପାଆନ୍ତି ତେବେ ସେ ଭଦ୍ରେଶ୍ୱର ପୋଲିସଙ୍କ ସହ ଯୋଗାଯୋଗ କରିବାକୁ ତାଙ୍କର ସ୍ୱାମୀ ପ୍ରଶାନ୍ତ ଧଳ ଅନୁରୋଧ କରିଛନ୍ତି।

## ମର୍ଦ୍ଦଳ ବାଦନରେ ଜାତୀୟ ବୃତ୍ତି

ସାଲେପୁର,(ସବ୍ୟୁ) : ମର୍ଦ୍ଦଳ ବାଦନରେ ଜାତୀୟ ବୃତ୍ତି ପରୀକ୍ଷାରେ ଓଡ଼ିଶାର ଏକମାତ୍ର କଳାକାର ମନୋନୀତ ହୋଇଥିବାରୁ ସାଲେପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଜିବା ସହିତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ସାଲେପୁର ବ୍ଲକ ଅନ୍ତର୍ଗତ ଛାଣିପୁର ପଞ୍ଚାୟତ କରମୁଆଁ ଗ୍ରାମର ଛାତ୍ର ଶ୍ରଦ୍ଧାଂଶୁ ରାଉତ ଭାରତ ସରକାରଙ୍କ ଅଧୀନସ୍ଥ ସେଣ୍ଟର ଫର କଲଚରାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଦ୍ୱାରା ଦିଆଯାଉଥିବା ୨୦୨୪ - ୨୫ ମସିହା ପାଇଁ ଓଡିଶାରୁ ଜାତୀୟ ବୃତ୍ତି ପାଇବାକୁ ମର୍ଦ୍ଦଳ ବାଦନରେ ଓଡିଶାରୁ ମନୋନୀତ ହୋଇଛନ୍ତି । ଏକମାତ୍ର କଳାକାର ଭାବେ ମନୋନୀତ ହୋଇଛନ୍ତି । ସେ ଗୁରୁ ଉତ୍କର ଗୌରାଙ୍ଗ ଚରଣ ମହଲାଙ୍କ ଠାରୁ ମର୍ଦ୍ଦଳ ଶିକ୍ଷା ନେଉଥିଲେ । ପିତା ସୁଧାଂଶୁ ମୋହନ ରାଉତ ଓ ମାତା ଚିନ୍ମୟୀ ମହାନ୍ତି ଙ୍କ ସୁପୁତ୍ର ଶ୍ରଦ୍ଧାଂଶୁ, ବିଡାନାସୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତୁଳସୀପୁରର ଅଷ୍ଟମ ଶ୍ରେଣୀର ଜଣେ ମେଧାବୀ ଛାତ୍ର । ସେ ଏହି ବୃତ୍ତି ପାଇବାକୁ ମନୋନୀତ ହୋଇଥିବାରୁ ଶ୍ରଧାଂଶୁ ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ଛୁଟୁଥିବା ଜଣାପଡିଛ ।



## ବଳଦେବ ଜୀଉଙ୍କ ନବଯୌବନ ଦର୍ଶନ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ କରାଣ୍ଡୀପୁର ଗ୍ରାମରେ ଶ୍ରୀ ବଳଦେବ ଜୀଉଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ମହିଳାମନେ କଳସ ଯାତ୍ରାରେ ଆସି ମନ୍ଦିର ପ୍ରାଙ୍ଗଣରେ ପହଂଚିବା ପରେ ସ୍ନାନ ଯାତ୍ରା, ଯଜ୍ଞ ଅନୁଷ୍ଠିତ ହୋଇଥିଲା । ନିକଟ ଅଂଚଳର ବହୁ ଶ୍ରଦ୍ଧାଳୁ ଆସି ନବଯୌବନ ଦର୍ଶନ କରିଥିଲେ । ମୁଖ୍ୟ ପୂଜକ ଭାବଗ୍ରାହୀ ଦାଶ, ସୁରେନ୍ଦ୍ର ଦାଶ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିବାବେଳେ ପ୍ରାଣକୃଷ୍ଣ ଦାଶ, ଅନିରୁଦ୍ଧ ଦାଶ, ମଦନମୋହନ ଦାଶ, ନୀଳମଣି ଦାଶ, ରାଧାଶ୍ୟାମ ଦାଶ, ଦୁଃଖିରାମ ଦାଶ, ଇନ୍ଦ୍ରମଣି ଦାଶ, ସର୍ବେଶ୍ୱର ଦାଶ, ବଳରାମ ଦାଶ, ପରମେଶ୍ୱର ଦାଶ, ପ୍ରମୋଦ ଦାଶ, ରଶ୍ମିରଂଜନ ଦାଶ, ସତ୍ୟଜିତ ଦାଶ, ସୌମ୍ୟରଞ୍ଜନ ଦାଶ, ଦେବାଶିଷ ଦାଶ, ଶ୍ରୀନିବାସ ଦାଶ ପ୍ରମୁଖ ସହଯୋଗ କରିଥିଲେ । ସାନ୍ଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା ।

## ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ

ବାଲିଚୁଠ,(ସବ୍ୟୁ) :ଆଉ ମାତ୍ର ଗୋଟିଏ ଦିନ ପରେ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ସୁଭଦ୍ରାଙ୍କ କ୍ଷେତ୍ରରେ ବାସୀ ରଥଯାତ୍ରା ଅନୁଷ୍ଠିତ ହେବ । ଦୀର୍ଘ ପନ୍ଦର ଦିନ ଅଣସର ଘରେ ଗୋପନ ନୀତି ପରେ ଭକ୍ତ ମାନଙ୍କୁ ନବ ଯୌବନ ଦର୍ଶନ ଦେଇଛନ୍ତି ମହାପ୍ରଭୁ କୁଞ୍ଜବିହାରୀ । ମହାପ୍ରଭୁ ସୁସ୍ଥ ହେବା ପରେ ନବ ଯୌବନ ଦୁର୍ଲ୍ଲଭ ଦର୍ଶନ ଦେଖିବାକୁ ଶହଶହ ଭକ୍ତ ଙ୍କ ଭିଡ଼ ଜମିଛି । ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ନେତ୍ର ଉତ୍ସବ ମଧ ପାଳନ କରାଯାଇଛି । ସତେ ଯେପରି ସୁଭଦ୍ରା କ୍ଷେତ୍ର ଗଡକୁଜଙ୍ଗ ଭକ୍ତଙ୍କ ଆଗମନକୁ ଅପେକ୍ଷା କରିଛି । ସୁନ୍ଦର ଭାବରେ ସଜେଇ ହେଉଛି ରଥ । ବାସୀ ରଥଯାତ୍ରା ପାଇଁ ସେବକମାନେ ପ୍ରସ୍ତୁତିରେ ଲାଗିପଡିଛନ୍ତି । ମନ୍ଦିର ବେଢ଼ା, ସ୍ନାନ ମଣ୍ଡପ ବିଭିନ୍ନ ଆଲୋକ ମାଳରେ ସଜିତ ହେଉଥିବା ବେଳେ ରଥ ଚାରି ଦ୍ୱାର କାମ ସମ୍ପୂର୍ଣ୍ଣ ହୋଇଛି । ମନ୍ଦିର ଟ୍ରଷ୍ଟି ପକ୍ଷରୁ ବଡଦାଣ୍ଡ ସଫେଇ ହେଉଥିବା ବେଳେ ଚଳିତ ବର୍ଷ ରଥଯାତ୍ରା ରେ ଟ୍ରାଫିକ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଇଛି । ବିଶ୍ୱକର୍ମା ମାନେ ଦିନ ରାତି ରଥ ନିର୍ମାଣ କାର୍ଯ୍ୟରେ ଲାଗିପଡିଛନ୍ତି । ସାରା ସୁଭଦ୍ରା କ୍ଷେତ୍ର ରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଚଳିତ ବର୍ଷ ଏହି ବାସୀ ରଥଯାତ୍ରା ରେ ଏକ ଲକ୍ଷ ଭକ୍ତ ଆସିବାର ସମ୍ଭାବନା କରାଯାଉଥିବା ଟ୍ରଷ୍ଟି ରାଜେନ୍ଦ୍ର ବେହେରା ପ୍ରକାଶ କରିଛନ୍ତି

## କଟିକଟା-ଜୟପୁର ରାସ୍ତା ଶୋଚନୀୟ

ନିଶ୍ଚିନ୍ତକୋଇଲ,(ସବ୍ୟୁ) : କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧିନରେ ଥିବା କଟିକଟା-ଜୟପୁର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ବିଶେଷ କରି ଏହି ରାସ୍ତାର ଅସୁରେଶ୍ୱର ପୁରୁଣା ବ୍ୟାଙ୍କ ଛକ ଠାରୁ କର୍ମବୀରଗୌରୀଶଙ୍କର ରାୟ ଉଦ୍ୟାନ ପର୍ଯ୍ୟନ୍ତ ୧କି.ମି ରାସ୍ତାର ଅବସ୍ଥା ଝିପିଝିପି ବର୍ଷାରେ ପୁରା ବେହାଲ ହୋଇଯାଇଛି । ଏହି ରାସ୍ତା ମଧ୍ୟରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଟିକିଏ ବର୍ଷା ହେଲେ ଏଥିରେ ପାଣି ଜମା ହୋଇ ରହୁଥିବା ଏବଂ ରାସ୍ତାର ବହୁ ସ୍ଥାନରୁ ଜଳ ନିଷ୍କାସନ ନହୋଇ ପାଣିର ଲହଡ଼ି ଭାଙ୍ଗୁଥିବାରୁ ଯାତାୟତରେ ପଥଚାରୀ ମାନେ ହୀନସ୍ତା ହେଉଛନ୍ତି । ଅସୁରେଶ୍ୱର ବଜାର ମଧ ଦେଇ ଯାଇଥିବା ଏହି ରାସ୍ତା ଉପରେ ବାଲିର ଏକ ଆସ୍ତରଣ ଏଭଳି ଭାବେ ସୃଷ୍ଟି ହୋଇଛି ଯାହାଦ୍ୱାରା ଅନେକ ସମୟରେ ଯାନବାହନ ଗୁଡ଼ିକ ଯାତାୟତ ବେଳେ ଦୁର୍ଘଟଣା ଗ୍ରସ୍ତ ହେଉଥିବାର ଦେଖାଯାଇଛି । ଉକ୍ତ ରାସ୍ତାଟି କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର କଟିକଟା ଛକରୁ ବାହାରି ଥିବାରୁ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଓ ରାତିରେ ଶହ ଶହ ସଂଖ୍ୟାରେ ଭାରିଯାନ ନଦୀରୁ ଚୋରା ବାଲି ଉଠାଇ ଯାତାୟତ କରୁଛନ୍ତି । ନଦୀରୁ ଜେସିବିରେ ବାଲି ଉଠାଇବା ସମୟରେ ସେଥିରେ ପାଣି ରହୁଥିବାରୁ ରାସ୍ତା ସାରା ପାଣି ସହିତ ବାଲି ପଡ଼ିବାରୁ ରାସ୍ତା ଉପରେ ଏକ ବାଲିର ଆସ୍ତରଣ ସୃଷ୍ଟି ହୋଇଛି ।

ଏହାଛଡ଼ା ଉକ୍ତ ରାସ୍ତାଟି ସବୁବେଳେ ପାଣିରେ ବୁଡ଼ି ରହୁଥିବାରୁ ଭାରିଯାନ ଯାତାୟତରେ ଖାଲ ଖମାମାନ ସୃଷ୍ଟି ହେଉଛି । ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ସ୍କୁଲ, କଲେଜ ଛାତ୍ର ଛାତ୍ରୀ ମାନେ ସାଇକେଲ କିମ୍ବା ବାଇକ ଓ ସ୍କୁଟିରେ ଯାତାୟତ କରୁଥିବା ବେଳେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ପଡ଼ି ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି । ପୂର୍ତ୍ତବିଭାଗ ପକ୍ଷରୁ ଉକ୍ତ ରାସ୍ତାକୁ ସଠିକ୍ ଭାବେ ମରାମତି ନକରାଯିବା ଏବଂ ପୋଲିସ ଓ ପ୍ରଶାସନର ଜ୍ଞାତସାରରେ ସମସ୍ତ ନୀତିନିୟମକୁ ଉଲଘଂନ କରାଯାଇ ଶହ ଶହ ସଂଖ୍ୟାରେ ଚୋରା ବାଲି ଓଭର ଲୋଡ଼ିଙ୍ଗ କରାଯାଇ ହାଇୱା ଯିବା ଆସିବା କରୁଥିବାରୁ ରାସ୍ତାର ଅବସ୍ଥା ଏଭଳି ହୋଇଥିବା ଦେଖାଯାଇଛି । ଏହି କଦର୍ଯ୍ୟ ରାସ୍ତା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ମଧ ରାସ୍ତାରେ ଯାତାୟତ କରୁଥିବା ବେଳେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ଫଳରେ ଉକ୍ତ ରାସ୍ତାର ଅବସ୍ଥାକୁ ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ମଧ ସୃଷ୍ଟି ହୋଇଛି । ବର୍ତ୍ତମାନ ଝିପିଝିପି ବର୍ଷାରେ ରାସ୍ତାର ସ୍ଥିତି ଏଭଳି ଅବସ୍ଥାରେ ରହିଥିବା ବେଳେ ଆଗକୁ ବର୍ଷା ଋତୁ ଆସି ଅଧିକ ବର୍ଷା ହେଲେ ଏହି ରାସ୍ତା ଦେଇ ଲୋକମାନେ କିଭଳି ଯାତାୟତ କରିବେ ସେ ନେଇ ଆଶଙ୍କା ପ୍ରକାଶ ପାଇଛି । ତୁରନ୍ତ ଏହି ୧କିଲୋମିଟର ରାସ୍ତାକୁ ଭଲଭାବରେ ମରାମତି କରାଯିବା ସହ ଏଥିରୁ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରିବା ପାଇଁ ପୂର୍ତ୍ତବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ସାଧାରଣରେ ଦାବି ହୋଇଛି ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର,୨୫।୬,(ସବ୍ୟୁ) ବିଞ୍ଝାରପୁର ବ୍ଲକର ଜଣେ ବରିଷ୍ଠ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଞ୍ଝାରପୁର ବ୍ଲକର ଉତ୍ତ୍ରଙ୍ଗ ପଂଚାୟତର ସାଇଁକୂଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ଦୀର୍ଘ ଚାରିବର୍ଷ ଧରି ସେ କାର୍ଯ୍ୟରତ ଥିଲେ । ଅନୁଷ୍ଠିତ ବିଦାୟ କାଳୀନ ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ର ସଭାପତି ରବିନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ । ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ର ପୂର୍ବତନ ସଭାପତି ବିଜୟ କୁମାର ନାୟକ ପ୍ରମୁଖ ଅତିଥି ଯୋଗଦାନ କରିଥିଲେ । ଶିକ୍ଷକ ବିକ୍ରମ କୁମାର ସାହୁ, ନିରାକାର ସାହାଣୀ, ସସୁବଳ ପାତ୍ର ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିଥିଲେ । ବିଦ୍ୟାଳୟ, କ୍ଲଷ୍ଟର ଓ ସଙ୍ଘ ତରଫରୁ ବିଦାୟୀ ପ୍ରଧାନ ପ୍ରମୋଦ ଚନ୍ଦ୍ର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା

## ଡ୍ରେନେଜ କଟ୍ ଖରିବଣରେ ପରିପୂର୍ଣ୍ଣ : ଜଳ ନିଷ୍କାସନ ଆଶଙ୍କାରେ ଚାଷୀ



ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଅନ୍ତର୍ଗତ ୧୬, ୧୭, ୧୮, ୧୯ ଓ ୨୦ ନଂ ସମସ୍ତ ଡ୍ରେନେଜ କଟ୍ ଏବେ ଖରିବଣରେ ପରିପୂର୍ଣ୍ଣ । ଏହି ଡ୍ରେନେଜକଟ୍‌କୁ ଦେଖିଲେ ଲାଗୁଛି ସତେଯେପରି ଏହା କୌଣସି ଡ୍ରେନେଜ୍‌କଟ୍ ନୁହେଁ ବରଂ ଖରିବଣର ଜଙ୍ଗଲ । ସମଗ୍ର ଡେରାବିଶ ବ୍ଲକ ଅନ୍ତର୍ଗତ ୨୬ଟି ପଂଚାୟତର ୪ ହଜାର ହେକ୍ଟରରୁ ଅଧିକ ଚାଷଜମିର ଉଦବୃତ ଜଳ ଓ ବର୍ଷା ଜଳ ଉପରୋକ୍ତ ପାଂଚୋଟି ଡ୍ରେନେଜକଟ୍ ମାଧ୍ୟମରେ ଗୋବରୀ ନଦୀକୁ ନିଷ୍କାସନ ହୋଇଥାଏ । ହେଲେ ଗତ କିଛି ବର୍ଷ ଧରି ଏହି ଡ୍ରେନେଜକଟ୍ ଗୁଡ଼ିକ ଆଦୌ ସଫା ହେଉନଥିବାରୁ ତାହା ଚାଷୀମାନଙ୍କ ଦୁଃଖର କାରଣ ସାଜିଛି । ପ୍ରତି ବର୍ଷ ସାମାନ୍ୟ ଲଘୁଚାପ ବର୍ଷା ହେଲେ ଦଳ ଓ ଖରିଭର୍ତି ଏହି ଡ୍ରେଜେନ୍‌କଟ୍ ଗୁଡ଼ିକ ଦ୍ୱାରା ପାଣି ନିଷ୍କାସନ ହୋଇପାରି ନଥାଏ । ଫଳରେ ଚାଷଜମିରେ ୩ ରୁ ୪ ଫୁଟ ପାଣି ଜମି ରହି ସ୍ଥଳ ବିଶେଷରେ ଗଜାଧୋଇ, ରୁଆ ଧାନ ପଚିଯିବା ଏପରିକି ପାଚିଲା ଧାନ ପାଣିରେ ବୁଡ଼ି ଗଜା ହେବା ଭଳି ସମସ୍ୟା ସୃଷ୍ଟି ହୋଇଥାଏ । ଚାଷୀମାନେ ବହୁ ଦୁଃଖ କଷ୍ଟ ଓ ଧାର କରଜ କରି ବାରମ୍ବାର ବିଲରେ ତଳି ପକାଇବା ଓ ଧାନ ରୋଇବା ଫଳରେ ପ୍ରତିବର୍ଷ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିବାରେ ଲାଗିଛି । ଏ ସମ୍ପର୍କରେ ବାରମ୍ବାର ଜଳନିକାସ ବିଭାଗ ଅଧିକାରୀ, ଜିଲ୍ଲାପାଳ ଓ ଅନ୍ୟାନ୍ୟ ଉଚ୍ଚ ଅଧିକାରୀମାନଙ୍କୁ ଯେତେ ହାରି ଗୁହାରୀ କଲେ ମଧ ଫଳ ଶୂନ । ଚଳିତ ବର୍ଷ ୧୮ ଡ୍ରେନେଜକଟ୍‌ରେ କଟକ ଜିଲ୍ଲାରେ ସଫେଇ କରାଯାଇଛି । ଫଳରେ ଚଳିତ କଟକ ଜିଲ୍ଲା ଅଂଚଳର ଚାଷଜମି ମାନଙ୍କରୁ ଉଦବୃତ ଜଳ ସିଧାସଳଖ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଂଚଳରେ ଥିବା ଚାଷଜମି ମାନଙ୍କୁ ବୁଡ଼ାଇବ । କାରଣ ଏହି ୧୮ ନଂ ଡ୍ରେନେଜକଟ୍‌ର ଡେରାବିଶ ବ୍ଲକ ଅଧୀନ ଅଂଚଳ ଆଦୌ ସଫା କରାଯାଇ ନାହିଁ । ଯାହାକି ଚଳିତ ବର୍ଷ ଡେରାବିଶ ବ୍ଲକର ଚାଷଜମି ଗୁଡ଼ିକ ବିଶେଷ ପ୍ରଭାବିତ ହେବ । ତୁରନ୍ତ ଜଳନିକାସ ବିଭାଗ ପଦକ୍ଷେପ ନେଇ ଏହି ଡ୍ରେନେଜ୍‌କଟ୍ ଗୁଡ଼ିକ ସଫା କରିବା ପାଇଁ ଡେରାବିଶ ବ୍ଲକର ଚାଷୀମାନେ ଅନୁରୋଧ କରିଛନ୍ତି ।

## ପିସିସି ତଥ୍ୟାନ୍ୱେଷଣ ଦଳଙ୍କ ଜଗତସିଂହପୁର ଗସ୍ତ

ଜଗତସିଂହପୁର,(ସବ୍ୟୁ):ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ତରଫରୁ ଗଠିତ ତଥ୍ୟାନ୍ୱେଷଣକାରୀ କମିଟି, କମିଟି ଅଧକ୍ଷ , ପିସିସି ସାଧାରଣ ସମ୍ପାଦକ ବିଧାୟକ ଅଶୋକ କୁମାର ଦାସ ଏବଂ ଆବାହକ ସୁଧାଂଶୁ ଶେଖର ଦେଓଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଦଳ ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ଓ ବାଲିଟୁଠ ଅଞ୍ଚଳକୁ ଗସ୍ତ କରିଥିଲେ । ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଲୋକଙ୍କ ବିସ୍ଥାପନ, ପରିବେଶ ପ୍ରଦୂଷଣ ଓ ଜୀବନ ଜୀବିକା ଉପରେ ପଡୁଥିବା ପ୍ରଭାବ ବିଷୟରେ ତଥ୍ୟ ସଂଗ୍ରହ କରିବା । କମିଟି ସ୍ଥାନୀୟ ଲୋକମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ସହିତ ସେମାନଙ୍କର ଦୁଃଖ, ଆପତ୍ତି ଓ ଅଭିଯୋଗ ଶୁଣିଥିଲେ । ଲୋକମାନେ ଦୁର୍ଗମ ଅଞ୍ଚଳରେ ଉଦ୍ୟୋଗିକ କାର୍ଯ୍ୟକଳାପ ଦ୍ୱାରା ସ୍ୱାସ୍ଥ୍ୟ , ପରିବେଶ ଏବଂ ସେମାନଙ୍କ ଜୀବନ ଜୀବିକା ଉପରେ ପଡୁଥିବା ପ୍ରଭାବକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ । । ଲୋକ ମାନଙ୍କ ଅଭିଯୋଗ ଶୁଣି ସାରିବା ପରେ ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତଙ୍କୁ ସାକ୍ଷାତ କରି ଲୋକମାନଙ୍କ ଠାରୁ ସଂଗ୍ରହ କରିଥିବା ସମସ୍ୟା ଏବଂ ଅଭିଯୋଗ ବିଷୟରେ ଆଲୋଚନା କରିଥିଲେ । ସେଠାରେ ଦଳ ସରକାରଙ୍କୁ କଡା ସମାଲୋଚନା କରିବା ସହିତ, ସ୍ଥାନୀୟ ପ୍ରଶାସନ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ସଠିକ୍ ଭାବରେ ଜାତୀୟ ଜଙ୍ଗଲ ଜମି ଆଇନ ୨୦୦୬ ଏବଂ ଜମି ଅଧିଗ୍ରହଣ ଓ ପୁନର୍ବାସ ଥଇଥାନ ଆଇନ ୨୦୧୩ ଅନୁସାରେ ପ୍ରଭାବିତ ଏବଂ ବିସ୍ଥାପିତ ମାନଙ୍କୁ ନାର୍ଯ୍ୟ ପ୍ରାପ୍ୟ ପ୍ରଦାନ ନିମନ୍ତେ ଦାବି ଜଣାଇଥିଲେ । ଏହି ଆଇନକୁ କାର୍ଯ୍ୟକାରୀ କରିବା ଦ୍ୱାରା ବିସ୍ଥାପିତ ଜନଗୋଷ୍ଠୀଙ୍କ ଅଧିକାର ସୁନିଶ୍ଚିତ ହେବ ବୋଲି ଦଳ ଜଣାଇଛି । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ସହିତ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ,ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ବରିଷ୍ଠ କଂଗ୍ରେସ ନେତା ଏବଂ ପିସିସି କମିଟି ମାଗୁଣି ଜେନା,ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି , ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ଜିଲ୍ଲ କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ , ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଆର୍ଶୀବାଦ ତ୍ରିପାଠୀ,ସୌମ୍ୟରଞ୍ଜନ ମହାନ୍ତି,ଇଂ ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପିସିସି ଦଳ ତାଙ୍କ ତଥ୍ୟ ଓ ସଂଗୃହୀତ ଦାବି କୁ ଯାଥାଶୀଘ୍ର ରାଜ୍ୟ ନେତୃତ୍ୱଙ୍କ ନିକଟରେ ଜଣାଇବା ସହିତ ଜନସାଧାରଣଙ୍କ ନ୍ୟାୟ ପାଇଁ ସଂଘର୍ଷ ଜାରି ରଖିବା ନିମନ୍ତେ ଦୃଢ ପ୍ରତିଶ୍ରୁତି ଦେଇଥିଲେ ।

## ମହିଳା ସରପଞ୍ଚ ସ୍ୱାମୀଙ୍କ ସହିତ ମିଶି ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କୁ ଆକ୍ରମଣ



ବିଞ୍ଝାରପୁର,(ସବ୍ୟୁ) : ଭାରତୀୟ ଲୋକତନ୍ତ୍ରରେ ପଂଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ନିର୍ବାଚିତ ଜନ ପ୍ରତିନିଧୀ ମାନେ ପଦ ଓ ଗୋପନୀୟତାର ଶପଥ ନେଲା ବେଳେ ଲୋକଙ୍କ ପ୍ରତି ନ୍ୟାୟ କରିବେ ବୋଲି ଗୋଟିଏ ଧାଡି ପାଠ କରିଥାଆନ୍ତି । ମାତ୍ର ବାସ୍ତବ କ୍ଷେତ୍ରରେ ସେମାନଙ୍କ ଦ୍ୱାରା ପାଠ କରାଯାଇଥିବା ଏହି କଥାଟି ପାଳିତ ହେଉ ନଥିବାର ବିଭିନ୍ନ ଉଦାହରଣ ସାମ୍ପ୍ରତିକ ପରିସ୍ଥିତିରେ ଦେଖିବାକୁ ମିଳୁଛି । ଯାହା ଲୋକତନ୍ତ୍ରରେ ଆଦୌ ଗ୍ରହଣୀୟ ନୁହେଁ । ଏପରି ଏକ ଗଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ଥାନା ଅଧୀନ ମଧୁସୂଦନପୁର ପଂଚାୟତ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମରେ ଜନୈକ ସରପଂଚ ଓ ତାଙ୍କର ସ୍ୱାମୀ ବିଦ୍ୟାଳୟ ଭିତରେ ପଶି ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ତିନିଜଣ ଶିକ୍ଷକଙ୍କୁ ମାଡମାରିବା ,ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଭଳି ସାଙ୍ଘାତିକ ଅଭିଯୋଗ ଆମର ହସ୍ତଗତ ହୋଇଥିବା ଜଣା ଯାଇଛି । ପ୍ରକାଶ ଯେ ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଂଚାୟତର ସରପଂଚ ସୁଚିତ୍ରା ମଲ୍ଲିକ ଓ ତାଙ୍କର ସ୍ୱାମୀ ଶ୍ରୀକାନ୍ତ ମଲ୍ଲିକ ତାଙ୍କର ନିଜ ଗ୍ରାମ ସୁନ୍ଦରପୁର ରେ ଅବସ୍ଥିତ ବିଳାସିନୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରବେଶ କରିଥିଲେ । ସମୟ ସକାଳ ୯.୪୫ ସମୟ ହୋଇଥିବା ବେଳେ ଶିକ୍ଷକମାନେ ବିଦ୍ୟାଳୟରେ ପହଂଚି ସଫେଇ ଆଦି କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ମହିଳା ସରପଂଚ ସୁଚିତ୍ରା ମଲ୍ଲିକ ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠ ରେ ପ୍ରବେଶ କରି ସିଧା ପ୍ରଧାନ ଶିକ୍ଷକଙ୍କ ଚୌକିରେ ବସି ଯାଇଥିଲେ ଓ ଶିକ୍ଷକମାନେ ତାଙ୍କୁ କାହିଁକୁ ନମସ୍କାର କରୁ ନାହାନ୍ତି ବୋଲି ପାଟି କରିବାକୁ ଲାଗିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ଦୀପକ କୁମାର ମଲିକ ବିନମ୍ରତାର ସହିତ ସରପଂଚଙ୍କୁ ଏକ ସ୍ୱତନ୍ତ୍ର ଚୌକିରେ ବସିବାକୁ ଅନୁରୋଧ କରିବା ସତ୍ତ୍ୱେ ସେ ତାଙ୍କର କୌଣସି କଥାକୁ ନଶୁଣି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ ଆରମ୍ଭ କରିଦେଇଥିଲେ । ତାଙ୍କର ସ୍ୱାମୀ ଶ୍ରୀକାନ୍ତ ମଲ୍ଲିକ ଙ୍କ ସହିତ ମିଶି ପ୍ରଧାନ ଶିକ୍ଷକଙ୍କୁ ଅତି ବେଦରଦୀ ଭାବରେ ମାଡ ମାରି ତାଙ୍କର ସାର୍ଟ କୁ ଚିରି ଦେଇଥିଲେ । ବିଦ୍ୟାଳୟଟି ତାଙ୍କରର ଜମି ଉପରେ ନିର୍ମିତ ହୋଇଛି ବୋଲି ସେ ଚିତକାର କରି କହିବା ସହିତ ବିଦ୍ୟାଳୟରେ ତାଲା ପକାଇବା ପାଇଁ ଚିତ୍କାର କରୁଥିବା ପ୍ରକାଶ ବିଦ୍ୟାଳୟରେ ଶିକ୍ଷକ ମାନେ ପାଠ ପଢାଉ ନାହାନ୍ତି , ପିଲା ମାନଙ୍କ ଦ୍ୱାରା କାମ କରାଉଛନ୍ତି ଓ ବିଦ୍ୟାଳୟ ଅର୍ଥ ହଡପ କରୁଥିବା କଥାକୁ ସରପଂଚଙ୍କ ସ୍ୱାମୀ ଅଶ୍ରାବ୍ୟ ଭାଷାରେ କହିବା ସହିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଣେ ଅନୁସୂଚୀତ ବର୍ଗର ହୋଇ ଥିବାରୁ ତାଙ୍କର ଜାତିକୁ ବାରମ୍ବାର ଭର୍ତ୍ସନା କରୁିବା ଅଭିଯୋଗରେ ପ୍ରଧାନ ଶିକ୍ଷକ ଶ୍ରୀ ମଲିକ ଦର୍ଶାଇଛନ୍ତି । ଘଟଣାର ଉପଯୁକ୍ତ ତଦନ୍ତ ସହିତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ବିଭିନ୍ନ ମହଲରେ ଦାବୀ ହୋଇଛି । ଅନ୍ୟ ପକ୍ଷରେ ଶିକ୍ଷକ ସଙ୍ଘ ପକ୍ଷରୁ ଘଟଣାକୁ ନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଯଦି ପୁଲିସ ଓ ପ୍ରଶାସନ ଗ୍ରହଣ ନକରେ ତେବେ ଆନ୍ଦୋଳନାତ୍ମକ କାଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି । ପ୍ରଧାନ ଶିକ୍ଷକ ଆଜି ଅପରାହ୍ନରେ ତାଙ୍କର ଅଭିଯୋଗ ବିଞ୍ଝାରପୁର ଥାନାରେ ପ୍ରଦାନ କରିଥିବା ଜଣା ଯାଇଛି ।

## ସମାନ କାମକୁ ସମାନ ଦରମା ପାଇଁ ଧାରଣା।

କେନ୍ଦ୍ରାପଡା ,(ସବ୍ୟୁ) :ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ସମାନ୍ କାମକୁ ସମାନ୍ ଦରମା ନେଇ ବାରଘଣ୍ଟିଆ ଧାରଣା ଦିଆଯାଇ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନରେ ଜିଲ୍ଲା ସଭାପତି ବାପୁଜୀ ମହାପାତ୍ରଙ୍କ ନେତୃତ୍ୱରେ ମୃତ୍ୟୁଞ୍ଜୟ ମହାନ୍ତି, ନଳିନୀକାନ୍ତ ମହାନ୍ତି, ଚିନ୍ମୟ ନାୟକ, ତନୁଶ୍ରୀ ପଣ୍ଡାଙ୍କ ସମେତ ଶତାଧିକ ଅଧ୍ୟାପକ ଧାରଣାରେ ବସିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ୧ଜୁନ୍ ୨୦୦୮ରୁ ୧ ଜୁନ୍ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ସରକାରୀ ଅନୁଦାନ ପରିସରଭୁକ୍ତ କରିବା ଦାବି ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ତୁରନ୍ତ ନୂତନ ଅନୁଦାନ ରାଶି ଘୋଷଣା କରିବେ ନଚେତ୍ ଆଗାମୀ ଦିନରେ ଧାରଣା ତୀବ୍ରତର ହେବ ବୋଲି ସଂଘ ତରଫରୁ ପ୍ରକାଶ କରାଯାଇଛି।

# ଖେଲପଡ଼ିଆରେ ଅଗ୍ନିଶମ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣକୁ ବିରୋଧ

ଫୁଲନଖରା :ଭୁବନେଶ୍ୱର ମହାନଗର ନିଗମ ୪ ୱାର୍ଡ଼ ଅନ୍ତର୍ଗତ ପାହାଳ ବଜାର ଠାରେ ଦୀର୍ଘ୍ ୩/୪ ବର୍ଷଧରି ଅଗ୍ନିଶମ ସେବାକେନ୍ଦ୍ର ଅଫିସ୍ ରହିଛି। ଏହି ଦମକଳ ଅଫିସର ସ୍ଥାୟୀ ଗୃହ ର୍ନିମାଣ ନିମନ୍ତେ ପାହାଳ ବଜାରନିକଟ ୩୪୦ ପ୍ଲଟକୁ ର୍ନିମାଣ କରାଯିବା ପାଇଁ ସରକାରଙ୍କ ତରଫରୁ ଅନୁମୋଦିତ ହୋଇଛି। ଏହି ଖାଲିଥିବା ପ୍ଲଟରେ ଧାନସେବା ସମବାୟ ସମିତିର ଧାନ ମଣ୍ଡି ପ୍ରାକୃତିକ ବିପର୍ଯ୍ୟୟସମୟରେ ଅଞ୍ଚଳର ଲୋକ ଆଶ୍ରୟ ନେବା ରିଲିଫ କାର୍ଯ୍ୟକ୍ରମ ବଣ୍ଟନ,ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀବିଦ୍ୟାଳୟର ବାର୍ଷିକ କ୍ରୀଡା,ବିଭିନ୍ନ ପ୍ରକାର ସଭାସମିତି ଓ ଗ୍ରାମର ସାଂସ୍କୃତିକ କାର୍ଯ୍ୟକ୍ରମ ଆବାହନ କାଳରୁ ବ୍ୟବହାର ହୋଇ ଆସୁଛି ଏହି ଅଞ୍ଚଳରେ ଆହୁରି ଅନେକ ଖାଲିସ୍ଥାନ ସହିତ ପାହାଳର ମେନରୋଡକୁ ଲାଗିଥିବା ପୁରୁଣା ଥାନା ଓ ମୁଖ୍ୟରୋଡକୁ ଲାଗିଥିବା ନୂତନ ଥାନା ପାଖରେ ଯଥେଷ୍ଟ ଜାଗା ଥିବାବେଳେ ଖେଳପଡ଼ିଆଭାବେ ବ୍ୟବହୃତ ହୋଇଥିବା ସର୍ବସାଧାରଣଙ୍କ ଜାଗାଉପରେ ସ୍ଥାୟୀ ଅଗ୍ନିଶମ କାଯ୍ୟାଳୟ ର୍ନିମାଣ ହେବ ପାଇଁ ସ୍ଥିର କରାଯାଇଥିବାରୁଏହାକୁ ପାହାଳ ଅଞ୍ଚଳର ଗ୍ରାମବାସୀମାନେ ବିରୋଧ କରିଛନ୍ତି। ଏ ନଇ ସାମ୍ବାଦିକ ସମ୍ମିଳନୀରେ କହିଥିଲେ କି ସରକାରଙ୍କ ତରଫରୁ ଆମ୍ଭଗ୍ରାମବାସୀଙ୍କୁ କୌଣସି ସୂଚନା ଦିଆଯାଇନାହିଁ କି ଜନପ୍ରତିନିଧି ମାନଙ୍କ ସହିତ କୌଣସି ଆଲୋଚନା କରାଯାଇନାହିଁ । ତୁରନ୍ତ ଅଞ୍ଚଳର ଜନସାଧାରଣଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ଉପଯୁକ୍ତ ଜାଗାରେ ର୍ନିମାଣ କରିବାକୁ ପାହାଳ ଗ୍ରାମ୍ୟ କମିଟ ସଭାପତି ତଥା ବରିଷ୍ଠ ନାଗରିକ କମିଟିର ସଭାପତି ପଦ୍ମନାଭ ପଟ୍ଟନାୟକ,ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ,ପାହାଳ ମିଠାବଜାରର ଅକ୍ଷୟ କୁମାର ଲେଙ୍କା,ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ,ସୁଧୀର କୁମାର ପଟ୍ଟନାୟକ,ଖଗେଶ୍ୱର ପଟ୍ଟନାୟକ,ବିକଳ ପଟ୍ଟନାୟକ,ସ୍ୱାକ୍ଷର ରଞ୍ଜନ ମହାନ୍ତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସମେତ ୧୦୦ ରୁ ଉର୍ଦ୍ଧ୍ୱ ଅଞ୍ଚଳର ଭଦ୍ରବ୍ୟକ୍ତିଙ୍କ ସହ ମହିଳା ଓ ପୁରୁଷମାନେ ଉପସ୍ଥିତ ରହି ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ଖୁବ୍ ଶୀଘ୍ରଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ସମ୍ବନ୍ଧରେ ଅବଗତ କରାଇବେ ବୋଲି ପ୍ରକାଶ କରିଛନ୍ତି ।

# ବନ୍ଧକାଟି ବାଲି ନେଉଛନ୍ତି ମାଫିଆ

ବଳଙ୍ଗା ,(ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଜଳ ସମ୍ପଦ ବିଭାଗ ଅଧିନ ଗୋପୀନାଥପୁର ନିକଟରେ ବାଲି ମାଫିଆଙ୍କ ଉନ୍ମତ୍ତ କାଣ୍ଡ। ୩୦ଫୁଟ ଲମ୍ବ ଏବଂ ୬ଫୁଟରୁ ଉର୍ଦ୍ଧ୍ୱ ଗଭୀରରେ ବନ୍ଧ କାଟିଦେଲେ ବାଲି ମାଫିଆ ଦିନକୁ ଦିନ ବଳଙ୍ଗା ଆଞ୍ଚରେ ବାଲି ମାଫିଆଙ୍କ ଦୈରାତ୍ମ୍ୟ ବଢ଼ି ବଢ଼ି ଚାଲୁଥିବା ବେଳେ ମନ ଇଚ୍ଛା ବେଆଇନ ଭାବରେ ନଦୀବନ୍ଧ କଟାଯାଇ ଚାଲିଛି ବାଲି ଓ ମାଟି ଚାଲାଣ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ସୋମବାର ଦିନ ଘଟଣା ସ୍ଥଳରେ ପୁରୀ ମାଇନିଙ୍ଗ ଅଧିକାରୀ ସମିର ମିଶ୍ର ତାଙ୍କ ଟିମ୍ ସହିତ ଏବଂ ବଳଙ୍ଗା ଥାନାର ଉପ ଆରକ୍ଷୀ ଅଧିକାରୀ କେଦାର ଚନ୍ଦ୍ର ଦୋରାଙ୍କ ମିଳିତ ଟିମ ସହାୟତାରେ ଘଟଣାସ୍ଥଳରେ ଚଢ଼ାଉ କରିବାବେଳେ ଅନେକ ଟ୍ରାକ୍ଟର ବାଲି ନେଉଥିବା ବେଳେ ଜାଣିପାରି ଫେରାର ହେଇଯିବାରେ ଗୋଟିଏ ଟ୍ରାକ୍ଟର ସହିତ ଗୋଟିଏ ଜେଶି ମେସିନ ଜବତ କରିବା ସହିତ ଦୁଇ ଜଣ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ଅଧିକ ପଚରା ଉଚରା କରିଥିଲା। ତେବେ ସବୁଠାରୁ ବଡ କଥା ଚାରିମାସ ତଳେ ନଦୀବନ୍ଧ ସୁଦୃଢ଼ୀ କାରଣ ପାଇଁ ଉପ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିବା ବେଳେ ଏପଟେ ରାସ୍ତା କାର୍ଯ୍ୟ ଜାରି ଥିବା ବେଳେ ସେପଟେ କିପରି ବାଲି ମାଫିଆ ମାନେ ୫ ଗୋଟି ଯାଗାରେ ନଦୀବନ୍ଧ କାଟିଲେ ତାହା ଏବେ ବଳଙ୍ଗା ଜଳ ସମ୍ପଦ ବିଭାଗ ଉପରେ ବଡ଼ ପ୍ରଶ୍ନବାଚି ସୃଷ୍ଟି କରିଛି।ତେବେ ଏନେଇ ବିଭାଗୀୟ ଅଧିକାରୀ ସଂଗ୍ରାମ ମହାନ୍ତିଙ୍କୁ ପଚାରିବାରେ ଆମେ ତାଙ୍କ ବିରୁଦ୍ଧରେ ଥାନା କୁ ତୁରନ୍ତ ଅଭିଯୋଗ କରୁଛୁ ବୋଲି କହିଥିଲାବେଳେ ମାଫିଆଙ୍କ ବିରୁଦ୍ଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରଥ ପଥ ପ୍ରସ୍ତୁତ: ଆଜି ହେବ ଭକ୍ତ ଭଗବାନଙ୍କ ମହାମିଳନ



ରଣପୁର,(ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁର ରଥଯାତ୍ରା ଯାତ୍ରା ପାଇଁ ସମସ୍ତ ପ୍ରକାର ନୀତି ଚୂଡାନ୍ତ ହୋଇ ପ୍ରସ୍ତୁତି ଶେଷ ହୋଇଛି। ରଣପୁର ବଡ଼ ଦାଣ୍ଡରେ ସୁସଜିତ ହୋଇ ଅପେକ୍ଷା ରତ ତିନି ରଥ। ରଥ ପଥ ଜଗନ୍ନାଥ ପ୍ରସ୍ତୁତ ହୋଇ ରହିଅଛନ୍ତି ।ଆସନ୍ତା କାଲି ଶୁକ୍ରବାର ହେବ ଭକ୍ତ ଭଗବାନଙ୍କ ମହାମିଳନ।ତେବେ ପୂର୍ବ ର୍ନିଦ୍ଧାରିତ ଚୂଡାନ୍ତ ନୀତି ର୍ନିଘଣ୍ଟ ଅନୁସାରେ ଗୁରୁବାର ମହାପ୍ରଭୁଙ୍କ ନବଯୌବନ ଦର୍ଶନ ସକାଳ ୭ଟାରୁ ଆରମ୍ଭ ହୋଇ ଦିନତମାମ ଶ୍ରୀମନ୍ଦିର ରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିରହିଥିଲା ।ରାତ୍ରି ଦଶଟା ପରେ ସର୍ବସାଧାରଣ ଦର୍ଶନ ବନ୍ଦ ହୋଇ ମହାପ୍ରଭୁଙ୍କ ସେନାପଟା ନୀତି ଆରମ୍ଭ ହୋଇଥିଲା।ଶୁକ୍ରବାର ଶ୍ରୀଗୁଣ୍ଡିଚା ପାଇଁ ଚୂଡାନ୍ତ ନୀତି ଅନୁସାରେ ସକାଳ ୯ଘଣ୍ଟିକା ରେ ଅବକାଶ ବଲ୍ଲଭ ୯:୩୦ରୁ ୧୦:୩୦ ମଧ୍ୟରେ ରଥପ୍ରତିଷ୍ଠା କରାଯାଇ ମଧ୍ୟାହ୍ନ ୧୧ଟା ରୁ ୧୨ଟା ମଧ୍ୟରେ ସକାଳ ଧୂପ କରାଯାଇ ୧୨ଟା ରୁ ୧ଟା ମଧ୍ୟରେ ଭଅଣ୍ଡ ଭୋଗ ମଙ୍ଗଳାର୍ଅର୍ପଣ କରାଯାଇ ଅପରାହ୍ନ ୨ଟାରୁ ପହଣ୍ଡି ଆରମ୍ଭ କରାଯିବ ।ସେହିଭଳି ଅପରାହ୍ନ ୪ଟାରେ ଛେରାପହଁରା ପରେ ସାଢ଼େ ୪ଟାରେ ରଥଟଣା କାର୍ଯ୍ୟ ଆରମ୍ଭ ହେବା ନେଇ ନୀତି ଚୂଡାନ୍ତ ହୋଇଛି ।ସନ୍ଧ୍ୟାରେ ଶ୍ରୁତିସୁଧା ସଙ୍ଗୀତକଳା ବିଦ୍ୟାନିକେତନ ତରଫରୁ ବଡଦାଣ୍ଡ ରେ ଭଜନସାମାରୋହ ଅନୁଷ୍ଠିତ ହେବ। ତେବେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଜଗନ୍ନାଥ ସେନା ତରଫରୁ ରଥମହାରଣା ମାନଙ୍କୁ ସନ୍ମାନିତ କରାଯାଇଛି।

# ଓଡ଼ିଶା ନାଟ୍ୟ ସାହିତ୍ୟ ପ୍ରବାଦ ପୁରୁଷ ରାମଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ନୟାଗଡ଼,(ସବ୍ୟୁ): : ନୟାଗଡ଼ ପଠାଣିସାମନ୍ତ ସଂସ୍କୃତି ଭବନ ପରିସରରେ ନୟାଗଡ଼ ଜିଲ୍ଲା ମାଟିର ଗୌରବ ତଥା ନାଟ୍ୟ ସାହିତ୍ୟପ୍ରବାଦ ପୁରୁଷ ନାଟ୍ୟକାର ସ୍ୱର୍ଗତ ରାମଚନ୍ଦ୍ର ମିଶ୍ରଙ୍କ ପୂର୍ଣ୍ଣ ଅବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ପ୍ରଚେଷ୍ଟାରେ ମହାନ ନାଟ୍ୟାର ସ୍ୱର୍ଗତ ମିଶ୍ରଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ଅମ୍ଳାନ ପ୍ରତିଭାପ୍ରତି ଭଗୀର ଶ୍ରଦ୍ଧାଳୀ ଅର୍ପଣ ସହିତ ସ୍ମୃତି ଜାଗରଣ କରାଯାଇଥିଲା। ନୟାଗଡ଼ ଜିଲ୍ଲା ଦଶପଲ୍ଲା ମାଟିର କିମ୍ବଦନ୍ତୀ ପୁରୁଷ ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟ ରଚନା ଓଡ଼ିଶା ନାଟ୍ୟ ଜଗତକୁ ଋଦ୍ଧିମନ୍ତ କରିଛି। ସ୍ୱର୍ଗତ ମିଶ୍ରଙ୍କ ରଚନା ମଧ୍ୟରେ 'ଘରସଂସାର', ଓ 'ଭାଇ ଭାଉଜ' ଓଡ଼ିଆ ସିନେମା ଜଗତକୁ ଆକୃଷ୍ଟ କରିଥିଲା। ସ୍ୱର୍ଗତ ମିଶ୍ରଙ୍କ ଅନ୍ୟତମ ସୃଷ୍ଟି ମଧ୍ୟରେ 'ମୂଳିଆ'ଭଳି ଅନେକ ଜୀବ' ଓ ମର୍ମସ୍ପର୍ଶୀ ନାଟକ ଓଡ଼ିଆ ନାଟ୍ୟ ସାହିତ୍ୟ ପ୍ରତି ଶ୍ରେଷ୍ଠ ଅବଦାନ। ନାଟ୍ୟ ଜଗତର ସେହି ପ୍ରବାଦ ପୁରୁଷ ସ୍ୱର୍ଗତ ରାମଚନ୍ଦ୍ର ମିଶ୍ରଙ୍କ ୩୩ ତମ ଶ୍ରାଦ୍ଧ ଦିବସ ଅବସରରେ ନୟାଗଡ଼ ମାଟିରେ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ପଠାଣି ସାମ' ସଂସ୍କୃତି ଭବନ ପରିସରରେ ସ୍ୱର୍ଗତ ମିଶ୍ରଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ କରାଯାଇଛି। ବରେଣ୍ୟ ନାଟ୍ୟକାର ସ୍ୱର୍ଗତ ମିଶ୍ରଙ୍କ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ଓ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି।ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅନାବରଣ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ପୌରାଧ୍ୟକ୍ଷ ନିରୁପମା ଖଟେଇ. ଲେଖକ ବିଶ୍ୱନାଥ ମହାପାତ୍ର, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ, ସାହିତ୍ୟ ଓ ସମାଜ ସଂଗଠକ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନାଟ୍ୟକାର ସ୍ୱର୍ଗତ ମିଶ୍ରଙ୍କ ଅମ୍ଳାନ ପ୍ରତିଭାର ସ୍ମୃତିଜାଗରଣ କରିଥିଲେ। ଏଥିରେ ବହୁକବି, ସାହିତ୍ୟିକ, ଲେଖକ, ସମାଜସେବୀ, ରାଜନେତା ଆଦି ଉପସ୍ଥିତ ଥିଲେ।

# ମତ୍ସଜୀବୀଙ୍କ ଉପରେ ଗୁଳିମାଡ, ଜଣେ ଗୁରୁତର

ବାଲୁଗାଁ ,(ସବ୍ୟୁ) :କୃଷ୍ଣପ୍ରସାଦ ଥାନା ସିପିଆ ଚିଲିକା ଅଞ୍ଚଳରେ ଗତ କାଲି ରାତ୍ରିରେ ମାଛ ଧରାକୁ କେନ୍ଦ୍ର କରି ମତ୍ସଜିବୀଙ୍କ ଉପରେ ଗୁଳିମାଡ଼ ହୋଇଛି । ଏହି ଘଟଣାରେ ଜଣେ ଗୁରୁତର ଆହତ ହୋଇଛନ୍ତି ।ସେ ହେଲେ ବାଲୁଗାଁ ଥାନା ଚନ୍ଦ୍ରାପୁଟ ଗ୍ରାମର ବୀର ଜାଲି (୫୫) । ତେବେ ଅନ୍ୟ ଦୁଇ ଜଣ କୌଶଳ କ୍ରମେ ଜୀବନ ରକ୍ଷା କରି ଖସି ଆସିବାରେ ସକ୍ଷମ ହୋଇଛନ୍ତି ।ଚନ୍ଦ୍ରାପୁଟ ଗ୍ରାମର ବୀରଙ୍କ ସମେତ ତୋଫାନ ବେହେରା ଏବଂ କାହ୍ନା ବେହେରା ବୁଧବାରସକାଳୁ ଡ଼ଙ୍ଗା ଜାଲ ଧରି ଚିଲିକାକୁ ମାଛ ମାରିବା ପାଇଁ ଯାଇଥିଲେ ।ବିଳମ୍ବିତ ରାତି ପ୍ରାୟ ୧୨ ଘଟିକା ସମୟରେ ସିପିଆ ଚିଲିକା ଅଞ୍ଚଳରେ ମାଛ ମାରୁଥିବା ବେଳେ ହଠାତ ୨୦ ରୁ ୨୫ ଜଣ ୩ ଟି ଡ଼ଙ୍ଗାରେ ଆସି ଅତର୍କିତ ଭାବେ ଦେଶୀ ବନ୍ଧୁକରୁ ଛେରା ଗୁଳି ମାଡ କରିଥିଲେ । ତୋଫାନ ଏବଂ କାହ୍ନା ପାଣିକୁ ଡେଇଁ ପହଁରି କୌଣସିମତେ ଗ୍ରାମକୁ ପଳାଇଆସିବାରେ ସକ୍ଷମ ହୋଇଥିଲେ । ବୀରଙ୍କ ଶରୀରରେ ଗୁଳି ମାଡ ଯୋଗୁଁ ସେ ଆହତ ହୋଇଥିଲେ ।ଗୁରୁବାର ସକାଳୁ ଆକ୍ରମଣ କାରୀ ମାନେ ଆହତ ବୀରଙ୍କୁ ବସରେ ବସାଇ ଗ୍ରାମକୁ ପଠାଇଦେଇଥିଲେ ୫ ପରିବାର ଲୋକେ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ଡାକ୍ତରଖାନା ନେଇଥିଲେ ଏବଂ ପରେ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ପୂର୍ବରୁ ମଧ ଏହିପରି ମାଛ ମରା କୁ କେନ୍ଦ୍ର କରି ଚିଲିକାରେ ବୋମା ଏବଂ ଗୁଳି ମାଡ଼ ହୋଇଛି । ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ମତ୍ସଜିବୀ ମହଲରେ ଦୃଢ଼ ଦାବୀ ହୋଇଛି ।

# ନୀଳମାଧବ ମନ୍ଦିର ଆୟ ଉତ୍ସ ବାର୍ଷିକ ନିଲାମ

କଣ୍ଟିଲୋ,(ସବ୍ୟୁ) : ନୀଳମାଧ ମନ୍ଦିରର ବିଭିନ୍ନ ଆୟ ଉତ୍ସ ମାନଙ୍କ ବାର୍ଷିକ ନିଲାମ ଖଣ୍ଡପଡ଼ା ତହସିଲ କାର୍ଯାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ସିଂହ ଦ୍ୱାର ଗାଡି ପାର୍କିଂ ସର୍ବାଧିକ ୨୧ଲକ୍ଷ ୧୧ହଜାର ୧ଶହ ୧୦ଟଙ୍କାରେ ୧ବର୍ଷ ପାଇଁ ନିଲାମ ଦିଆଯାଇଥିବା ବେଳେ ପୋଖରୀ ୫୨ହଜାର ୬ଶହଟଙ୍କା ୩ବର୍ଷ, ରାଧାମୋହନ ଜୀଉ ମଠ ନଡ଼ିଆ ବଗିଚା ଦଶ ହଜାର ଟଙ୍କା ଓ ୩ବର୍ଷ ପାଇଁ ନିଲାମ ହୋଇଛି।

# ସ୍ମାର୍ଟ ସ୍କୁଲ ପରିସରରୁ ଛାତ୍ରଙ୍କ ସାଇକେଲ ଚୋରି

ଗୋପ,(ସବ୍ୟୁ): ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସାଇକେଲ ଚୋରି ହୋଇଛି। ଏହାକୁ ନେଇ ଏବେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସ୍ମାର୍ଟ ସ୍କୁଲ ରେ ସିସିଟିଭି ଲାଗିଥିଲେ ମଧ ପ୍ରାୟତଃ ଅଚଳ ଅବସ୍ଥାରେ ରହିଛି। । ପ୍ରକାଶ ଯେ ମଙ୍ଗଳବାର ପୂର୍ବାହ୍ନ ରେ ସବୁଦିନ ପରି ନବମ ଶ୍ରେଣୀର ଛାତ୍ର ଜଣଙ୍କ ନିଜ ସାଇକେଲ ଆଣି ସ୍କୁଲ ପରିସରରେ ରଖିଥିବା ବେଳେ ମଧ୍ୟାହ୍ନ ଖେଳ ଛୁଟି ରେ ସାଇକେଲକୁ କେହି ନେଇ ଯାଇଥିବା ଜାଣିବାକୁ ପାଇଥିଲେ।ପରେ ଛାତ୍ର ଜଣଙ୍କ ସାଇକେଲ ଚୋରି ସଂପର୍କରେ ଘରେ ଜଣାଇବା ପରେ ଅଭିଭାବକ ମାନେ କେମିତି ଓ କିପରି ସାଇକେଲ ଚୋରି ହୋଇ ଯାଉଥିବା ନେଇ ଦାୟିତ୍ୱ ରେ ଥିବା ପ୍ରଧାନଶିକ୍ଷକ ଙ୍କୁ ପଚାରିଥିବା ବେଳେ ପ୍ରଧାନଶିକ୍ଷକ ଜଣଙ୍କ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ପୂର୍ବରୁ ମଧ ସ୍କୁଲ ରୁ ବିଭିନ୍ନ ସମୟରେ ସରକାରୀ ପକ୍ଷରୁ ମିଳିଥିବା କମ୍ପୁଟର, ବିଦ୍ୟୁତ ସରଞ୍ଜାମ ସହିତ ଖେଳ ସାମଗ୍ରୀ ଆଉ କେତକ ଆବଶ୍ୟକୀୟ ଜିନିଷ ଚୋରି ହୋଇଥିଲେ ମଧ ଦାୟିତ୍ୱ ରେ ଥିବା ପ୍ରଧାନଶିକ୍ଷକ ଏପରି ଘଟଣାକୁ ଚାପି ଦେଇଥିବା ଅଭିଯୋଗ ରହିଛି।

## ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସରେ ବୃକ୍ଷରୋପଣ

ଫୁଲନଖରା ,(ସବ୍ୟୁ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସରେ ବୟାଳିଶମୌଜା ଶ୍ରୀରାମ ଗ୍ରାମ ନିକଟସ୍ଥ କାଠଯୋଡି ନଦୀପଠାରେ ଏକ ବୃକ୍ଷରୋପଣ କରାଯାଇଛି । ୩୦ଟି ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯାଇଥିଲା । ପ୍ରକୃତି ବନ୍ଧୁ ନବକିଶୋର ପଣ୍ଡା ଏବଂ ସାମ୍ବାଦିକ ଦିପ୍ତୀ ରଂଜନ ଶତପଥିଙ୍କ ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# କୁଳୁରୁକୁମ୍ଭା ପଞ୍ଚାୟତରୁ ଚୋରି : ପୋଲିସର ଛାନ ଭିନ

ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ବ୍ଲକ କୁଳୁରୁକୁମ୍ଭା ପଞ୍ଚାୟତରୁ ଚୋରି ହୋଇଛି। ଚୋରମାନେ ପଞ୍ଚାୟତ ରେ ଥିବା କମ୍ପୁଟର,ଜେରକ୍ସ,ଏବଂ ପଞ୍ଚାୟତ ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବା ହାର୍ଡ଼ ଡିସ୍କ,ସିସିଟିଭି ଆଦି ଚୋରି କରି ନେଇଛନ୍ତି। ଏହା ସହ ଚୋର ମାନେ ସେହି ପଂଚାୟତ ର ଗୁର୍ହା ଛକ ଠାରେ ଥିବା ଗୋବିନ୍ଦ ନାଏକ ଙ୍କ ଦୋକାନ କ୍ୟାବିନ ତାଲା କାଟୁଥିବା ବେଳେ ପଡୋଶୀ ଲୋକ ଉଠି ପଡିବାରୁ ଚୋର ମାନେ ସାଥିରେ ଆଣିଥିବା ବାଇକ ଛାଡି ଚାଲି ଯାଇଥିଲେ । ଏ ସମ୍ପର୍କରେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ କରିଥିବା ବେଳେ ଚୋରମାନେ ଛାଡି ଯାଇଥିବା ବାଇକକୁ ଜବତ କରିଛି। । ଘଟଣା ସ୍ଥଳରେ ବାଣୀଗୋଛା ଥାନା ଆଇ ଆଇ ସି ବିନୟ କୁମାର ପରିଡା ଅନୁସନ୍ଧାନି କୁକୁର ସହ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ବିଡ଼ିଓ ଭୁବନା ନନ୍ଦ ପଟ ନାଏକ ସହକର୍ମୀଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟରେ ପହଂଚି ତଦନ୍ତ ଆରମ୍ଭ କରିଛି।ମାତ୍ର ଅନୁସନ୍ଧାନି କୁକୁର ଚୋର ଧରିବାରେ ବିଫଳ ହୋଇଥିବା ବେଳେ ଚୋରିକରିଚୋର ମାନେ ଫେରାର ହୋଇ ଯାଇଥିବାରୁ ଚୋରଙ୍କୁ ଧରବା ପାଇଁ ଜାଲ ବିଛାଇଛି ପୋଲିସ । ବିଶେଷ ଭାବେ ଜବତ ବାଇକ କୁ ଧରି ପୋଲିସ ଅନୁସନ୍ଧାନ ଜାରି ରଖିଛି । ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଦୀର୍ଘଦିନ ଧରି ପଞ୍ଚାୟତ ରେ ଜଗୁଆଳି ନଥିବାର ସୁଯୋଗ ନେଇ ଚୋର ମାନେ ପଞ୍ଚାୟତ ରେ ପଶି ଏହି ଚୋରି କରିଥିବା ନିକଟସ୍ଥ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ଖୋଲା ଆକାଶ ତଳେ ପଡିଛନ୍ତି ବୃଦ୍ଧ



ସାକ୍ଷୀଗୋପାଳ, ,(ସବ୍ୟୁ): ସାକ୍ଷୀଗୋପାଳ ମନ୍ଦିର ପାର୍ଶ୍ୱରେ ରହିଥିବା କୁଅ ଚାନ୍ଦିନୀରେ ୨ ଦିନ ହେଲା ପଡ଼ି ରହିଛନ୍ତି ଜଣେ ବୃଦ୍ଧ ବ୍ୟକ୍ତି। ଦୁର୍ବଳ ଶରୀର ବୟସ ହାରାହାରି ୭୦ ରୁ ଅଧିକ । ଲୁଙ୍ଗି, ସାର୍ଟ ପିନ୍ଧିଥିବା ବେଳେ ସାଙ୍ଗରେ ଥିବା ଗାମୁଛା ଟି ଚାନ୍ଦିନୀ ଉପରେ ପାରି ତା ଉପରେ ବିଶ୍ରାମ ନେଇଛନ୍ତି। ଥକି ପଡ଼ିଥିବା ଜୀର୍ଣ୍ଣ ଶରୀର, ପାଟିରୁ କଥା ବାହାରୁ ନାହିଁ। କେବଳ ଠାରରେ ସେ ଭଲଭାବେ ଶୁଣିପାରୁ ନଥିବା ସଙ୍କେତ ଦେଉଛନ୍ତି। ଖାଦ୍ୟ ଗ୍ରହଣ କରୁନଥିବା ବୃଦ୍ଧ ଜଣକ ବର୍ଷାରେ ଭଜବା ସହ ଖରା ତାପରେ ବି ସେଠାରେ ପଡି ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୀର୍ଘ ସମୟ ଶୋଇ ରହିବା ଫଳରେ ଦେହରେ ପିମ୍ପୁଡି ଲାଗିଗଲେଣି । ବୁଧବାର ସକାଳ ଠାରୁ ସେଠାରେ ରହିଥିଲେ ମଧ କେହି ତାଙ୍କୁ ସାହା ହେବାକୁ ଆସୁନାହାନ୍ତି। ଯଥା ଶୀଘ୍ର ତାଙ୍କୁ ଉଦ୍ଧାର କରିବାସହ ଯତ୍ନ ପାଇଁ ପ୍ରଶାସନ ନିକଟରେ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ମୃତ୍ୟୁ ଅପେକ୍ଷାରେ ପଡିପଡି ଆଖିବୁଜି ବା ପୂର୍ବରୁ ତାଙ୍କର ଯତ୍ନ ନେବା ଜରୁରୀ ହୋଇଛି।

# ଉତ୍ସର୍ଗ ଫାଉଣ୍ଡେସନର ସେବା ଉତ୍ସବ – ୨୦୨୫



ଦଶପଲ୍ଲା ,(ସବ୍ୟୁ): ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସେବା ଉତ୍ସବ – ୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ପ୍ରିୟବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଲେଖକ ହାଡ଼ିବନ୍ଧୁ ମହାଖୁଡ଼ , କୁଜାମେଣ୍ଡି ସମିତିସଭ୍ୟ ଶ୍ରଦ୍ଧାଞ୍ଜଳି ସାହୁ , ସମାଜସେବୀ ସନ୍ତୋଷ କୁମାର ସାହୁ,ଟାକରା ହାଇସ୍କୁଲ ପ୍ରଧାନ ଶିକ୍ଷକ ମୁକେଶ କୁମାର ଦିଗାଲ,ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଧାମୋହନ କର୍ମୀ, ଟାକରା ଗ୍ରାମ ପଂଚାୟତ ସମିତିସଭ୍ୟ ପ୍ରଶାନ୍ତ ଦଳବେହେରା, ବାବା ସିଦ୍ଧେସ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ବାବୁଲା ସାହୁ, ଦି – ପଲିଟିକାଲ ସର୍କସର ଅଭିନେତା ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବର ସକାଳ ସମୟରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ଏହାକୁ ଟାକେରା ସରପଞ୍ଚ ମଦନ କୁମାର ଯାନୀ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ ।ପରେ ଟ୍ରଷ୍ଟ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବନପାଳ ରାକେଶ କୁମାର ସାହୁ ଓ ବନରକ୍ଷୀ ଅଜୟ କୁମାର ସାହୁ ସହଯୋଗ କରିଥିଲେ । ଅପରାହ୍ନରେ ଟ୍ରଷ୍ଟ ପକ୍ଷରୁ ଗରିବ ଲୋକମାନଙ୍କୁ ଖାଦ୍ୟ ଶହ ବସ୍ତ୍ର,ଛତା,ଚପଲ,କମ୍ବଳ ବଣ୍ଟନ କରାଯାଇଥିଲା । ଚଳିତ ବର୍ଷ ଲେଖକ ହାଡ଼ିବନ୍ଧୁ ମହାଖୁଡ଼ ଓ ପ୍ରଫୁଲ୍ଲ କୁମାର ପଣ୍ଡା , ପ୍ରକାଶ ରଞ୍ଜନ ବିଶ୍ୱାଳଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଏହି ସଭାକୁ ପ୍ରଦୀପ କୁମାର ସାହୁ ପରିଚାଳନା କରିଥଲେ । କାର୍ଯ୍ୟକ୍ରମ ଶେଷ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଖଣ୍ଡପଡ଼ା ବିଧାୟକ



ଖଣ୍ଡପଡ଼ା , (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିକଟ ଅତୀତରେ ଖଣ୍ଡପଡ଼ା ର୍ନିବାଚନମଣ୍ଡଳୀକୁ ଗସ୍ତରେ ଆସି ପ୍ରଭୁ ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋ ଏବଂ ଶବର ରାଜା ବିଶ୍ୱାବସୁଙ୍କ ଗାଁ କାଳିଆପଲ୍ଲୀ ପରିଦର୍ଶନ କରି ଫେରିଥିବା ବେଳେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଖଣ୍ଡପଡ଼ା ପରି ଏକ ଗରୁତ୍ୱ ପୂର୍ଣ୍ଣ ବିଧାନସଭା କ୍ଷେତ୍ରରୁ ପ୍ରଥମ ଥର ବିଧାୟକ ଭାବେ ପ୍ରତିନିଧି କରିବାର ସୁଯୋଗ ପାଇଥିବା ବିଧାୟକ ଶ୍ରୀ ସ୍ୱାଇଁ ରାଷ୍ଟ୍ରପତିଙ୍କୁ ସାକ୍ଷାତକରି ଖଣ୍ଡପଡ଼ା ର୍ନିବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥିଲେଛ । ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ଅବସରରେ ବିଧାୟକ କଣ୍ଟିଲୋ ନୀଳମାଧବ ମନ୍ଦିର ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର ପ୍ରତିଷ୍ଠା, ପରିଚାଳନା କମିଟି ଏବଂ କର୍ପସ ଫଣ୍ଡ ବ୍ୟବସ୍ଥା, ବିଶ୍ୱାବସୁଙ୍କ ଜନ୍ମସ୍ଥାନ କାଳିଆପଲ୍ଲୀ ଗ୍ରାମର ବିକାଶ ପାଇଁ ମାଷ୍ଟର ପ୍ଲାନ, ନାରାୟଣୀ ମନ୍ଦିରର ସୌନ୍ଦର୍ଯ୍ୟକରଣ, ଅଶିଦଶକରୁ ସ୍ଥାପିତ ପାନ୍ଥନିବାସର ଆଧୁନୀକରଣ, ବିଶ୍ୱାବସୁଙ୍କ ନାମରେ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା, ଏସିଆ ମହାଦେଶର ଦ୍ୱିତୀୟ ସର୍ବ ବୃହତ ଉଷ୍ମ ପ୍ରସବଣ କେନ୍ଦ୍ରକୁ ବିଶ୍ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା, ବିଶ୍ ବିଖ୍ୟାତ ଜ୍ୟୋର୍ତିବିଜ୍ଞାନୀ ପଠାଣି ସାମନ୍ତଙ୍କ ଜନ୍ମସ୍ଥାନ ଖଣ୍ଡପଡ଼ାରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ବିଧାୟକ ମହାମହିମ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ସେହିପରି କଣ୍ଟିଲୋର କଂସା ବାସନ, ଖଳିସାହିର ପିତଳ ମୂର୍ତ୍ତି, ତେନ୍ତୁଳିଆପଲ୍ଲୀ, କଇଫୁଲିଆ, ବାଇଗୁଣିଆ, ଜାମୁସାହି ଆଦି ଗ୍ରାମର କୁଶଳୀ ଶିଳ୍ପୀଙ୍କ ହାତ ତିଆରି ହସ୍ତତନ୍ତ, ବେଣାଗାଡ଼ିଆ ଗ୍ରାମର ମାଟି ଶିଳ୍ପ, ଖଣ୍ଡପଡ଼ା କୁମ୍ଭାରସାହିର କାରିଗରଙ୍କ ମାଟିଶିଳ୍ପ (ମୂର୍ତ୍ତି) ଏବଂ ବରପଲ୍ଲି, କଇଁଥପଲ୍ଲୀ ଓ ଖଳଖଳା ଗ୍ରାମର ବାଉଁଶ କାରିଗରୀ ଆଦି ଇତିହାସ ପାଲଟିବାକୁ ବସିଥିବା ନେଇ ବିଧାୟକ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣ୍ଡପଡ଼ା ଅଞ୍ଚଳର ବଣ ପାହାଡ଼ ଘେରା ପର୍ଯ୍ୟଟନକ୍ଷେତ୍ର ଗୁଡିକର ବିକାଶ ପରି ବିଭିନ୍ନ ସମସ୍ୟା ସମ୍ପର୍କରେ ମହାମହିମ ରାଷ୍ଟ୍ରପତିଙ୍କ ସହ ବିଧାୟକ ଆଲୋଚନା କରିଥିବା ଜଣାପଡିଛି ।

# କାର ସହ ଗଞ୍ଜେଇ ଜବତ : ଦୁଇ ଜଣ ଗିରଫ

ବାଙ୍କୀ ,(ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ବ୍ଲକ କଳାପଥର ପଟୁ ବାଙ୍କୀ ଭେଡ଼ା ରାମଚନ୍ଦ୍ରପୁର ରାସ୍ତାରେ ଚାରିଛକ ପଟୁ ବାଙ୍କୀ ଆସିଥିବା ରାସ୍ତାର ଜୋକଲାଞ୍ଜି ଛକ ଠାରେ କୌଣସି ସୂତ୍ରରୁ ଖବର ପାଇ ବାଙ୍କୀ ପୋଲିସ ଗଞ୍ଜେଇ ଭର୍ତ୍ତି କାରକୁ ଅଟକାଇ ଥିଲେ। ସେଥିରେ ୯୯. କୁଇଣ୍ଟାଲ ୭୫୦ ଗ୍ରାମ ଗଞ୍ଜେଇ ପ୍ୟାକେଟକୁ ଜବତ କରିଛି। କାରରେ ଗଞ୍ଜେଇ ପ୍ୟାକେଟ ନେଇ ଯାଉଥିବା ଦୁଇ ଜଣ ବ୍ୟକ୍ତି ହେଲେ ତିଗିରିଆ ଥାନା ପଙ୍କାଳ ଗ୍ରାମର ହବିବୁଲ୍ଲା ଖାଁ(ଗାଣ୍ଡୁ )ଓ ତିଗିରିଆ ଥାନା ଗୋଖନଖାଲ ଗ୍ରାମର ଲିପୁନା ବେହେରା ( ଲିପୁ) କୁ ପୋଲିସ ଗିରଫ କରିଛି। ଦୁଇ ଜଣ ଯାକ ଗତ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ମିନିଟ ସମୟରେ ମାରୁତି କାର ନମ୍ୱର୍ ଓ ଡି,୦୨ ଏଲ,୦୮୬୩ ରେ ଗଞ୍ଜେଇ ରଖି କଳାପଥର ପଟୁ ବାଙ୍କୀ ଆଡ଼କୁ ଆସୁଥିଲେ। ସେମାନେ ଗଞ୍ଜେଇ କଟକ କିମ୍ବା ତିଗିରିଆ , ବିକ୍ରୀ କରିବା ପାଇଁ ନେଇ ଥାଆନ୍ତେ ବୋଲି ସନ୍ଦେହ କରା ଯାଉଛି।ମାଜିଷ୍ଟ୍ରେଟ ତଥା ବାଙ୍କୀ ସହକାରୀ ଜିଲ୍ଲାପାଳ ସୌମ୍ୟ ରଞ୍ଜନ ମହାପାତ୍ର ଉପସ୍ଥିତରେ ଗଞ୍ଜେଇ ଓଜନ କରାଯାଇ ୨ ଜଣଙ୍କୁ ଗିରଫ କରା ଯାଇଥିବାର ବାଙ୍କୀ ଏସଡ଼ିପିଓ ବାଳକୃଷ୍ଣ କହଁର ସୂଚନା ଦେଇଛନ୍ତି ।

# ଶିଶୁ ଶ୍ରମିକ ଉଦ୍ଧାର

ବାରଙ୍ଗ ,(ସବ୍ୟୁ): ଚନ୍ଦକାଥାନା ଅନ୍ତର୍ଗତ ସୁନ୍ଦରପୁର ଅଂଚଳରୁ ୪ଜଣ ଶିଶୁଶ୍ରମିକକୁ ଗୁରୁବାର ସଂଧ୍ୟାରେ ଉଦ୍ଧାର କରିଛି ଚନ୍ଦକା ପୋଲିସ। ମିଳିଥିବା ସୂଚନା ମୁତାବକ ସୁନ୍ଦରପୁରଠାରେ ଥିବା ଏକ ସିମେଣ୍ଟ ଇଟାକମ୍ପାନୀରେକାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ କିଛି ଶିଶୁ ଶ୍ରମିକ ଥିବାର ବିଶେଷ ସୂତ୍ରରୁ ସୂଚନା ମିଳିଥିଲା।ଏହି ଆଧାରରେ ସିଡବ୍ଲୁସି ଓ ଚନ୍ଦକା ପୋଲିସ ମିଳିତ ଭାବରେ ଉକ୍ତ ସିମେଣ୍ଟ କାରଖାନା ଉପରେ ଚଢ଼ାଉ କରିଥିଲେ । ସେ କମ୍ପାନୀରୁ ଜଣେ ଝିଅ ଓ ତିନିଜଣ ବାଳକକୁ ଚଢାଉ କରି ଉଦ୍ଧାର କରାଯାଇଥିଲା। ଯାହାଙ୍କର ବୟସ ୧୮ ବର୍ଷରୁ କମ ଥିଲା ଜଣାପଡିଛି। ଉଦ୍ଧାର ହୋଇଥିବା ଶିଶୁ ଶ୍ରମିକକୁ ବରମୁଣ୍ଡା ରୁଚିକାଠାରେ ଥିବା ଶିଶୁ ସୁରେଖାକୁ ପଠାଇ ଦିଆଯାଇଛି । ଉକ୍ତ କମ୍ପାନୀକୁ ଏକ ନୋଟିସ ଦିଆଯାଇ ତାଗିତ କରାଜୀବ ବୋଲି ଚନ୍ଦକା ଥାନା ଅଧିକାରୀ ବିଶ୍ୱଜିତ ମନୋବଧା କହିଛନ୍ତି ।

# ବିଜେଡ଼ିର ସାଂଗଠନିକ ବୈଠକ

କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବିଜେଡ଼ି ଦଳର ଏକ ସାଂଗଠନିକ ବୈଠକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁରଠାରେ ଥିବା ହାରାମଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦକୁମାର ମଲିକ ମୁଖ ଅତିଥିଭାବେ ଯୋଗଦେଇ ଦଳକୁ ପୂର୍ବପରି ମଜଭୁତ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନୀୟ ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବ୍ଲକର ନୂତନ ଦଳୀୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କଣ୍ଟାପଡ଼ା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ କୈଳାସଚନ୍ଦ୍ର ମହାରଣା ବ୍ଲକ ବିଜେଡ଼ି ଦଳର ସଭାପତି ଓ ଯୁବ ସଂଗଠକ ସୁବ୍ରତକୁମାର ପାତ୍ର କାର୍ଯ୍ୟନିର୍ବାହୀ ସଭାପତିଭାବେ ମନୋନୀତ ହୋଇଥିଲେ। ଅନମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ କ୍ରିଷ୍ଣାରାଣୀ ବେହେରା, ଅଡ଼ଶପୁର ସରପଞ୍ଚ ସୁବ୍ରତକୁମାର ଦାସ, ବ୍ରାହ୍ମଣସାଇଲୋ ସରପଞ୍ଚ ତୃପ୍ତିମୟୀ ରାଉତ, ସମିତି ସଭ ପ୍ରଶାନ୍ତକୁମାର ପାଢ଼ୀ, ଗୋବିନ୍ଦପୁର ସରପଞ୍ଚ ସୁମିତ୍ରା ପାଢ଼ୀ, ଯୁବ ସଂଗଠକ ବିମାନବିହାରୀ ବେହେରା, କାପଡ଼ା ବ୍ଲକ 'ଆତ୍ମା'ର ପ୍ରାକ୍ତନ ଅଧ୍ୟକ୍ଷ ନକୁଳ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରାକ୍ତନ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ କାମନାରେ ନିରବ ପ୍ରାର୍ଥନା ହୋଇଥିଲା।

# ବିଜେଡି ବିଜେପି ଢେଲାମାଡ ଘଟଣାକୁ କଂଗ୍ରେସର ନିନ୍ଦା

ଆଠଗଡ ,(ସବ୍ୟୁ): ଆଠଗଡ ବ୍ଲକ ସମ୍ମୁଖରେ ଗତ ମଙ୍ଗଳବାର ଦିନ ହୋଇ ଥିବା ଘଟଣାରେ ବିଜେପି ବିଜେଡ଼ି କର୍ମୀ ଙ୍କ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧ ରେ କିଛି ନିରୀହ ଲୋକମାନେ ଗିରଫ ହୋଇଛନ୍ତି। ଏହି ଘଟଣାକୁ ଆଠଗଡ଼ କଂଗ୍ରେସ କାଉନସିଲର ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଏହାକୁ ଘୋର ନିନ୍ଦା କରାଯାଇଛି।ଘଟଣାସ୍ଥଳରେ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରା ଯାଇଥିଲେ ମଧ ଶତାଧିକ ବିଜେଡି କର୍ମୀ କିଭଳି ସେ ଜାଗାରେ ଉପସ୍ଥିତ ରହିଲେ। ସେମାନଙ୍କୁ ଛାଡି ଦିଆଗଲା। ଯେଉଁ ବିଜେପି ଏବଂ ବିଜେଡି କର୍ମୀ ଗଣ୍ଡଗୋଳ ଭିଆଇଥିଲେ ସେମାନେ ଆରାମରେ ବାହାରେ ବୁଲୁଛନ୍ତି।କିନ୍ତୁ ଅନ୍ୟ ମାନଙ୍କ ନାମରେ ୩୦୭ ଭଳି ସଙ୍ଗୀନ ଦଫା ଲଗାଇ ଗିରଫ କରି କୋର୍ଟ ଚାଲାଣ କରାଗଲା। ଆଠଗଡର ଭାଇଚାରାକୁ ନଷ୍ଟ କରିବା ସହିତ ପୋଲିସକୁ ଆହତ କରିବାରେ ଆଠଗଡ଼ ପ୍ରଶାସନର ସଂପୂର୍ଣ୍ଣ ବିଫଳତା ଏହି ଘଟଣାରେ ବାରି ହୋଇ ପଡୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ,ଶିରୀଷ ଚନ୍ଦ୍ର ଧଳ,ଛାତ୍ର କଂଗେସ ସଭାପତି ସୁବାଶିଷ ମିଶ୍ର, ହିମାଂଶୁ ମହାନ୍ତି, ରମେଶ ପ୍ରଧାନ,ସମ୍ବିତ ଦଳେଇ, ଅଭିଷେକ ତୁଙ୍ଗ ସାମନ୍ତ, ସଂଗ୍ରାମ ବେହେରା ରଜତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୭/୦୨)

-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-

(ଶ୍ରୀଭଗବାନୁବାଚ )

**ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା ।**
**ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ।।୨।।**

ଦେହୀମାନଙ୍କର ଯେ ଶ୍ରଦ୍ଧା ତାହା ସାତ୍ତ୍ୱିକୀ, ରାଜସୀ ଓ ତାମସୀ ଭେଦରେ ତିନିପ୍ରକାର, ଏହା ସ୍ୱଭାବରୁ ଜାତ (ଅର୍ଥାତ୍ ଏହା ପୂର୍ବଜନ୍ମ ସଂସ୍କାରରୁ ଜାତ) । ସେହି ତିନି ପ୍ରକାର ଶ୍ରଦ୍ଧା ଶ୍ରବଣ କର ।।୨।।

# ଶ୍ରୀକ୍ଷେତ୍ର ରଥଯାତ୍ରାର ଆକର୍ଷଣ

## ସମ୍ପାଦକୀୟ

ଶ୍ରୀକ୍ଷେତ୍ରର ରଥଯାତ୍ରା ହେଉଛି ସମଗ୍ର ବିଶ୍ୱରେ ଆକର୍ଷଣର କେନ୍ଦ୍ରବିନ୍ଦୁ । ପୁରୀ ପରି ଏକ ଛୋଟ ସହର ମଧ୍ୟରେ ପ୍ରତିବର୍ଷ ଏହି ରଥଯାତ୍ରାର ଆୟୋଜନ ଯେପରି ବିଚିତ୍ର, ସେହିପରି ବ୍ୟାପକ ମଧ୍ୟ । ବିଶ୍ୱର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏବେ ମହାଡମ୍ବରରେ ପାଳନ କରାଯାଉଛି । ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଏହା ଏକ ଗର୍ବର କାରଣ । ପୁଣି ଅନେକ ରାଜା ଆସିଛନ୍ତି ଓ ଯାଇଛନ୍ତି । ମାତ୍ର ପୁରୀ ରାଜା ପରମ୍ପରା କ୍ରମେ ରହି ଆସିଛନ୍ତି ଓ ପବିତ୍ର ରଥଯାତ୍ରା ଏବଂ ବାହୁଡା ଯାତ୍ରାରେ ଶ୍ରୀଜିଉମାନେ ରଥଯାତ୍ରା ଆରମ୍ଭ ହୁଏ । ତା' ପୂର୍ବରୁ ଯେପରି ରାଜା ଜଣେ ସାମାନ୍ୟତମ ସେବକ ଭାବେ ରଥାରୂଢ଼ ହୋଇ ଛେରାପହଁରା କରନ୍ତି, ତାହା ଏକ ଅନନ୍ୟ ପରଂପରା ବୋଲି ମନେ ହୋଇଥାଏ । ଲକ୍ଷ ଲକ୍ଷ ଲୋକଙ୍କ ସମଭିବ୍ୟାହରରେ ଜଣେ ବିଶିଷ୍ଟ ସାହିତ୍ୟିକଙ୍କ ଭାଷାରେ 'ନୀଳାଚଳ ଆଜି ଲୀଳା ଚଞ୍ଚଳ ହୋଇଉଠିଛି' ।

ଶ୍ରୀକ୍ଷେତ୍ର ରଥଯାତ୍ରାର ଅନୁସରଣରେ ଦେଶବିଦେଶର ସର୍ବତ୍ର ଏବେ ଶ୍ରୀଜିଉମାନଙ୍କର ରଥଯାତ୍ରା ପାଳିତ ହେଉଛି । ଭକ୍ତମାନଙ୍କର ଉନ୍ମାଦନା ଓ ଆକର୍ଷଣର ତୁଳନା ପ୍ରକୃତରେ କରିହୁଏ ନାହିଁ । ଶ୍ରୀଜଗନ୍ନାଥ ଯେପରି ରହସ୍ୟମୟ ଦେବତା, ତାଙ୍କୁ ଜାଣିବାକୁ ବହୁ ଗବେଷକ ବିଭିନ୍ନ ଦୃଷ୍ଟିରୁ ଗବେଷଣା କରି ଆସିଛନ୍ତି । ତାଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଉପରେ ମଧ୍ୟ ଅନେକ ଗବେଷଣା ଚାଲିଛି । ପୁସ୍ତକ ପ୍ରଭୃତି ମଧ୍ୟ ଲେଖା ହେଉଛି । କିନ୍ତୁ ସେ ସବୁ ଯେପରି ଚୂଡାନ୍ତ ନୁହେଁ, ଅସମାପ୍ତ ବୋଲି ମନେ ହୋଇଛି ।

ବିଭିନ୍ନ ଧର୍ମାବଲମ୍ବୀ ନିଜ ନିଜ ଧର୍ମ ସହିତ ଶ୍ରୀଜଗନ୍ନାଥଙ୍କ ଧର୍ମକୁ ମଧ୍ୟ ସମ୍ମାନ ଦେଇ ଆସିଛନ୍ତି । ଏ କମ୍ ବଡ଼ କଥା ନୁହେଁ । ଶ୍ରୀଜଗନ୍ନାଥ ତେଣୁ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲି କେହି କେହି କହନ୍ତି । ମନ୍ଦିର ମଧ୍ୟକୁ ଅନ୍ୟ ଧର୍ମାବଲମ୍ବୀଙ୍କୁ ପ୍ରବେଶର ଅନୁମତି ଦିଆଯାଏ ନାହିଁ । ସେହିପରି ହରିଜନ (ଅନୁସୂଚିତ ଜାତି)ର ଲୋକଙ୍କୁ ମନ୍ଦିର ମଧ୍ୟକୁ ଛଡ଼ାଯାଏ ନାହିଁ ବୋଲି ଶ୍ରୀଜଗନ୍ନାଥଙ୍କୁ ଭକ୍ତି କରି ଆସୁଥିଲେ ମଧ୍ୟ ଜାତିର ପିତା ଗାନ୍ଧିଜୀ ପୁରୀ ଗସ୍ତରେ ଆସି ମନ୍ଦିର ମଧ୍ୟରେ ପ୍ରବେଶ କରି ନ ଥିଲେ । ତଦ୍ୱାରା ଗାନ୍ଧିଜୀ ଛୋଟ ହୋଇଯାଇ ନାହାନ୍ତି । ମାତ୍ର ଗାନ୍ଧିଜୀଙ୍କ ସହଧର୍ମିଣୀ କସ୍ତୁରବା, ଗାନ୍ଧିଜୀଙ୍କୁ ନ ଜଣାଇ ଲୁଚି କରି ଶ୍ରୀମନ୍ଦିରରେ ଗାନ୍ଧିଜୀଙ୍କ ସହାୟକ ମହାଦେବ ଦେଶାଇଙ୍କ ସହଧର୍ମିଣୀଙ୍କ ସହ ପ୍ରବେଶ କରି ଶ୍ରୀଜିଉମାନଙ୍କୁ ଦର୍ଶନ କରି ଫେରି ଆସିଥିଲେ । ଏ କଥା ଜାଣିବା ପରେ ଗାନ୍ଧିଜୀ ମନ କଷ୍ଟରେ ଅନଶନ ମଧ୍ୟ କରିଥିଲେ ।

ସେ ଯାହା ହେଉ, ଉଚ୍ଚକୋଟିର କାରୁକାର୍ଯ୍ୟ ବିମଣ୍ଡିତ କୋଣାର୍କ ମନ୍ଦିର ସୂର୍ଯ୍ୟ ମନ୍ଦିର ଭାବେ ପରିଚିତ । ସେହି ମନ୍ଦିରଟି କାଳକ୍ରମେ ଭାଙ୍ଗି ପଡ଼ିଲା । ତାହାର ଭଗ୍ନାବଶେଷ ଦେଖିବାକୁ ଏବେ ବି ପର୍ଯ୍ୟଟକମାନଙ୍କର ଭିଡ଼ ହେଉଛି । କିନ୍ତୁ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ଶ୍ରୀଜିଉମାନେ ଏ ପର୍ଯ୍ୟନ୍ତ ମଧ୍ୟ ପୂଜା ପାଇ ଆସୁଛନ୍ତି କେଉଁ କାଳରୁ । ବୈଦେଶିକ ଆକ୍ରମଣ ଯୋଗୁଁ କେତେବେଳେ ଶ୍ରୀଜଗନ୍ନାଥଙ୍କୁ ସ୍ଥାନାନ୍ତର କରାଯାଇ ପାତାଳୀ କରାଯାଇଛି ସତ, ମାତ୍ର ତାଙ୍କର ଦୈନନ୍ଦିନର ପୂଜାରୀତି ବନ୍ଦ ହୋଇନାହିଁ । ତାଙ୍କର ରଥଯାତ୍ରା ସାମୟିକ ଭାବେ ସ୍ଥଗିତ ରହିଥିବା କଥା ଇତିହାସ କହିବ । ଏପରିକି ଗତ କରୋନା ମହାମାରୀ ସମୟରେ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାରେ ଭିଡ଼କୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ସେହି ଉତ୍ସବକୁ ଛଡାଯାଇ ନଥିଲା,ମାତ୍ର ରଥଯାତ୍ରା ଠିକ୍ ଭାବେ ସଂପନ୍ନ ହୋଇଥିଲା । ଯେତିକି ମନେପଡୁଛି, ଶ୍ରୀଜଗନ୍ନାଥଙ୍କର ଜଣେ ମାତ୍ର ସେବାୟତ କରୋନାକ୍ରାନ୍ତ ହୋଇଥିଲେ । ତେଣୁ ଶ୍ରୀଜଗନ୍ନାଥଙ୍କ ମହିମାର ପଟ୍ଟାନ୍ତର ନାହିଁ । ପ୍ରକୃତରେ ବିଶ୍ୱରେ ଯଦି କେହି ଗଣଦେବତା ଥାଆନ୍ତି, ତେବେ ସେ ଶ୍ରୀଜଗନ୍ନାଥଙ୍କ ବ୍ୟତିରେକେ ଆଉ କେହି ନୁହନ୍ତି । ଏକଥା ଆମମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ । ସେ କେବଳ ଓଡ଼ିଆମାନଙ୍କର ଇଷ୍ଟ ଦେବତା ନୁହଁନ୍ତି, ସମଗ୍ର ବିଶ୍ୱର ଆଦରଣୀୟ ଦେବତା ଭାବେ ମଧ୍ୟ ପୂଜିତ ।

ସୁଦୂର ଆମେରିକା ଓ ଇଂଲଣ୍ଡର ଏକାଧିକ ସ୍ଥାନରେ ଏବେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ହେଉଛି । ବିଭିନ୍ନ ଧର୍ମ ସଂପ୍ରଦାୟର ଲୋକେ ଭାବବିହ୍ୱଳ ହୋଇ ସେ ସବୁ ସ୍ଥାନରେ ରଥଯାତ୍ରା ଆଡମ୍ବର ସହକାରେ ପାଳନ କରି ଆସୁଛନ୍ତି । ଅନ୍ୟ କୌଣସି ଧର୍ମ ସଂପ୍ରଦାୟରେ ସେପରି ଦେଖାଯାଏ ନାହିଁ । ଶ୍ରୀଜଗନ୍ନାଥଙ୍କ ନିକଟରେ ଧନୀ ଓ ନିର୍ଦ୍ଧନ କେହି ବଡ଼ ନୁହନ୍ତି । ସମସ୍ତଙ୍କୁ ସେ କୁଆଡ଼େ ସମାନ ଦୃଷ୍ଟିରେ ଦେଖନ୍ତି । ଏହି ବିଶ୍ୱାସ ରହିଛି ଆମ ସମସ୍ତଙ୍କର । ଅନୁକୂଳ ପାଗ ହେଲେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମରେ ଶ୍ରୀକ୍ଷେତ୍ର ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ । ମୁଦ୍ରଣ ଗଣମାଧ୍ୟମ, ତଡିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମଗୁଡ଼ିକ ଏହି ରଥଯାତ୍ରାର ବିବରଣୀ ପାଇବାକୁ ଯେଉଁ ବ୍ୟାକୁଳତା ପ୍ରକାଶ କରିଥାନ୍ତି, ଅନ୍ୟତ୍ର ସେପରି ଜଣାପଡ଼େ ନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶୃଙ୍ଖଳିତ ରଥଯାତ୍ରା ଉପରେ ଏଥର ଗୁରୁତ୍ୱାରୋପ କରିଥିବା ଯୋଗୁଁ ସେମାନେ ଧନ୍ୟବାଦାର୍ହ ।

ଜୟ ଜଗନ୍ନାଥ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଶ୍ୱନିୟନ୍ତାଙ୍କ ବିଶ୍ୱବିଖ୍ୟାତ ଘୋଷଯାତ୍ରା



ଅନନ୍ତ ଗୋପାଳ ପଣ୍ଡା

ନୀଳଗିରି କନ୍ଦରେ ବ୍ୟାଘ୍ର ଗୁମ୍ଫା ମଧ୍ୟରେ ମଣିମୟ ବିଗ୍ରହ ରୂପରେ ମର୍ତ୍ତ୍ୟମଣ୍ଡଳର ଏକମାତ୍ର ଭକ୍ତ ବିଶ୍ୱାବସୁର ଭକ୍ତିରେ ବଶୀଭୂତ ହୋଇଥିଲେ ନୀଳମାଧବ । ଶବରପଲ୍ଲୀର ଅନତି ଦୂରରେ ଘଞ୍ଚ ଅରଣ୍ୟ ମଧ୍ୟରେ ସମସ୍ତଙ୍କ ଅଗୋଚରରେ ପ୍ରଭୁ ଗ୍ରହଣ କରୁଥିଲେ ଶବର ରାଜାର ପୂଜା ନୈବେଦ୍ୟ । ମନ୍ତ୍ରର ନଥିଲା ଆବଶ୍ୟକତା, କେବଳ ଭକ୍ତିରେ ନୀଳମାଧବ ହେଉଥିଲେ ସନ୍ତୁଷ୍ଟ । ପରେ ପରେ ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ଅବନ୍ତୀ ନରେଶ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ସନ୍ଧାନ ନିମନ୍ତେ ପ୍ରେରଣ କଲେ ବିଦ୍ୟାପତିଙ୍କୁ । ନିଜର ଐକାନ୍ତିକ ଭକ୍ତି ବଳରେ ବିଶ୍ୱାବସୁର ବିଶ୍ୱାସ ଭାଜନ ହୋଇ ସେ ମଧ୍ୟ ଦର୍ଶନ କଲେ ନୀଳମାଧବଙ୍କୁ । ଜଣ ଦେବତାରୁ ଗଣଦେବତା ଆଡ଼କୁ ପ୍ରଭୁଙ୍କ ଜୟଯାତ୍ରାର ହେଲା ଆୟମାରମ୍ଭ । ପରେ ପରେ ପ୍ରଭୁ ହେଲେ ଅଦୃଶ୍ୟ ।

ପାଗଳ ପ୍ରାୟ ହେଲେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ଭକ୍ତ ବିଶ୍ୱାବସୁ । ଭକ୍ତର ଦୁଃଖ ଓ ଅବସାଦକୁ ଦୂରୀଭୂତ କରିବା ନିମନ୍ତେ ପ୍ରଭୁ ପ୍ରକଟ ହେଲେ ଦାରୁବ୍ରହ୍ମ ରୂପରେ, ନୀଳ ସୁନ୍ଦର ପର୍ବତ ଉପରେ, ଶ୍ରୀବସୁଖଣ୍ଡଶାଳର ରତ୍ନବେଦୀରେ । ଲକ୍ଷ ଲକ୍ଷ ଭକ୍ତଙ୍କୁ ଦେଲେ ଦର୍ଶନ । ଜଣ ଦେବତା ଗଣ ଦେବତାରେ ପରିଣତ ହେଲେ । ପ୍ରଭୁ ଜଗନ୍ନାଥ ଉତ୍କଳର ଆରାଧ୍ୟଭାବେ ବିବେଚିତ ହେଲେ । ଓଡ଼ିଆ ଜାତିକୁ ଦେଲେ ଏକ ନୂତନ ପରିଚୟ । ସେତିକିରେ ପ୍ରଭୁଙ୍କର ମହିମା ସୀମିତ ନହୋଇ ହେଲା ପରିବ୍ୟାପ୍ତ । ଭାରତର କୋଣ ଅନୁକୋଣରୁ ଭକ୍ତମାନଙ୍କର ସୁଅ ଛୁଟିଲା ଶ୍ରୀକ୍ଷେତ୍ର ପୁରୀକୁ । ଚକାନୟନର ସମ୍ମୋହନରେ ସମ୍ମୋହିତ ହେଲେ ଭକ୍ତବୃନ୍ଦ । ଜଗନ୍ନାଥ ସଂସ୍କୃତି ବିସ୍ତାରିତ ହେଲା । ଭାରତର ବିଭିନ୍ନ ସ୍ଥାନରେ ଗଢ଼ିଉଠିଲା ଜଗନ୍ନାଥ ମନ୍ଦିର । ସର୍ବତ୍ର ଗଡିଲା ନନ୍ଦିଘୋଷ । ଗଣଦେବତା ହେଲେ ରାଷ୍ଟ୍ରଦେବତା । କ୍ରମେ କ୍ରମେ ଜଗନ୍ନାଥଙ୍କ ମହିମା ପ୍ରସାରିତ ହେଲା । ମହାପ୍ରଭୁଙ୍କ ଭୁଜଦ୍ୱୟ ପ୍ରଲମ୍ବିତ ହେଲା । ସାତ ସମୁଦ୍ର ତେରନଈ ପାରହୋଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାରା ବିଶ୍ୱରୁ ଆକର୍ଷିତ ହୋଇଆସିଲେ ଭକ୍ତବୃନ୍ଦ ନୀଳାଚଳ ଧାମକୁ । ମାନବଧର୍ମର ମହାପୀଠ ବଡ଼ଦାଣ୍ଡ ହେଲା ଲୋକାରଣ୍ୟ । ନନ୍ଦିଘୋଷରେ କଳାବାମନଙ୍କୁ କଲେ ଦର୍ଶନ । ଭକ୍ତମାନଙ୍କର ଆକୁଳ ପ୍ରାର୍ଥନାକୁ ଅଙ୍ଗୀକାର କରି ପ୍ରଭୁ ବିଜେହେଲେ ବିଶ୍ୱର କୋଣ ଅନୁକୋଣରେ । ବିଦେଶ ମାଟିରେ ନିର୍ମାଣ ହେଲା ଜଗନ୍ନାଥ ମନ୍ଦିର । ବିଦେଶୀ ଭକ୍ତମାନେ ଆନନ୍ଦରେ ଟାଣିଲେ ନନ୍ଦିଘୋଷ ରଥ । ଜଗନ୍ନାଥଙ୍କ ପ୍ରେମରେ ସମସ୍ତେ ହେଲେ ଉନ୍ମତ୍ତ । ରାଷ୍ଟ୍ରଦେବତା ପ୍ରଭୁ ଜଗନ୍ନାଥ ହୋଇଗଲେ ବିଶ୍ୱଦେବତା । ଜଗତରନାଥ ନାମକରଣ ହେଲା ସାର୍ଥକ ।



ପ୍ରଦତ୍ତ ଟାହିଆ । ଟାହିଆ ହେଉଥିବ ଦୋଳାୟମାନ । ଚକା ଚକା ଆଖିରେ ପ୍ରଭୁ ଊର୍ଦ୍ଧ୍ୱକୁ ତଥା ସମ୍ମୁଖକୁ କରୁଥିବେ ଅବଲୋକନ । ଭକ୍ତମାନଙ୍କୁ ନିକଟରେ ସନ୍ଦର୍ଶନ କରି ରଙ୍ଗ ଅଧରରୁ ଝରି ପଡୁଥିବ ସ୍ମିତହାସ୍ୟ ରେଖା । ଘଣ୍ଟଘଣ୍ଟା, ମର୍ଦ୍ଦଳ, କାହାଳୀ ସ୍ୱନରେ ଗଗନ ପବନ ପ୍ରକମ୍ପିତ ହେଉଥିବ । ଦୋଳାୟମାନ ହେଉଥିବ ଆଲଟ, ଚାମର । ବିଳମ୍ବ ନକରି ଧାଡ଼ି ପହଣ୍ଡିରେ ସିଂହ ଠାଣିରେ ଗତି କରି ପ୍ରଭୁ ବିଜେ ହେବେ ରଥତ୍ରୟରେ । 'ରଥେତୁ ବାମନଂ ଦୃଷ୍ଟ୍ୱା, ପୁନର୍ଜନ୍ମ ନବିଦ୍ୟତେ' ନ୍ୟାୟରେ ଭକ୍ତ ବୃନ୍ଦ ରଥରେ କଳାବାମନଙ୍କୁ ଦର୍ଶନ କରି ହେବେ କୃତାର୍ଥ । ତିନିବାଡ଼ରେ ରୁନ୍ଧାକାର୍ଯ୍ୟ ସମାପନ



ଆଜି ଆଷାଢ଼ ମାସ ଶୁକ୍ଳ ପକ୍ଷ ପୁଷ୍ୟାନକ୍ଷତ୍ରଯୁକ୍ତ ତିଥି । ମୈତ୍ରୀର ବଡ଼ଦାଣ୍ଡ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ସମାବେଶରେ ପରିପୂର୍ଣ୍ଣ । ରଥତ୍ରୟ ପ୍ରସ୍ତୁତ । ସାରଥୀମାନେ ରଥିମାନଙ୍କର ଅନୁପସ୍ଥିତିରେ ହେଉଛନ୍ତି ବ୍ୟଥିତ । ଭକ୍ତମାନଙ୍କ କଣ୍ଠରୁ ନିଃସୃତ 'ଜୟ ଜଗନ୍ନାଥ' ଧ୍ୱନିରେ ଗଗନ ପବନ ହେଉଛି ମୁଖରିତ । ମର୍ତ୍ତ୍ୟମଣ୍ଡଳରେ ନରଗଣ, ନଭମଣ୍ଡଳରେ ସୁରଗଣଙ୍କ ସହିତ ଗନ୍ଧର୍ବ କିନ୍ନର, ଯକ୍ଷ, ରକ୍ଷଗଣ ଶ୍ରୀମୁଖଦର୍ଶନ ନିମନ୍ତେ ଅପେକ୍ଷାରତ । କଳାଶ୍ରୀମୁଖ କଳାବାମନ ରୂପରେ ଦେବେ ଦର୍ଶନ । ଦଇତାପତିଙ୍କ ଗହଣରେ ବୀରବିକ୍ରମ ଠାଣିରେ ଛେଚା କଚା ଖାଇ କେତେବେଳେ ରଥକୁ ପ୍ରଭୁ କରିବେ ଆଗମନ । ମଥାରେ ଥିବ ରାଘବ ଦାସ ମଠ

ପରେ ତାମ୍‌ଜାନରେ ଆସିବେ ଗଜପତି ମହାରାଜା । ହସ୍ତରେ ଧାରଣ କରିବେ ସମାର୍ଜନୀ । ଆରମ୍ଭ ହେବ ଛେରା ପହଁରା । ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାଭାବେ ଅଭିହିତ ଗଜପତିଙ୍କ ହସ୍ତରେ ଶୋଭାପାଇବ ସମାର୍ଜନୀ । ଛେରାପହଁରା ପ୍ରେରଣ କରିବ ନୂତନ ବାର୍ତ୍ତା । କୌଣସି କର୍ମ ଉଚ୍ଚ କି ନିକୃଷ୍ଟ ନୁହେଁ, ତା'ର ଜ୍ୱଳନ୍ତ ନିଦର୍ଶନ ହେଉଛି ଛେରାପହଁରା । ଶାସକ ହୋଇ ଶାସିତମାନଙ୍କ ପାଇଁ ସବୁକର୍ମକୁ ଆଦରି ନେବାର କ୍ଷମତା ତଥା ମନୋବୃତ୍ତିର ବାସ୍ତବ ପରିପ୍ରକାଶ ହେଉଛି ସମାର୍ଜନୀ ଦ୍ୱାରା ରଥ ମାର୍ଜନ । ପ୍ରଭୁ ଜଗନ୍ନାଥ ତାଙ୍କର ଆଦ୍ୟ ସେବକଙ୍କ ମାଧ୍ୟମରେ ଏହି ବାର୍ତ୍ତା ମାନବ ସମାଜକୁ ପ୍ରଦାନ କରୁଛନ୍ତି । କେବଳ ସେତିକି ନୁହେଁ, ଜଗନ୍ନାଥ ମହାପ୍ରଭୁ ଧର୍ମ ପତ୍ନୀଙ୍କୁ ସଙ୍ଗରେ ନ ନେଇ ଭାଇଭଉଣୀଙ୍କ ସାଥିରେ ଗୁଣ୍ଡିଚା ମନ୍ଦିରକୁ ନବଦିନ ପାଇଁ ଯାତ୍ରାରମ୍ଭ କରିବା ଯୌଥ ପରିବାରର ମହତ୍ତ୍ୱକୁ ପ୍ରତିପାଦନ କରୁଛି । ମୁଁ, ମୋର, ନୀତିରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନଙ୍କ ପାଇଁ ଏ ଘୋଷଯାତ୍ରା ଏକ ଶିକ୍ଷା କହିଲେ ଅତ୍ୟୁକ୍ତି ହେବନାହିଁ । ଜାତି, ଧର୍ମ, ବର୍ଣ୍ଣ, ଭିତ୍ତିରେ ଯେଉଁ ବିଭେଦ ବର୍ତ୍ତମାନ ସମାଜରେ ଦେଖାଦେଇଛି, ତା'ର ମଧ୍ୟ ବିରୋଧାଚରଣ କରୁଛି ଏହି ପତିତପାବନ ଯାତ୍ରା । ଶିଖ୍ ଧର୍ମାବଲମ୍ବୀ ନାନକଙ୍କୁ ପ୍ରଭୁ ଦେଇଛନ୍ତି ଦର୍ଶନ । ଅଚ୍ଛବ ଦାସିଆ ପ୍ରଦତ୍ତ ଶ୍ରୀଫଳକୁ ପ୍ରଭୁ ଗ୍ରହଣ କରିଛନ୍ତି । ଯବନ ସାଲବେଗକୁ ଦର୍ଶନ ଦେବାପାଇଁ ପ୍ରଭୁ ବଡ଼ଦାଣ୍ଡରେ ଅଟକାଇଛନ୍ତି ନନ୍ଦିଘୋଷ ରଥ । ପୁଣି କୃପାସିନ୍ଧୁ, ବଳରାମଙ୍କ ବାଲିରଥରେ କରିଛନ୍ତି ବିରାଜମାନ । ବିଦେଶ ମାଟିରୁ ଆସୁଥିବା ଶ୍ରଦ୍ଧାଳୁ ତଥା ଭକ୍ତମାନଙ୍କୁ ପ୍ରଭୁ ଅନାୟାସରେ ଦର୍ଶନ ଦେଉଛନ୍ତି । ବିଶ୍ୱଭ୍ରାତୃତ୍ୱକୁ ଅଙ୍ଗୀକାର କରି ଭକ୍ତର ସ୍ନେହ, ଶ୍ରଦ୍ଧା, ମୈତ୍ରୀ ଓ ପ୍ରୀତି ପାଶରେ ପ୍ରଭୁ ଆଜି ବାନ୍ଧି ହୋଇଯାଇଛନ୍ତି । ହେଉ ସେ ପାପୀ ଅଥବା ଦୁରାଚାରୀ, ତଥାପି ନୀଳାଦ୍ରିବିହାରୀ ତାକୁ ଦର୍ଶନରୁ କରୁନାହାଁନ୍ତି ବଞ୍ଚିତ । ଜନତା ଓ ଜଗନ୍ନାଥଙ୍କ ମହାମିଳନର ଏହି ମହାର୍ଘ୍ୟ ମୁହୂର୍ତ୍ତରେ ଆତ୍ମବିଭୋର ଆଜି ଭକ୍ତବୃନ୍ଦ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ଔଦାର୍ଯ୍ୟ ତଥା ମାଧୁର୍ଯ୍ୟପୂର୍ଣ୍ଣ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବିଶ୍ୱବାସୀଙ୍କ ହୃଦୟ କନ୍ଦରରେ ସ୍ନେହ, ଶ୍ରଦ୍ଧା, ମୈତ୍ରୀ, ପ୍ରୀତି, ଏକତା, ମମତା, ଭକ୍ତି, ପ୍ରେମ, ସେବା ଓ ପରୋପକାରର ମନ୍ଦାକିନୀ ପ୍ରବହମାନ କରାଇ ତହିଁରେ ବିଶ୍ୱଜନତାଙ୍କୁ ଅବଗାହନ କରିବାର ସୌଭାଗ୍ୟ ଯେ ପ୍ରଦାନ କରୁଥିବ ଚିରଦିନ ପାଇଁ, ଏଥିରେ ସନ୍ଦେହ ନାହିଁ ।

**ଶ୍ରୀକ୍ଷେତ୍ରବିହାର,ଆଇଗିଣିଆ,**
**ଭୁବେନେଶ୍ୱର**
**ମୋ-୯୮୬୧୪୭୦୧୯୮**

# ବର୍ଷା ଆସିଛି



ମନୋରଂଜନ ମହାନ୍ତି

ଗ୍ରୀଷ୍ମର ଉଷ୍ଣତା ଶେଷରେ ବର୍ଷା ଆସିଛି । ଦୁର୍ବାଦଳ ଶଯ୍ୟାରେ ଭରିଯାଇଛି ସବୁଜିମା । ବୃକ୍ଷଲତାରେ ବାରିଧାରାର ବିପୁଳ ସ୍ପର୍ଶ । ସବୁଜ ପତ୍ରର ସୀମାହୀନ ଶୋଭାଯାତ୍ରା । ମନେପଡୁଛି ପ୍ରସ୍ରବଣ ଶୈଳରେ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅବସ୍ଥାନ କାଳରେ ବର୍ଷାର ଆଗମନ । ଏହାର ବର୍ଣ୍ଣନା ରହିଛି ଗୋସ୍ୱାମୀ ତୁଳସୀ ଦାସଙ୍କ 'ଶ୍ରୀରାମଚରିତ ମାନସ' ଗ୍ରନ୍ଥରେ । ବର୍ଷାର ବର୍ଣ୍ଣନା କରିବାକୁ ଯାଇ ତୁଳସୀ ଦାସ ମଣିଷର ଅନ୍ତଃପ୍ରକୃତି ଓ ବହିଃପ୍ରକୃତିର ଏକ ସମାନ୍ତରାଳ ଚିତ୍ର ପ୍ରଦାନ କରିଛନ୍ତି ନିମ୍ନ ପ୍ରକାରେ ।

ଆକାଶରେ ମେଘ ଦେଖି ମୟୂରମାନେ ନାଚୁଛନ୍ତି, ଯେମିତି ଭକ୍ତମାନେ ଭବମାୟାକୁ ଉପେକ୍ଷା କରି ନାଚନ୍ତି । ଶୂନ୍ୟମଣ୍ଡଳର ଅମ୍ବୁଦ ମହୀମଣ୍ଡଳର ମାଟି ଆଡ଼କୁ ନଇଁଯାଇ ବର୍ଷିଯାଏ, ଠିକ୍ ଯେମିତି ବିଦ୍ୟା-ସଂପଦ ଅର୍ଜନ କରିଥିବା ଜ୍ଞାନୀମାନେ ନଇଁଯାଆନ୍ତି ଅର୍ଥାତ୍ ନମ୍ର ହୁଅନ୍ତି । ମେଘମାଳାରେ ବିଜୁଳିର ନୃତ୍ୟ ଯେଭଳି କ୍ଷଣସ୍ଥାୟୀ, ଖଳଲୋକଙ୍କ ପ୍ରୀତି ସେଭଳି କ୍ଷଣସ୍ଥାୟୀ । ପର୍ବତଗୁଡ଼ିକ ବର୍ଷାପାତକୁ ସହ୍ୟ କଲା ଭଳି ସଜ୍ଜନମାନେ ଖଳଲୋକଙ୍କ ବଚନ ସହ୍ୟ କରନ୍ତି । ବର୍ଷା ହେତୁ ବାଟର ଦୁଇ ପାର୍ଶ୍ୱରେ ଥିବା ଗଛଗୁଡ଼ିକ ଝଙ୍କାଳିଆ ହୋଇଛି, ପତ୍ରର ବିପୁଳ ସମ୍ଭାର, ଶାଖା ପ୍ରଶାଖାଗୁଡ଼ିକ ବାଟ ଆଡ଼କୁ ମାଡ଼ିଆସିଛି, ତେଣୁ ବାଟୋଇ ବେଳେବେଳେ ବାଟ ମଝିରେ ଅଟକିଯାଉଛି । ଠିକ୍ ସେମିତି ମଣିଷର ଦିବ୍ୟଜ୍ଞାନ ଉଦୟ ହେଲେ ବିବେକ ତାକୁ ସମୟ ସମୟରେ ଅଟକାଇଦିଏ, ଅର୍ଥାତ୍ ସେ କେଉଁ କାମଟି କରିବ, କେଉଁ କାମଟି ନକରିବ, ସେଥିପାଇଁ ମାର୍ଗଦର୍ଶନ କରେ ।

'ନିରବଚ୍ଛିନ୍ନ ବାରିପାତ ହେତୁ ଜଳରାଶି କିଆରି ଲଂଘନ କରି ବହିଯାଉଛି, ଯେମିତି ସ୍ୱେଚ୍ଛାଚାରିଣୀ ନାରୀ ମର୍ଯ୍ୟାଦା ଲଂଘନ କରେ । ନଦୀ ଜଳପୂର୍ଣ୍ଣ ଅଛି, ଜଳସ୍ରୋତର ଆଘାତ ପ୍ରଭାବରେ ତୀରଦେଶସ୍ଥ ବୃକ୍ଷ ଉପୁଡ଼ି ପଡୁଛି ଅର୍ଥାତ୍ ଜଳରାଶିରେ ନିଜକୁ ସମର୍ପି ଦେଉଛି । କୃଷକମାନେ କ୍ଷେତରୁ ବାଲୁଙ୍ଗା ଉପାଡୁଛନ୍ତି, ଯେମିତି ସାଧୁମାନଙ୍କର ଚୈତନ୍ୟ ଉଦୟ ହୋଇଥିବାରୁ ସେମାନେ ଆତ୍ମବଡ଼ିମାର ମୂଳୋତ୍ପାଟନ କରନ୍ତି ।

'ଗୋଟେ ପୁଷ୍କରିଣୀ ଜଳରେ ବେଙ୍ଗଟିଏ କ୍ରୂର ସର୍ପ କବଳରେ ପଡ଼ି ବିକଳ ହୋଇ ରାବୁଛି, ଅଥଚ ତା' ଆଖି ଆଗରେ ଉଡ଼ିଯାଉଥିବା ଶିଶୁ-କଙ୍କିଟିକୁ ଗିଳିଦେଉଛି । ଠିକ୍ ସେମିତି ମଣିଷମାନେ କାଳ କବଳରେ ପଡ଼ି ଦୁଃଖରେ ଘାରି ହେଉଥିଲେ ବି ଭବଭୋଗ ଲାଳସା ମେଣ୍ଟାଇବାକୁ ମନାସୁଛନ୍ତି । ବର୍ଷାଋତୁ ଉଦ୍ଭିଦମାନଙ୍କର ମିତ୍ର । କିନ୍ତୁ ଜଳ ଗହଳ ହେଲେ ପଦ୍ମଫୁଲ ମରିଯାଏ । ଠିକ୍ ଯେମିତି ମଣିଷ ଅତି ସଂପଦ ଅର୍ଜନ କଲେ ତାହା ତା' ପାଇଁ ବିଷମ ପରିସ୍ଥିତି ସୃଷ୍ଟି କରେ ।' ସନ୍ଥ ଶିରୋମଣି ତୁଳସୀ ଦାସ ବର୍ଷାକାଳର ବର୍ଣ୍ଣନା କରିବାକୁ ଯାଇ ଜୀବନ ଓ ଜଗତ୍ ସମ୍ବନ୍ଧୀୟ କି ଅନନ୍ୟ, ଅସାଧାରଣ ଦର୍ଶନ ଆମ ଆଗରେ ଉପସ୍ଥାପନ କରିଛନ୍ତି ସତରେ !

ଇଂରେଜ ପଣ୍ଡିତ ହୋରେସ୍ ହେମ୍ୟାନ୍ ଉଇଲ୍‌ସନ୍ ଯେତେବେଳେ କାଳିଦାସଙ୍କ 'ମେଘଦୂତମ୍' ବହିଟିକୁ ପଢ଼ିଲେ, ସେ ଆଶ୍ଚର୍ଯ୍ୟ ହେଲେ । ମେଘକୁ ଦୂତ ମନେକରି ଏତେ ସୁନ୍ଦର ରଚନା ସମ୍ଭବ ହୋଇପାରେ ! ରାମଗିରି ପର୍ବତର ଅଗ୍ରଦେଶକୁ ମେଘମାଳା ସ୍ପର୍ଶ କଲାବେଳେ ମହାକବି କାଳିଦାସଙ୍କ କଳ୍ପନାର ଶକ୍ତି ବହୁଗୁଣିତ ହୋଇଛି, ସତେ ଯେପରି ମହାକାଶରୁ ମାଟିକୁ ଅବତରଣ କରୁଛି, ମାଟିରୁ ମହାକାଶକୁ ଆରୋହଣ କରୁଛି ସେ ଶକ୍ତି ବାରମ୍ବାର ଓ କାଳିଦାସଙ୍କ ଲେଖନୀରେ ସ୍ୱତଃସ୍ଫୂର୍ତ୍ତ ଭାବରେ ସଂଚରି ଯାଉଛି । ମେଘ ଓ ମହାକବି ଉଭୟ ଆକର୍ଷଣ କରିଛନ୍ତି ଉଇଲ୍‌ସନ୍ ସାହେବ୍‌ଙ୍କୁ, ଯିଏ 'ମେଘଦୂତମ୍'ର ଇଂରାଜୀ ଅନୁବାଦ କରିଛନ୍ତି 'ଦି କ୍ଲାଉଡ୍ ମେସେଜ୍' ଶୀର୍ଷକରେ ୧୮୧୩ ମସିହାରେ, ବିଶ୍ୱସାହିତ୍ୟରେ 'ମେଘଦୂତମ୍'ର ପ୍ରଥମ ଅନୁବାଦ ।



କବି ରାଧାମୋହନ ଗଡ଼ନାୟକଙ୍କ 'ମାଟିର ମଣିଷ' କବିତାରେ ବର୍ଷାର ଆଗମନରେ 'ଜଳ-ବର୍ଷିତ ହଳ-କର୍ଷିତ ଜମିର ସୁରଭି ବାସ'ରେ ବିଭୋର ହୁଅନ୍ତି ପାଠକମାନେ । ଦିନେ ଇଂଲଣ୍ଡର କବି ଉଇଲିୟମ୍ ୱାର୍ଡ୍‌ସ୍‌ୱାର୍ଥ୍ ଚାଲିଚାଲି ଗଲାବେଳେ ଉପରକୁ ଚାହିଁ ଦେଖିଲେ, ପାହାଡ଼ ଓ ଉପତ୍ୟକାର ବହୁ ଊର୍ଦ୍ଧ୍ୱରେ ମହାକାଶରେ ଖଣ୍ଡେ ମେଘ ନିଃସଙ୍ଗ ହୋଇ ଭାସୁଛି, ଠିକ୍ ଯେମିତି ସେ ନିଜେ ମାଟି ଉପରେ ନିଃସଙ୍ଗ ହୋଇ ଚାଲୁଛନ୍ତି । ହଠାତ୍ ସେ ଦେଖିଲେ ଗୋଟେ ହ୍ରଦର ଜଳତରଙ୍ଗ ମୃଦୁମନ୍ଦ ସମୀରଣର ପ୍ରଭାବରେ ନୃତ୍ୟରତ ଆଉ ହ୍ରଦ କୂଳେ କୂଳେ ଫୁଟିଛି ସୁନ୍ଦର ଫୁଲଗୁଡ଼ିକ, କଳ୍ପନା କଲେ ଫୁଲମାନଙ୍କର ସଂଖ୍ୟା ଦଶହଜାର ହେବ । ପାଠକମାନଙ୍କୁ ବୋଧହୁଏ ସତେ ଯେପରି ୱାର୍ଡ୍‌ସ୍‌ୱାର୍ଥ୍‌ଙ୍କର ଏପରି କଳ୍ପନାପ୍ରବଣତା ଉତ୍ତରିତ ହୋଇଛି ହ୍ରଦର ଜଳରାଶିରୁ ମେଘଖଣ୍ଡ ପର୍ଯ୍ୟନ୍ତ ।

ଆମେରିକାର କବି ୱାଲ୍ଟ ହ୍ୱିଟ୍‌ମ୍ୟାନ୍‌ଙ୍କ 'ଦି ଭଏସ୍ ଅଫ୍ ଦି ରେନ୍' (ବର୍ଷାର ସ୍ୱର) କବିତାରେ କବି ବର୍ଷାକୁ ପଚାରିଛନ୍ତି ପ୍ରଶ୍ନଟିଏ, 'ତୁମେ କିଏ ?' ବର୍ଷା ଯାହା ଉତ୍ତର ଦେଇଛି, ତା'ର ମର୍ମାନୁବାଦ ହେବ ଏହିପରି, 'ମୁଁ ପୃଥିବୀର କବିତା । ଗ୍ରୀଷ୍ମଦିନରେ ଜଳାଶୟଗୁଡ଼ିକର ଜଳ ବାଷ୍ପ ହୋଇ ଆକାଶକୁ ଉଠିଯାଏ । ଜଳୀୟବାଷ୍ପ କ୍ରମଶଃ ମେଘରେ ପରିଣତ ହୁଏ । ମେଘ ଘନୀଭୂତ ହୋଇ ବର୍ଷା ହୁଏ । ଫଳରେ ଜଳ ଫେରିଆସେ ତା'ର ମୂଳସ୍ଥାନ ଜଳାଶୟକୁ । ମୁଁ ବର୍ଷା । ମୁଁ ଅବତରଣ କରେ ମହାକାଶରୁ ମାଟିକୁ, ଶୁଷ୍କ ଭୂମିକୁ ଆର୍ଦ୍ର କରେ, ଧୂଳିକୁ ଧୌତ କରେ, ମଞ୍ଜିରୁ ଅଙ୍କୁରୋଦ୍‌ଗମ କରେ, ପୃଥିବୀକୁ ନିର୍ମଳ, ସୁନ୍ଦର କରେ । ଯେମିତି କବିର ହୃଦୟରେ ସଙ୍ଗୀତର ସୃଷ୍ଟି ହୁଏ , ତାକୁ କିଏ ଶୁଣୁ କି ନଶୁଣୁ ସିଏ ପୁଣି ଫେରିଆସେ କବି-ହୃଦୟକୁ, ଠିକ୍ ସେମିତି ମୁଁ ବର୍ଷା । ମୁଁ ଆରୋହଣ କରେ ମାଟିରୁ ମହାକାଶକୁ, ପୁଣି ଅବତରଣ କରେ ମହାକାଶରୁ ମାଟିକୁ, ଫେରିଆସେ ମୋର ମୂଳଭୂମିର ଉତ୍ସକୁ, ମୁଁ କବି-ହୃଦୟର ସଙ୍ଗୀତ, ପୃଥିବୀର କବିତା । ମୁଁ ବର୍ଷା ।'

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**


# ଅଭାବୀମୁକ୍ତ ଜୀବନ

ମନୋଜ କୁମାର ବେହେରା

ଅମୃତବାଣୀ

ଗୋଟିଏ ମହତ୍ତ୍ୱପୂର୍ଣ୍ଣ କଥା ଅଛି,'ସବୁକିଛି ତ କାହା ପାଖରେ ନଥାଏ,କିନ୍ତୁ କିଛି ନା'କିଛି ଜିନିଷ ପ୍ରତ୍ୟେକଙ୍କ ପାଖରେ ଥାଏ' । ସେଥିପାଇଁ ଆମେ ନିଜର ଧ୍ୟାନ ସେହି ଜିନିଷ ଉପରେ କେନ୍ଦ୍ରିତ କରିବା ଦରକାର, ଯାହା ଆମର ପାଖରେ ଅଛି ନା କି ସେହି ଜିନିଷ ଉପରେ, ଯାହା ଆମ ପାଖରେ ନାହିଁ ।

ଅନ୍ୟଥା ଜୀବନର ଦୌଡ କେବେବି ଅଟକି ପାରିବନି । ଆଉ କୌଣସି ନା'କୌଣସି ବସ୍ତୁର ଅଭାବ ସର୍ବଦା ଲାଗି ରହିବ । ଯେତେବେଳେ ଆମେ କୌଣସି ଗୋଟିଏ ବସ୍ତୁକୁ ପ୍ରାପ୍ତ କରି ଦେଇଥାଉ,ଆଉକିଛି ସମୟ ପରେ ଆମକୁ ଅନ୍ୟ ବସ୍ତୁର ଅଭାବର ଅନୁଭବ ହେବାକୁ ଲାଗିଥାଉ । ଏହିଚକ୍ର ନିରନ୍ତର ଲାଗି ରହିଥାଏ । ଏହି ସ୍ଥିତିରୁ ବାହାରକୁ ବାହାରିବା ପାଇଁ ଏକମାତ୍ର ଉପାୟ ହେଲା- 'ଦୃଷ୍ଟିକୋଣକୁ ବଦଳେଇବା' । ସଠିକ୍ ଦୃଷ୍ଟିକୋଣର ଅଭାବରେ ଜୀବନରେ ଅଭାବହିଁ ଅଭାବ ରହିଥାଏ ।



ଯେତେବେଳେ ଆମେ ସମାଜରେ ଅନ୍ୟମାନଙ୍କୁ ନିଜ ସହିତ ତୁଳନା କରିଥାଉ,ଆଉ ଆମେ ନିଜକୁ ନିଜେକମ୍ ଆଙ୍କିବାକୁ ଲାଗିଥାଉ । ଏହି ଭାବନା ଆମକୁ ହୀନତାର ଭାବନାରେ ଭରି ଦିଏ ଆଉ ନକାରାତ୍ମକକୁ ଜନ୍ମ ଦେଇଥାଏ । ଅଭାବକୁ ଦୂର କରିବା ପାଇଁ ସର୍ବପ୍ରଥମେ ଆମକୁ ନିଜର ମୂଲ୍ୟାଙ୍କନ କରିବା ଜରୁରୀ । ଆମକୁ ନିଜର ଯୋଗ୍ୟତା, କ୍ଷମତା ଆଉ ଶକ୍ତିକୁ ଚିହ୍ନିବା ଆବଶ୍ୟକ ।

ଅନ୍ୟମାନଙ୍କ ସହିତ ତୁଳନା କରିବା ଉଚିତ୍ ନୁହେଁ । କାହିଁକି ପ୍ରତ୍ୟେକ ବ୍ୟକ୍ତିର କ୍ଷମତା ଆଉ ବିଚାର ଭିନ୍ନ ହୋଇଥାଏ । ଅଭାବକୁ ଦୂର କରିବା ପାଇଁ ଆମକୁ ନିଜର ଜୀବନର ବାସ୍ତବିକତାକୁ ମଧ୍ୟ ଚିହ୍ନଟ କରିବା ଜରୁରୀ ଆଉ ଜୀବନକୁ ତାହାର ବିବିଧତାର ସହିତ ସ୍ୱୀକାର କରିବା ଆବଶ୍ୟକ । କାହାର ଜୀବନରେ ଗୋଟିଏ ପକ୍ଷ ମଜବୁତ୍ ହୋଇଥାଏ ତ ଆଉ କାହାର ଦ୍ୱିତୀୟ ପକ୍ଷ ।

ନିଜର ଦୃଷ୍ଟିରେ ପରିବର୍ତ୍ତନ ଆଣି, ନିଜର ଯୋଗ୍ୟତା ଆଉ ଶ୍ରମରେ ଆମେ ନିଜର ଅଭାବକୁ ଦୂରକରି ପାରିବା । ଅଭାବକୁ ମନେ ପକେଇ ଦୁଃଖୀ ହେବା ସମସ୍ୟାର ସମାଧାନ ନୁହେଁ । ସେଥିପାଇଁ ଆମେ ନିଜର ଜୀବନକୁ ଅଭାବରୁ ମୁକ୍ତ କରିବା ପାଇଁ ସକାରାତ୍ମକ ଦୃଷ୍ଟିକୋଣକୁ ଆପଣେଇବା ଜରୁରୀ । ଯେଉଁଥିରୁ ଆମେ ନିଜର ଜୀବନରେ ପୂର୍ଣ୍ଣତା ପ୍ରାପ୍ତ କରିପାରିବା ।

**ପ୍ଲଟ ନମ୍ବର-୨୧୭/ପି,**
**ବାୟାବାବା ମଠ ଲେନ୍,**
**ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨**
**ଫୋନ୍-୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଇଏସ୍‌ଏସ୍‌ରୁ...

ଶୁଭାଂଶୁଙ୍କ ସହ ଅନ୍ୟ ୩ ବୈଜ୍ଞାନିକ ଅନ୍ତର୍ଜାତୀୟ ସ୍ପେଶ୍ ସେଣ୍ଟରରେ ପାଦ ରଖିଥିଲେ। ସ୍ପେଶ୍ ଷ୍ଟେସନ ପକ୍ଷରୁ ଡ୍ରାଗନ୍ ହାର୍ଡ କ୍ୟାପଚର ଶେଷ ହୋଇଥିଲା। ଶେଷରେ ମହାକାଶଚାରୀମାନେ ସ୍ପେଶ୍ ସୁଟ୍ ଖୋଲି ଷ୍ଟେସନ ଭିତରକୁ ପ୍ରବେଶ କରିଥିଲେ।

ସମଗ୍ର ବିଶ୍ୱ ଏହା ଦେଖିଛି। ଶୁଭାଂଶୁଙ୍କ ବାପା, ମା' ମଧ୍ୟ ଦେଖି ଭାବବିହ୍ୱଳ ହୋଇଛନ୍ତି। ୧୯୮୪ରେ ସ୍କ୍ୱାର୍ଡନ ଲିଡର ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ମହାକାଶ ଯାତ୍ରା କରିଥିଲେ। ଏବେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ ଭାବେ ମହାକାଶ ଯାତ୍ରା କରିଥିବାବେଳେ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସରେ ପହଞ୍ଚିଛନ୍ତି। ପ୍ରାୟ ୨୮ ଘଣ୍ଟାର ଯାତ୍ରା ଶେଷ ହୋଇଛି। ଘଣ୍ଟାକୁ ୧୭ ହଜାର କିଲୋମିଟର ଯାତ୍ରା କରିଥିଲେ। ଏହାକୁ ସେମାନେ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ପୃଥିବୀ ଠାରୁ ୪୧୮ କିମି ଉପରେ ଡ୍ରାଗର ସ୍ପେଶ୍ କ୍ରାପ୍ଟ ଉଡାଣ କରିଥିଲା। ସେଠାରେ ପହଞ୍ଚିବା ପରେ ଶୁଭାଂଶୁ ଏକ ଭାବବିହ୍ୱଳ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ ଶୂନ୍ୟରେ ଆମେ ରହିଛୁ। ଏହା ବେଶ୍ ମୋତେ ଆମୋଦ ଦେଉଛି। ଯେଉଁମାନଙ୍କ ପାଇଁ ଏହା ସମ୍ଭବ ହୋଇଛି ସେମାନଙ୍କୁ ଧନ୍ୟବାଦ ଦେଉଛି। ଏହା କେବଳ ମୋର ସଫଳତା ନୁହେଁ, ସାମୁହିକ ସଫଳତା। ଏଠାରେ ମୁଁ ଭଲ ନିଦରେ ଶୋଇଛି। ଏବେବି ଶୂନ୍ୟ ମାଧ୍ୟାକର୍ଷଣ କ୍ଷେତ୍ରରେ ରହିଛି। ଏକ ଶିଶୁ ଭଳି ଚାଲିବା ଶିଖୁଛି ଓ ନିଜ ଉପରେ ନିଜକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ପ୍ରତ୍ୟେକ ମୁହୂର୍ତ୍ତକୁ ମୁଁ ଉପଭୋଗ କରୁଛି। ଏହା ମୋ ପାଇଁ କୌତୁହଳ ହୋଇଛି। ଏହା ବହୁତ ଆଗକୁ ଯାଇଛି, ପୁଣି ଆଗକୁ କ'ଣ ହେବ ତାହା ଉପରେ ଆଶା ରଖିଛି। ଏଏକ୍ସ-୪ ଟିମ୍ ୧୪ ଦିନ ଆଇଏସ୍‌ଏସ୍‌ରେ ରହିବେ। ସେମାନେ ୬୦ ବିଜ୍ଞାନ ସମ୍ମତ ପରୀକ୍ଷଣ କରିବା ସହ ଶିକ୍ଷା ମଧ୍ୟ କିଛି ଲାଭ କରିବେ।

## ନବୀନଙ୍କ...

ପୁଣି ଫୋନ୍ କରିବି ବୋଲି ପ୍ରଧାନମନ୍ତ୍ରୀ ନବୀନଙ୍କୁ କହିଥିବା ସୂଚନା ମିଳିଛି।

ସର୍ଭାଇକାଲ ଆଥ୍ରାଇଟସ୍ ପୀଡିତ ଥିବା ନବୀନଙ୍କର ମୁମ୍ବାଇରେ ଗତ ୨୨ ତାରିଖରେ ଅସ୍ତ୍ରୋପଚାର କରାଯାଇଥିଲା। ସେ ୨୦ ତାରିଖରେ ଭୁବନେଶ୍ୱରରୁ ମୁମ୍ବାଇ ଅଭିମୁଖେ ଯାଇଥିଲେ। ତାଙ୍କର ବ୍ୟକ୍ତିଗତ ଚିକିତ୍ସକ ରମାକାନ୍ତ ରଥଙ୍କ ସହଯୋଗରେ ଅସ୍ତ୍ରୋପଚାର କରାଯାଇଥିଲା। ନବୀନଙ୍କ ଅସ୍ତ୍ରୋପଚାର ବେଶ୍ ସଫଳ ହୋଇଥିଲା। ସେ ଆଇସିୟୁରୁ ବାହାରି ଏବେ ପ୍ରକୋଷ୍ଠରେ ଅଛନ୍ତି। ଅସ୍ତ୍ରୋପଚାର ପାଇଁ ଗଲାବେଳେ ନବୀନଙ୍କୁ ହଜାର ହଜାର ଶୁଭେଚ୍ଛୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଏଠୁ ମେଲାଣି ଦେଇଥିଲେ। ସ୍ପାଇନ୍ ସ୍ପେଶାଲିଷ୍ଟ ଡ. ରାଜଶେଖର ତାଙ୍କର ଅପରେସନ୍ କରିଥିଲେ। ସେ ସୁସ୍ଥ ଥିବା ନେଇ ଗତକାଲି ତାଙ୍କ ବଡଭାଇ ପ୍ରେମ୍ ପଟ୍ଟନାୟକ ମଧ୍ୟ ଭିଡିଓ ବାର୍ତ୍ତା ଦେଇଥିଲେ। ୪ ରୁ ୫ ଦିନ ମଧ୍ୟରେ ନବୀନ ହସ୍ପିଟାଲରୁ ଡିସଚାର୍ଜ ହେବେ ବୋଲି ଜଣାପଡିଛି।

## ଆଜି...

ଶ୍ରୀରାମ ଓ ଶ୍ରୀକୃଷ୍ଣ ବିଜେ ଦିନ ୧୨ ଟା ୩୦ରୁ ୧ ଟା, ଚିତା ଲାଗି ଦିନ ୧ ଟା ୩୦ରୁ ୨ ଟା ୩୦ ବେଶ ଶେଷ, ଦିନ ୧ ଟା ୩୦ରୁ ୨ ଟା ୩୦ ଛେରାପହଁରା ଦିନ ୨ ଟା ୩୦ରୁ ୩ ଟା ୩୦ ଚାରମାଳ ଫିଟା ଅପରାହ୍ଣ ୪ଟା, ଘୋଡା ଓ ସାରଥୀ ଲାଗିବା ଅପରାହ୍ଣ ୪ଟା, ରଥଟଣା ଆରମ୍ଭ ଅପରାହ୍ଣ ୪ଟା ରେ ହେବ ବୋଲି ସୂଚନା ମିଳିଛି।

ଆଷାଢ଼ ମାସ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ନେତ୍ରା ଉତ୍ସବ ବା ନବ ଯୌବନ ବେଶ ଅନୁଷ୍ଠିତ ହୋଇଛି। ସେହିପରି ବିଗ୍ରହ ମାନଙ୍କର ଆଜି ତିନି ରଥ ଦକ୍ଷିଣ ମୋଡ଼ ନୀତି ଅନୁଷ୍ଠିତ ହୋଇଛି। ପନ୍ଦର ଦିନ ଜ୍ୱରରେ ପୀଡିତ ହୋଇ ସୁସ୍ଥ ହେବା ପରେ ବିଗ୍ରହ ମାନଙ୍କର ଆଜି ନେତ୍ରା ଉତ୍ସବ ବା ନବ ଯୌବନ ବେଶ ଅନୁଷ୍ଠିତ ହୋଇଛି। ନବ ଯୌବନ ନୀତି କାନ୍ତି ପାଇଁ ଆଜି ସକାଳୁ ଦ୍ୱାର ଫିଟା ନୀତି ଅନୁଷ୍ଠିତ ହୋଇ ଥିଲା। ପରେ ବିଗ୍ରହମାନଙ୍କର ବିଭିନ୍ନ ନୀତି କାନ୍ତି ଅନୁଷ୍ଠିତ ହେବା ପରେ ସକାଳେ ନବ ଯୌବନ ବେଶ ଦର୍ଶନ ଅନୁଷ୍ଠିତ ହୋଇ ଥିଲା। ପ୍ରଥମେ ପରିମାଣିକ ଦର୍ଶନ ପାଇଁ ଟିକେଟ କାଟି ଥିବା ଭକ୍ତ ମାନେ ଦକ୍ଷିଣ ଦ୍ୱାର ଦେଇ ଭିତରକୁ ପ୍ରବେଶ କରି ଦର୍ଶନ କରି ଥିଲେ। ସକାଳ ୮ ଟା ରୁ ୯ ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ଚାଲି ଥିଲା। ପରେ ସର୍ବସାଧାରଣ ସାହାଣ ମେଳା ଦର୍ଶନ ଅନୁଷ୍ଠିତ ହୋଇ ଥିଲା। ସକାଳ ୯ ଟା ରୁ ୧୧ ଟା ପର୍ଯ୍ୟନ୍ତ ସାହାଣ ମେଲା ଦର୍ଶନ ଅନୁଷ୍ଠିତ ହୋଇ ଥିଲା। ଭକ୍ତ ମାନେ ଧାଡ଼ିରେ ମନ୍ଦିର ଭିତରକୁ ପ୍ରବେଶ କରି ନବ ଯୌବନ ବେଶ ଦର୍ଶନ କରି ଥିଲେ। ସେହିପରି ସକାଳ ଧୂପ ପରେ ଅପରାହ୍ଣ ପ୍ରାୟ ୪ ଟା ୪୦ ମିନିଟରେ ଶ୍ରୀମନ୍ଦିରରୁ ତିନି ରଥ ନିକଟକୁ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ କରି ଥିଲା। ତିନି ରଥରେ ଆଜ୍ଞାମାଳ ଲଗି ଭୋଇ ପୂଜା ଅର୍ଚ୍ଚନା ପରେ ତିନି ରଥ ଟଣା ହୋଇ ଥିଲା। ରାତି ପ୍ରାୟ ୭ ଟା ୩୦ ମିନିଟ ସୁଦ୍ଧା ତିନି ରଥ ଟଣା ହୋଇ ସିଂହ ଦ୍ୱାର ନିକଟରେ ଲାଗିଥିଲା। ଆସନ୍ତା କାଲି ବିଗ୍ରହ ମାନଙ୍କର ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଅନୁଷ୍ଠିତ ହେବ।

# ଏକ ପାଖିଆ ରାସ୍ତା ପାଇଁ ପୁଣି ଦୁର୍ଘଟଣା

ସୋର,(ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏକ ପାଖିଆ ରାସ୍ତା ପାଇଁ ଦହିସଡା ଛକ ନିକଟରେ କାର ସହ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ କାର ଚାଳକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ଣରେ ଭଦ୍ରକ ଜିଲ୍ଲା ତିହିଡି ବ୍ଲକ କୋଲ୍ହ ଗ୍ରାମର ଜଗନ୍ନାଥ ବେହେରା (୨୭) ଓଡି ୩୩ଏଏସ ୨୨୪୯ ନମ୍ବର ବିଶିଷ୍ଟ କାରରେ ଅନ୍ୟ ଦୁଇ ଜଣଙ୍କୁ ନେଇ ବାଲେଶ୍ୱରରୁ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ଦହିସଡା ଛକ ନିକଟରେ ଏକ ଟ୍ରକକୁ ଓଭରଟେକ କରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଡି ୦୧ ଏଇ ୭୩୫୩ ନମ୍ବର ବିଶିଷ୍ଟ ପାଉଁଶ ବୋଝେଇ ଡମ୍ଫର ସହ ମୁହାଁମୁହିଁ ଧକା ହୋଇଥିଲା ।ଫଳରେ କାର ଚାଳକ ଜଗନ୍ନାଥ ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଥିଲେ । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଜଗନ୍ନାଥର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ । ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ସୋର ଥାନାରେ ରଖିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

# ସନ୍ତପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷରୁ ପାଠପଢା

କେନ୍ଦୁଝର,(ସବ୍ୟୁ): ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବସନ୍ତପୁର ଉଚ୍ଚ ବିଦ୍ୟାଳୟକୁ ଉନ୍ନିତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଗଲା । ଚଳିତ ବର୍ଷ ଠାରୁ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨୮ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢିବାକୁ ସୁଯୋଗ ପାଇବେ ।ଏ ନେଇ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି ।ଏହି ଉନ୍ନିତ ପରେ ସାଂସଦ ଅନନ୍ତ ନାୟକ ବିଭାଗୀୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଉନ୍ନିତ ଯୋଗୁଁ ଝୁମ୍ପୁରା ବ୍ଲକ ତଥା ସ୍ଥାନୀୟ ଅଂଚଳରେ ମାଟ୍ରିକ ପାସ ପରେ ଡ୍ରପଆଉଟ ହାର କମିବା ସହ ବହୁ ଛାତ୍ରଛାତ୍ରୀ ଆବାସିକ ବ୍ୟବସ୍ଥାରେ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢିବାର ସୁଯୋଗ ପାଇବେ । ଏହି ଅଂଚଳ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଂଚଳ ହୋଇଥିବାରୁ ବସନ୍ତପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଟି ଏହି ଅଂଚଳ ପାଇଁ ଆଲୋକବର୍ତ୍ତିକା ସଦୃଶ ହେବ ।

# ରଥଯାତ୍ରା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ନିରବଚ୍ଛିନ ବିଦ୍ୟୁତ ଯୋଗାଣ

ଭୁବନେଶ୍ୱର,(ସବ୍ୟୁ): ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍(ଟିପିସିଓଡିଏଲ୍) ପୁରୀରେ ରଥଯାତ୍ରା ୨୦୨୫ ସମୟରେ ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁବ୍ୟାପକ ସୁରକ୍ଷା ଓ ଭିତ୍ତିଭୂମି ପ୍ରସ୍ତୁତି ପଦକ୍ଷେପ ଗ୍ରହଣ କରିଛି ।ଦିନରାତି ଚବିଶ ଘଂଟା ୮୦୦ କର୍ମଚାରୀଙ୍କୁ ମୂତୟନ କରି ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରାପାଇଁ ଦୃଢ଼ ସୁରକ୍ଷା ଅଭିଯାନଗ୍ରହଣ କରାଯାଇଛି । ଏଥିରେ ଲିକେଜ୍ କରେଣ୍ଟ ପରୀକ୍ଷା, ଲୁହା ଖୁଣ୍ଟରେ ଇନସୁଲେସନ ପେଣ୍ଟିଂ ଏବଂ ଲୋକମାନଙ୍କ ସୁରକ୍ଷା ପାଇଁ ଡିଟିଫେନ୍ସିଂ ଦେବା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏହା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି ।ଏହି ପବିତ୍ର ଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ପ୍ରତିଷେଧମୂଳକ ଓ ପୂର୍ବାନୁମାନ ଭିତ୍ତିକ ରକ୍ଷଣାବେକ୍ଷଣ ସହିତ ଫିଡର, ବିଦ୍ୟୁତ ଓ ବିତରଣ ଟ୍ରାନ୍ସଫରମରଗୁଡ଼ିକର ନେଟ୍‌ଓ୍ୱର୍କରେ ଉନ୍ନତି ଅଣାଯାଇଛି ଏବଂ ବିଦ୍ୟୁତ୍ ବିଭ୍ରାଟକୁ ଏଡ଼ାଇବା ଲାଗି ରିଲେ ପ୍ରୋଟେକ୍ସନ ସେଟିଂର ବ୍ୟାପକ ପରୀକ୍ଷଣ କରାଯାଇଛି ।ରଥଯାତ୍ରା ୨୦୨୫ରେ ଜନ ସଚେତନତା ବଢ଼ାଇବା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ପୁରୀରେ ବିଭିନ୍ନପ୍ରକାରର ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ୧ ଲକ୍ଷ ସୁରକ୍ଷା ସମ୍ପର୍କିତ ଲିଫଲେଟ୍ ବଣ୍ଟନ କରାଯାଇଥିବା ବେଳେ ସହର ସାରାନିରନ୍ତର ସାର୍ବଜନୀନ ଘୋଷଣା ଏବଂ ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ପୋଷ୍ଟର ଓ ବ୍ୟାନର ଲଗାଯାଇଛି ।ପଥପ୍ରାନ୍ତ ନାଟକ ଜରିଆରେ ଲୋକମାନଙ୍କୁ ଯୋଡ଼ିବା ପାଇଁ ପଲିଶ୍ରୀ ମେଳାରେ ନୁକଡ଼ ନାଟକର ଯୋଜନା କରାଯାଇଛି । ଭିଡ଼ସମୟରେ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ପାଇଁ ବଡ଼ ଦାଣ୍ଡରେ ଖୋଲା ତାରଗୁଡ଼ିକୁ ନିବୁଜ କରାଯାଇଥିବା ବେଳେ ସାମୟିକ ବାଡ଼ ଦିଆଯାଇଛି ।ଟିପିସିଓଡିଏଲ୍ ପକ୍ଷରୁ ପୁରୀରେ ତିନିଟି ଓ ନିଜ କାର୍ଯ୍ୟକ୍ଷେତ୍ରରେ ଜରୁରୀକାଳୀନ ସ୍ଥିତି ପାଇଁ ଗୋଟିଏ ସମେତ ଚାରିଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସପେନ୍‌ସେରି (ଏମ୍‌ଏଚ୍‌ଡି) ମୂତୟନ କରାଯାଇଛି । ପ୍ରତି ଏମ୍‌ଏଚ୍‌ଡିରେ ପରାମର୍ଶ କୋଠରି, ପରୀକ୍ଷା ଶଯ୍ୟା ଓ ଏକ ଡିସ୍‌ପେନ୍‌ସେରି କାଉଣ୍ଟର୍ ସହିତ ଯୋଗ୍ୟତାପ୍ରାପ୍ତ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ରହିଛନ୍ତି ।ଏହି ଭବ୍ୟ ଅଧ୍ୟାତ୍ମିକ ସମାରୋହରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଓ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରି ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ କଲ୍ୟାଣସୁନିଶ୍ଚିତ କରିବାକୁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି ।


**AFFIDAVIT**

By virtue of an affidavit in Notary Public Cuttack. I Mrutyunjay Panigrahi, Wife - Rihana Aktar of Flat No. A-306, Metro Greenwoods Apartment, Patapur, Cuttack Banki Road, Trisulia, Baranga, PO BGP Pur, Dist-Cuttack, Declare that I have changed my female child name from Aahana Rituparna to Aahana Anayra. Henceforth, she shall be known as Aahana Anayra for all purposes.

Mrutyunjay Panigrahi (Father)

**ସତ୍ୟପାଠ**

ମୁଁ ରଜନୀ ଚଣ୍ଡ, ସ୍ୱାମୀ– କାଳୁ ଚଣ୍ଡ, ଗ୍ରାମ–କୁନିଆ ସାମନ୍ତରାପୁର, ପୋ/ଥା– ନିରାକାରପୁର, ଜିଲ୍ଲା–ଖୋର୍ଦ୍ଧା । ମୋର ଝିଅ ନାବାଳିକା ତାର ଜନ୍ମ ପ୍ରମାଣପତ୍ରରେ ଜନ୍ମ ତାରିଖ ୪.୮.୨୦୧୫ ଓ ନାମ ପ୍ରାୟୋସିନୀ ଚଣ୍ଡ ଅଛି । କିନ୍ତୁ ଆଧାର କାର୍ଡରେ ପିୟାଶିଂ ଚଣ୍ଡ ଅଛି । ମୋ ଝିଅର ଆଧାର କାର୍ଡ ରେ ଥିବା ନାମକୁ ପରିବର୍ତ୍ତନ କରି ଜନ୍ମ ପ୍ରମାଣପତ୍ର ଅନୁସାରେ ପ୍ରାୟୋସିନୀ ଚଣ୍ଡ କରିବା ପାଇଁ ସତ୍ୟପାଠରେ ପ୍ରକାଶ କରୁଅଛି ।

**AFFIDAVIT**

By virtue of an affidavit sworn before Executive Magistrate, Betnoti, dated. 24/06/2025 I, PABITRA KUMAR SINGH Address : AT-Karanjia, PO : Dantiamuhan, PS-Betnoti, DIST : Mayurbhanj, PIN-757029, Odisha declare that I have changed my NAME and DOB from "PABIRTA SING to PABITRA KUMAR SINGH and 2025 to 25/12/2025". Henceforth, I shall be known as "PABITRA KUMAR SINGH and 25/12/2025" for all purposes.

Sd/- (PABITRA KUMAR SINGH)

**AFFIDAVIT**

By virtue of an affidavit sworn before the Executive Magistrate, Badamba, dated-24/01/2025, I Ashok Nayak, S/O-Kina Nayak, Village-Kesabereni, Po-Banamalipur, Dist-Cuttack, declare that the name of my minor son Amrit Kumar Nayak was wrongly mentioned in Aadhaar Card as Amiti Nayak. Henceforth, he will be known as Amrit Kumar Nayak for all future purpose.

Ashok Nayak

**ଭାରତୀୟ କଣ୍ଟେନର ନିଗମ ଲିମିଟେଡ୍**
**CONTAINER CORPORATION OF INDIA LTD.**
(A NAVRATNA UNDERTAKING OF GOVT. OF INDIA)
41 Shakespeare Sarani, Duckback House, 5th Floor, Kolkata-700017, Tel.: 2283 7101-05

ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି (ଇ-ଟେଣ୍ଡର ତଥା ରିଭର୍ସ ଅକ୍ସନ ମୋଡ କେବଳ)

[illegible]

| | |
|---|---|
| ଟେଣ୍ଡର ନଂ. | [illegible] |
| କାର୍ଯ୍ୟର ନାମ | [illegible] |
| [illegible] | [illegible] |
| [illegible] | ୨ + ୦ ବର୍ଷ |
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |
| [illegible] | [illegible] |

[illegible] www.tenderwizard.com/CCIL [illegible]

ସ୍ୱା/-
[illegible]



**HANDICRAFTS EXHIBITION**
SALE
Display & Sales of Handicrafts Product by Cluster Artisans of Konark Cluster, Dist-Puri
VENUE :
Nilachal Urban Haat, Puri
From 28th June. to 7th July. 2025
Daily from 11 A.M to 9 P.M
Sponsored by:
Office of the Development Commissioner (Handicrafts)
Ministry of Textiles, Govt. of India, New Delhi
Organised by:- Chandravaga Handicraft Producer Company ltd.


**CORRIGENDUM NOTICE**

CAD-912

No. 3651 / Date : 24.06.2025

This is for information to all bidders that some modification in the RFP No. 3378 Dated. 11.06.2025 related to "Selection of an agency for Safety, Security & Sanitation Activities at various Tourist Destinations of Puri District" has been made. The details of the notice are published in " puri.odisha.gov.in".

Sd/-
CDO-cum-EO,
Zilla Parishad, Puri

OIPR : 19256/11/0014/2526

**OFFICE OF THE PANCHAYAT SAMITI, GUMMA, GAJAPATI**
E-Mail : ori-gumma@nic.in. / bdogumma2020@gmail.com Tel : 06815 - 282620
I-179
PANCHAYAT SAMITI, GUMMA, DIST - GAJAPATI (ODISHA) PIN-761207
Advt No-03/2025-26 Dt : 24.06.2025

**Tender Call Notice**

Sealed tenders (Percentage rate) are invited for 06 nos of works from the interested "D" / "C" class Contractors registered with the Govt. for execution of civil, works under Panchayat Samiti, Gumma, Dist-Gajapati. The details notification is available at official website **www.Gajapati.odisha.gov.in.** Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before **3.00 PM** of **09.07.2025** through Regd/Speed post and the same will be opened on **1100 AM** of **10.07.2025**. The undersigned reserves the right to reject any or all the tender(s) without assigning any reason thereof.

Sd/- Block Development Officer, Gumma Gajapati

OIPR : 19347/11/0005/2526

**ODISHA MINING CORPORATION LIMITED**
OMC, House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in

CAD-925

**Short Notice**

**For Sale of Cement Grade Limestone**

The Odisha Mining Corporation Ltd. intends to sell Cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M. on dtd. 04.07.2025.

For details, please visit the website of MSTC i.e. www.mstcecommerce.com.

OIPR : 30005/11/0210/2526

CHIEF GENERAL MANAGER (S&M)

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**OFFICE OF THE PROJECT ADMINISTRATOR, ITDA, KAPTIPADA, UDALA**

**e-Procurement Notice Bid Identification No. ITDAKPD-03/2025-26**

No. 1262 / ITDA, Dt. 25/06/25

**CAD-910 :** The Project Administrator, ITDA, Kaptipada on behalf of Governor of Odisha invites Percentage Rate bids in online mode for Construction of the work detailed below.

1. Nature of the work : Infrastructure Dev. of Sunei Dam Tourism Project
2. Total No. of work : 01 (One)
3. Class of Contractor : 'C' & 'B' Class
4. Period of Completion : Six Calendar Months.
5. Cost of the Project : 34,57,355/-
6. Availability of Bid : 11.00 AM of 30.06.2025 to 5.00 PM of 07.07.25
7. Date of opening of the Tender : 11.00 AM on 08.07.2025

The bidders have to participate in online bidding only. The details will be available in the website **www.tendersorissa.gov.in from 11.00 AM of 30.06.2025 to 5.00 PM of 07.07.2025.**

Sd/- Project Administrator
ITDA, Kaptipada, Udala

OIPR : 19032/11/0011/2526

**WATCO**
**OFFICE OF THE GENERAL MANAGER,**
**WATCO DIVISION-II, BHUBANESWAR**
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322 E-mail - gmdivtwowatco@gmail.com

C-594

**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**GMWATCO-II/11/2025-26 Dt. 24.06.2025**

| SN. | Name of Work | Validity period | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| 1 | Empanelment of contractor/agency for cleaning of manhole chamber, sewer line, septic tank, soakpit, inspection chamber etc. at different areas of WATCO Division-I & II in Bhubaneswar Cuttack & Puri. | 03 (Three Years) | 11.00 Hrs. OF 01.07.2025 | 17.00 Hrs. OF 21.07.2025 | The General Manager WATCO Division-II Unit-V, BBSR, Odisha |

Name & Address of Officer Inviting Bid : The General Manager, WATCO Division-II, Unit-V, BBSR, Odisha.
Further details can be seen from the e-Procurement portal "https://www.tendersodisha.gov.in"

OIPR : 13089/11/0024/2526

Sd/- GENERAL MANAGER, WATCO

**ଓଡ଼ିଶା ସରକାର**
**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

ନଥି ସଂ– IX (C)-13/2025-70 ତା– ୨୯.୦୩.୨୦୨୫

**V-01 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଗୁରୁଡା, ଥାନା- ଯୋଡା, ତହସିଲ-ବଡବିଲ, ଜିଲ୍ଲା-କେନ୍ଦୁଝରରେ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା–ବାମେବାରି–ପଳଶା, ଗୁରୁଡା–କୋଇରା ରାସ୍ତାର ଉନ୍ନତିକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୬୮, ତା. ୨୧.୧୨.୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ଗୁରୁଡା, ଥାନା-ଯୋଡା, ତହସିଲ-ବଡବିଲ, ଜିଲ୍ଲା-କେନ୍ଦୁଝରରେ ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖାର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-କେନ୍ଦୁଝର — ତହସିଲ-ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁରୁଡା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ.୫୨.୪୪ | ଏ. ୨.୬୩ | ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-କେନ୍ଦୁଝର — ତହସିଲ-ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ୨୪.୦୨.୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ : ବାମେବାରି -ପଳଶା-ଗୁରୁଡା-କୋଇରା ରାସ୍ତାର ଉନ୍ନତିକରଣ
ମୌଜା- ଗୁରୁଡା, ଥାନା-ଯୋଡା, ଥାନା ନଂ-୫୭, ତହସିଲ-ବଡବିଲ, ତହସିଲ ନଂ-୨, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ | ଖତିଆନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ଅର୍ଜୁନ ନାଏକ, ସୋମନାଥ ନାଏକ, ପି–ଅଷାକୁ ନାଏକ ଜା–ଭୂୟାଁ, ବା–ନିଜଗାଁ | ୨୭୪ | ଖଣି | ୧.୪୦ | ୦.୧୮ | |
| | | | ୨୭୬ | ଖଣି | ୭.୦୦ | ୦.୨୮ | |
| ୨ | ୮ | ଗୋପାଳ ଦେହୁରୀ, ଶ୍ରୀଧର ଦେହୁରୀ, ପି– କିର୍ତ୍ତନ ଦେହୁରୀ, ଧରଣି ଦେହୁରୀ, ଫଗୁ ଦେହୁରୀ, ଗୁରୁଚରଣ ଦେହୁରୀ, ଇନ୍ଦ୍ରା ଦେହୁରୀ, ପି–ବିର ଦେହୁରୀ, ପ୍ରଭା ଦେହୁରୀ, ସ୍ୱା– କୈଳାସ ଦେହୁରୀ, ଗୌରି ଦେହୁରୀ, ନିଶାମଣି ଦେହୁରୀ, ପି– କୈଳାସ ଦେହୁରୀ, ବାଣେଶ୍ୱର ଦେହୁରୀ, ପି–କଲୁ ଦେହୁରୀ, ଚିତ୍ର ଦେହୁରୀ, ସ୍ୱା– କଲୁ ଦେହୁରୀ, ଗୋବର୍ଦ୍ଧନ ଦେହୁରୀ, ପି– ଭିମ ଦେହୁରୀ, ଜା–ଭୂୟାଁ, ବା–ନିଜଗାଁ | ୨୪୩<br>୨୪୬ | ଖଣି<br>ଘରବାରି | ୮.୦୦<br>୨.୬୨ | ୦.୫୦<br>୦.୨୬ | |
| ୩ | ୯ | ଗୋରା ନାଏକ, ମଙ୍ଗୁଳୁ ନାଏକ, ପି–ଡକ୍ରୁ ନାଏକ ଜା–ଭୂୟାଁ, ବା–ନିଜଗାଁ | ୨୫୧ | ଖଣି | ୬.୨୦ | ୦.୩୪ | |
| | | | ୨୫୫ | ଖଣି | ୬.୯୦ | ୦.୪୬ | |
| ୪ | ୧୫ | ପ୍ରତାପ ନାଏକ, କାର୍ତ୍ତିକା ନାଏକ, ଶରତ ନାଏକ, ଦଶରଥ ନାଏକ, ପି–ଭୁବନ ନାଏକ, ଧନେଶ୍ୱର ନାଏକ, ପି–ଖୁଦ ନାଏକ, ବନମାଳି ନାଏକ, ଜତୁ ନାଏକ, ପି–ମୋହନ ନାଏକ, ଜା– ଭୂୟାଁ, ବା– ନିଜଗାଁ | ୨୬୨ | ଖଣି | ୮.୨୨ | ୦.୦୮ | |
| ୫ | ୨୧ | ବୁହୁନି ନାଏକ, ସ୍ୱା–ଡାନୁ ନାଏକ, ଶୁକଦେବ ନାଏକ, ପି–ବଲ୍ଲଭ ନାଏକ, ରଇ ନାଏକ, ସ୍ୱା–ନାଥ ନାଏକ, ଯମୁନା ନାଏକ, ପାଣ୍ଡିରି ନାଏକ, ପାଲୁଣି ନାଏକ, ପୁର୍ନମୀ ନାଏକ, ପି–ନାଥ ନାଏକ, ଶୁକୁରା ନାଏକ, ପି–ପାଥ ନାଏକ, ଲକ୍ଷ୍ମଣ ନାଏକ, ଶ୍ୟାମ ନାଏକ, ପି–ଶୁକଦେବ ନାଏକ, ଜା–ଭୂୟାଁ, ବା–ନିଜଗାଁ | ୨୪୪ | ଡଙ୍ଗଳା–୨ | ୫.୨୦ | ୦.୦୩ | |
| | | | | ମୋଟ | ୪୫.୫୪ | ୨.୧୩ | |

**ଗୋଚର ଜମି ପ୍ରତିବଦଳ ଅନୁସୂଚୀ**

| କ୍ରମିକ ନଂ | ଖତିଆନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୯ | ଗୋରା ନାଏକ, ମଙ୍ଗୁଳୁ ନାଏକ, ପି–ଡକ୍ରୁ ନାଏକ, ଜା–ଭୂୟାଁ, ବା–ନିଜଗାଁ | ୨୫୫ | ଖଣି | ୬.୯୦ | ୦.୫୦ | |
| | | | | ମୋଟ | ୬.୯୦ | ୦.୫୦ | |
| ସର୍ବମୋଟ | | | | | ୫୨.୪୪ | ୨.୬୩ | |

Sd/- AMIN
L.A. (Gen.) Section
Collectorate, Keonjhar

Sd/- Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା/- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର
ଭୂଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
କେନ୍ଦୁଝର

OIPR : 24045/14/0029/2526

# ବେଦାନ୍ତ ଆଲୁମିନିୟମରେ ଟ୍ରାନ୍ସଜେଣ୍ଡରଙ୍କ ସକ୍ରିୟ ନିଯୁକ୍ତି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର କାର୍ଯ୍ୟରେ ଟ୍ରାନ୍ସଜେଣ୍ଡର ବ୍ୟକ୍ତିମାନଙ୍କୁ ସକ୍ରିୟ ଭାବରେ ନିଯୁକ୍ତି ଏବଂ ସଶକ୍ତୀକରଣ କରି ଉତ୍ପାଦନରେ ଅନ୍ତର୍ଭୁକ୍ତିକୁ ପୁନଃ ପରିଭାଷିତ କରିଛି। ଗୌରବ ମାସ ପାଳନର ଏକ ଅଂଶ ଭାବରେ, କମ୍ପାନୀ ଘୋଷଣା କରିଛି ଯେ ଏହା ୨୦୨୬ ରେ ୧୫ ଜଣ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ନିଯୁକ୍ତି ଦେବ, ଯାହା ଫଳରେ ଝାରସୁଗୁଡା, ଓଡିଶା ଏବଂ କୋର୍ବା, ଛତିଶଗଡ଼ରେ ଏହାର କାର୍ଯ୍ୟରେ ମୋଟ ସଂଖ୍ୟା ୪୪ କୁ ବୃଦ୍ଧି ପାଇବ।

ବେଦାନ୍ତ ଆଲୁମିନିୟମ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କ ଆତ୍ମୀକରଣ ଏବଂ କଲ୍ୟାଣକୁ ସମର୍ଥନ କରିବା ପାଇଁ ପ୍ରଗତିଶୀଳ ନୀତିର ଏକ ବ୍ୟାପକ ଢାଂଚା ପ୍ରଚଳନ କରିଛି। ଏଥିରେ ସଚେତନତା ସୃଷ୍ଟି ପାଇଁ ସମ୍ବେଦନଶୀଳତା କର୍ମଶାଳା, ଲିଙ୍ଗ ପୁନଃନିର୍ମାଣ ଅସ୍ତ୍ରୋପଚାର ପାଇଁ ଆର୍ଥିକ ଏବଂ ଛୁଟି ସହାୟତା, ଉଚ୍ଚ ଶିକ୍ଷା ଭତା ପରି ବୈଧାନିକ



ଲାଭ ଏବଂ ଲେଜର କେଶ ଅପସାରଣ ମେସିନ୍ ଉପଲବ୍ଧତା ଅନ୍ତର୍ଭୁକ୍ତ। ଯେଉଁ କ୍ଷେତ୍ରରେ ଲିଙ୍ଗ ବିବିଧତା ପାରମ୍ପାରିକ ଭାବରେ ସୀମିତ ରହିଛି, ଏହି ଆଭିମୁଖ୍ୟ ଏକ ଅଧିକ ଅନ୍ତର୍ଭୁକ୍ତ ଏବଂ ସମାନ କର୍ମଶକ୍ତି ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରତିନିଧିତ୍ୱ କରେ, ଯେଉଁଠାରେ ବିବିଧତାକୁ ସମ୍ମାନ ଏବଂ ପାଳନ କରାଯାଏ। ଝାରସୁଗୁଡାରେ ଥିବା କମ୍ପାନୀର ମେଗା ଆଲୁମିନିୟମ ସ୍ମେଲ୍ଟର ଏବଂ କୋର୍ବାର ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ବାଲକୋ) ମଧ୍ୟ ଲିଙ୍ଗ-ନିରପେକ୍ଷ ଭିତିଭୂମି ଏବଂ ଦୃଢ଼ ସୁବିଧା ପ୍ରଦାନ କରିଛନ୍ତି, ଯେଉଁଥିରେ ୩୦ ଦିନର ଦରମା ଛୁଟି ଏବଂ ଲିଙ୍ଗ ପୁନଃନିର୍ମାଣ ଅସ୍ତ୍ରୋପଚାର ପାଇଁ ଟ.୨ ଲକ୍ଷ କ୍ଷତିପୂରଣ ଅନ୍ତର୍ଭୁକ୍ତ। ବାଲକୋରେ ଛଅ ଜଣ କର୍ମଚାରୀ ପୂର୍ବରୁ ଏହି ସହାୟତାର ଲାଭ ଉଠାଇ ସାରିଛନ୍ତି, ଏବଂ ଆଉ ଦୁଇଜଣ କମ୍ପାନୀର ନୀତି ମାଧ୍ୟମରେ ଉଚ୍ଚଶିକ୍ଷା ଭତା ପାଇଁ ଆବେଦନ କରିଛନ୍ତି ଯାହା ଦ୍ୱାରା ପରିପୂର୍ଣ୍ଣ କ୍ୟାରିଅର ଗଠନ ଏବଂ ସଂଗଠନ ମଧ୍ୟରେ ନେତୃତ୍ୱ ଭୂମିକା ଗ୍ରହଣ କରାଯାଇପାରିବ। ଏହି ପ୍ରତିବଦ୍ଧତା ନିଯୁକ୍ତି ବ୍ୟତୀତ ବ୍ୟକ୍ତିମାନଙ୍କୁ ବୃଦ୍ଧି ଏବଂ ଉନ୍ନତି ପାଇଁ ସଶକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର ଏହି ପ୍ରୟାସଗୁଡ଼ିକର ବ୍ୟାପକ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, "ନିର୍ମାଣ କ୍ଷେତ୍ର ଐତିହାସିକ ଭାବରେ ଲିଙ୍ଗଗତ ଅସନ୍ତୁଳନ ସହିତ ସଂଘର୍ଷ କରିଛି, ଏବଂ ଅର୍ଥପୂର୍ଣ୍ଣ ପ୍ରଗତି ପାଇଁ ସମସ୍ତ ଲିଙ୍ଗଗତ ପରିଚୟକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିବିଧତା ବିଷୟରେ ଆମର ବୁଝାମଣାକୁ ବିସ୍ତାର କରିବା ଆବଶ୍ୟକ। ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଅନ୍ତର୍ଭୁକ୍ତି କେବଳ ସଠିକ୍ କାର୍ଯ୍ୟ ନୁହେଁ, ଏହା ଏକ ରଣନୈତିକ ଜରୁରୀ। ଏକ ବିବିଧ କର୍ମଶକ୍ତି ନୂତନ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରେ, ନବସୃଜନକୁ ଇନ୍ଧନ ଦିଏ ଏବଂ ସ୍ଥିରତାକୁ ସୁଦୃଢ଼ କରେ, ଯାହା ଆଜିର ଗତିଶୀଳ ଶିଳ୍ପ ଦୃଶ୍ୟପଟରେ ଗୁରୁତ୍ୱପୂର୍ଣ୍ଣ। ସହାୟକ ନୀତି ଏବଂ ସମାନ ସୁଯୋଗ ସହିତ ଟ୍ରାନ୍ସଜେଣ୍ଡର ବ୍ୟକ୍ତିମାନଙ୍କୁ ସଶକ୍ତ କରି, ଆମେ କେବଳ ସମ୍ମାନ ଏବଂ ମର୍ଯ୍ୟାଦା ଉପରେ ଆଧାରିତ ଏକ କର୍ମକ୍ଷେତ୍ର ନିର୍ମାଣ କରୁନାହୁଁ ବରଂ ଭାରତୀୟ ଉତ୍ପାଦନ ମଧ୍ୟରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଏକ ମାନଦଣ୍ଡ ମଧ୍ୟ ସ୍ଥାପନ କରୁଛୁ।

## ଡେଙ୍ଗୁ ଓ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଂଚଳ ରାଣା ଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ଓ ମ୍ୟାଲେରିଆ(ଭିବିଡି) ରୋଗ ନିୟନ୍ତ୍ରଣ ଓ ପ୍ରତିକାର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, କସ୍ତୁରିବାଲା ଜେନା ଯୋଗଦେଇଥିଲେ। ବୈଠକରେ ମଶା ବଂଶ ଦମନ, ନାଳନର୍ଦ୍ଦମା ସଫେଇ, ମଶା ଧୂଆଁ ପ୍ରୟୋଗ, ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଗାଁ କଲ୍ୟାଣ ସମିତି ମାନଙ୍କ ଦ୍ୱାରା ବ୍ୟାପକ ଜନ ସଚେତନତା କରାଯିବା ଉପରେ ଜିଲ୍ଲା ପାଳ ଗୁରୁତ୍ୱାରୋପ କରିବା ସହ ଜୁଲାଇ ଅଗଷ୍ଟ ଓ ସେପ୍ଟେମ୍ବର ମାସ ମଶା ପ୍ରବଣ ହୋଇଥିବାରୁ ପ୍ରତ୍ୟେକ ଶୁକ୍ରବାର (ଡ୍ରାଏ ଡେ) ପାଳନ ନିମନ୍ତେ ପ୍ରତ୍ୟେକ ଅଧିକାରୀ ନିଜନିଜ ଅଧୀନରେ ଥିବା କାର୍ଯ୍ୟାଳୟ ଏବଂ କ୍ଷେତ୍ରରେ ସଫେଇ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ପଂଚାୟତରେ ଡେଙ୍ଗୁ/ମ୍ୟାଲେରିଆ ନମୁନା ଅଧିକ ବାହାରିଛି ସେହି ପଂଚାୟତ ଗୁଡ଼ିକର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାସହ ଜଙ୍ଗଲ ବିଭାଗ, କୃଷିବିଭାଗ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଣୁ ଯୋଜନା ପ୍ରସ୍ତୁତ କରି ସିଡିଏମ ଏବଂ ପିଏଚଓ ଙ୍କୁ ଦେବେ। ସ୍କୁଲ, ହାଟ, ମନ୍ଦିର ଆଦି ସ୍ଥାନ ମାନଙ୍କରେ ଗ୍ରାମୀଣ କ୍ଷେତ୍ରରେ ଜିଲ୍ଲାପରିଷଦ ଏବଂ ସହରାଂଚଳ କ୍ଷେତ୍ରରେ (ଜୁଡ଼ା) ବିଶେଷ ଯତ୍ନବାନ ହୋଇ ଡେଙ୍ଗୁ ଓ ମ୍ୟାଲେରିଆ ନିୟନ୍ତ୍ରଣ ଓ ଜିରୋ କାଜୁଆଲ୍ଟୀ (ଶୂନ୍ୟ ମୃତ୍ୟୁ) ପାଇଁ କାର୍ଯ୍ୟ କରିବେ।

ଗ୍ରାମୀଣ କ୍ଷେତ୍ରରେ ଆଶାକର୍ମୀ ମାନେ ଘରକୁ ଘର ବୁଲି ସଚେତନତାକୁ ବ୍ୟାପକ କରି ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ଲକ୍ଷଣ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ବାଡ଼ି ବଗିଚାରେ କେଉଁଠି ହେଲେବି ବର୍ଷା ଜଳ ଜମିବାର ପାତ୍ର ଯେପରି ନ ରୁହେ ସ ଦିଗରେ ବାର୍ତ୍ତା ପହଁଚାଇବେ। ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇ ତଦନୁଯାୟୀ ଚିକିତ୍ସା ନେବାକୁ ଜିଲ୍ଲାପାଳ ସମସ୍ତ ଜିଲ୍ଲା ବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଡେଙ୍ଗୁ ରୋଗ ପରୀକ୍ଷା ପାଇଁ ଜିଲ୍ଲାରେ ୪ଗୋଟି ଡେଙ୍ଗୁ ସେଣ୍ଟିନେଲ ପରୀକ୍ଷାଗାର ରହିଛି ଯେଉଁଠି ସମ୍ପୂର୍ଣ୍ଣ ମାଗଣାରେ ସେବା ଉପଲବ୍ଧ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ଡେଙ୍ଗୁ ୱାର୍ଡ ର ବ୍ୟବସ୍ଥା କରାଯାଇଛି। ଗତ ୨୨ ତାରିଖ ସୁଦ୍ଧା ୯୮୬୦ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୭୩ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି.ବି.ଡି) ଡାକ୍ତର ଜୀବନ୍ତ କୁମାର ଅଚାର୍ଜି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାର (ପରିବାର ମଙ୍ଗଳ) ଡାକ୍ତର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ (ଭେଷଜ) ଡାକ୍ତର ଶ୍ୟାମା ପ୍ରସନ୍ନ ମିତ୍ର, ଡିପି ଏମ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ଖୋର୍ଦ୍ଧା ଶୁଭକାନ୍ତ ପଶାୟତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

## ବରିଷ୍ଠ ନାଗରିକଙ୍କୁ ବିଏମ୍‌ସି ଓ ସରକାରଙ୍କ ଅବହେଳା ଅଭିଯୋଗ



ଭୁବନେଶ୍ୱର,( ସବ୍ୟୁ): ବରିଷ୍ଠ ନାଗରିକଙ୍କୁ ବିଏମ୍‌ସି ଓ ସରକାର ଅବହେଳା କରିଥିବାର ଅଭିଯୋଗ ଆଣିଛି ଚକେଇସିଆଣି ସ୍ଥିତ ସର୍ବେଶ୍ୱର ବିହାର ବରିଷ୍ଠ ନାଗରିକ ସଂଗଠନ । ବିଏନ୍‌ୟୁଟି କ୍ଲବ୍ ପାଖ ନିର୍ମାଣଧିନ ବରିଷ୍ଠ ନାଗରିକ ଚିତ୍ତ ବିନଦିନ କେନ୍ଦ୍ର ସମ୍ମୁଖରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଙ୍କ ପ୍ରମୋଦ କୁମାର ସାମନ୍ତରାୟ, ଉପସଭାପତି କେସି ମହାନ୍ତି, ସାଧାରଣ ସମ୍ପାଦକ ସୀତାକାନ୍ତ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ନିର୍ମାଣାଧିନ ଚିତ୍ତବିନୋଦ କେନ୍ଦ୍ରର ପୂର୍ଣ୍ଣାଙ୍ଗକରଣ ସହିତ ହସ୍ତାନ୍ତରକରଣ ଏବଂ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମାସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସମସ୍ୟା ଗୁଡ଼ିକ ପ୍ରତି ପ୍ରଶାସନିକ ଅବହେଳାକୁ ନେଇ ବରିଷ୍ଠ ନାଗରିକମାନେ ଉଦ୍‌ବେଗ ପ୍ରକାଶ କରିଥିଲ । ଚିତ୍ତବିନୋଦ କେନ୍ଦ୍ରର କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯିବା ସହିତ ଶୀଘ୍ର ହସ୍ତାନ୍ତର କରିବାକୁ ସେମାନେ ଦାବି କରିଛନ୍ତି ।

### ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନରେ ଏକ ରକ୍ତଦାନ ଶିବିର

ଆଠଗଡ ,(ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସ ଅବସରରେ ଆଠଗଡ ବିଜେପି ନେତା ଅଭୟ ବାରିକଙ୍କ ନେତୃତ୍ୱରେ ରଥଗଡା ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ଚାନ୍ଦବାଲି ଛକଠାରେ ଥିବା ହନୁମାନ ମନ୍ଦିରରେ ଦିପଦାନ କରାଯାଇ ତାଙ୍କର ଦୀର୍ଘାୟୁ କାମନା କରାଯାଇଥିଲା । ଏହା ପରେ ଆଠଗଡ ବ୍ଲକ ଅନ୍ତର୍ଗତ ସମସରପୁର କଲ୍ୟାଣ ମଣ୍ଡପ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୧୧୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## ଡକାୟତି ଯୋଜନା ବେଳେ ପୋଲିସ ଚଢ଼ାଉ, ୩ ଗିରଫ

### ବୋଲେରୋ, ଦୁଇ ବନ୍ଧୁକ, ଗୁଳି, ଖଣ୍ଡା, କଟୁରି ଜବତ

ଭୁବନେଶ୍ୱର, (ସବ୍ୟୁ): ଭରତପୁର ଥାନା ଅଞ୍ଚଳରେ ଡକାୟତି ଯୋଜନା ବେଳେ ପୋଲିସ୍ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି ପୋଲିସ୍। ସେମାନଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ, ୬ ରାଉଣ୍ଡ ଗୁଳି, ଖଣ୍ଡା, କଟୁରୀ, ଭୁଜାଲି, ସୁନା ଚେନ, ୧୮ ହଜାର ଟଙ୍କା ଓ ଗୋଟିଏ ବୋଲେରୋ ଗାଡ଼ି ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ପୋଲିସ୍ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି। ପୋଲିସ୍ କମିଶନରଙ୍କ ସହ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୋଲିସ୍ କମିଶନର ନରସିଂହ ଭୋଳ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଉପସ୍ଥିତ ଥିଲେ।

ଭରତପୁର ଥାନା ଆଇଆଇସି ଏକ ନିର୍ବାଚନ ସୂତ୍ରରୁ ଖବର



ପାଇଥିଲେ ଯେ, ଦଳେ ଯୁବକ ମାରଣାସ୍ତ୍ର ଧରି ବୋଲେରୋ ଗାଡ଼ିରେ ବସି ପେଟ୍ରୋଲ ପମ୍ପରୁ ଡକାୟତି କରିବାରୁ ଯୋଜନା ପ୍ରସ୍ତୁତ କରିଛନ୍ତି। ସେମାନେ ସାମପୁର ନିକଟ ପଣ୍ଡାକୁଦିଆ ନିକଟରେ ବୋଲେରୋ ବାହାରି ଯୋଜନା ଚୂଡ଼ାନ୍ତ କରୁଥିବା ବେଳେ ପୋଲିସ୍ ଚଢ଼ାଉ କରିଥିଲା। ପଣ୍ଡାକୁଦିଆ ପଡିଆ ମଝିରେ ଗାଡ଼ି ଥୋଇ ବସିଥିବା ବେଳେ ପୋଲିସ୍ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ଧର୍ମେନ୍ଦ୍ର ରାଉତ ଓ ହରେକୃଷ୍ଣ ସ୍ୱାଇଁ ଖସି ଯାଇଥିବା ବେଳେ ପୋଲିସ୍ ଦୀପ୍ତି ରଞ୍ଜନ ଜେନା, ପ୍ରବୀର କୁମାର ସ୍ୱାଇଁ ଓ ଆଶିଷ ରଞ୍ଜନ ଦାଶଙ୍କୁ ଗିରଫ କରିଥିଲା। ଗିରଫ ୩ ଜଣଙ୍କ ମଧ୍ୟରୁ ଦୁଇ ଜଣ ଘର କେନ୍ଦ୍ରାପଡ଼ା ହୋଇଥିବା ବେଳେ ଜଣଙ୍କ ଘର ନିଆଳି। ଖସି ଯାଇଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କ ଘର କେନ୍ଦ୍ରାପଡ଼ା ହୋଇଥିବା ବେଳେ ଆଉ ଜଣଙ୍କ ଘର ନିଆଳି ବୋଲି ପୋଲିସ୍ କହିଛି। ଦୀପ୍ତି ନାଁରେ ପୂର୍ବରୁ ୪ଟି ମାମଲା ଥିବା ବେଳେ ପ୍ରବୀର ନାଁରେ ଗୋଟିଏ ଓ ଫେରାର ଧର୍ମେନ୍ଦ୍ର ନାଁରେ ୩ଟି ମାମଲା ରହିବା ସହ ହରେକୃଷ୍ଣ ନାଁରେ ବିଭିନ୍ନ ଥାନାରେ ୨୧ଟି ମାମଲା ଥିବା ପୋଲିସ କହିଛି। ଗିରଫ ୩ ଜଣ ଓ ଫେରାର ଦୁଇ ଜଣ ପେସାଦାର ଅପରାଧୀ ଗିରଫ ୩ ଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାଁ ମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

### "ଚିତ୍ରରେ ଚିତ୍ରରେ ଶ୍ରୀଜଗନ୍ନାଥ" ଚିତ୍ରକଳା ଶିବିର ଉଦ୍‌ଘାଟିତ

## ୨୦ ଜଣ ଶିଳ୍ପୀଙ୍କ ଜଗନ୍ନାଥ ସଂସ୍କୃତିର ଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର, (ସବ୍ୟୁ): ଶାନ୍ତିସ୍ତୁପ ଧଉଳି ଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଶିଳ୍ପୀ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି "ଚିତ୍ରରେ ଚିତ୍ରରେ ଶ୍ରୀ ଜଗନ୍ନାଥ" ଶୀର୍ଷକ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ। ଉତ୍ସବରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା, ମହାବିଦ୍ୟାଳୟର କାର୍ଯ୍ୟକାରୀ ସମିତି ସଦସ୍ୟା କମଳିନୀ ରଥ ଏହାର ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହିତ ଚିତ୍ରକଳା ଗୁଡ଼ିକୁ ବୁଲି ଦେଖିଥିଲେ ଓ ଶିଳ୍ପୀଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ। ଏଥିସହିତ ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀ ମାନେ ଆଗାମୀ



ଦିନରେ ନିଜର ନିରବଚ୍ଛିନ୍ନ କଳା ଯାତ୍ରା ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।ସମ୍ମାନିତ ଅତିଥି ରୂପେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ଼. ପଞ୍ଚାନନ ସାମଲ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ ।ପ୍ରଦର୍ଶନୀରେ ସୁବ୍ରତ ମୁଦୁଲି, ସ୍ମୃତିରଞ୍ଜନ ବେହେରା, ବର୍ଷା ରାଣୀ ଓଝା,ବୃନ୍ଦାବନ ପଣ୍ଡା, ଗୋବିନ୍ଦ ତ୍ରିପାଠୀ, ସତ୍ୟଶଙ୍କର ଦାସ,ପରାଶର ଲେଙ୍କା,ପ୍ରୀତିନନ୍ଦା ସାହୁ,ପ୍ରୀତି ସୌରଭ ଜେନା, ଲୋକନାଥ ନନ୍ଦ, ଅତୁଲ୍ୟା ଲୋହାର, ଦେବାଶିଷ ବେହେରା, ପ୍ରତୀକ୍ଷା ଷଡ଼ଙ୍ଗୀ,ପ୍ରକାଶ ସାହୁ,ଶୁଭଙ୍କର ମରାୟ ,ସୁଭସ୍ମିତା ନାୟକ, ରମ୍ୟ ନିଶାନ୍ତ ଓ ସ୍ୱସ୍ତିକା ପ୍ରଧାନ ପ୍ରମୁଖଙ୍କ ଜଗନ୍ନାଥଙ୍କ କାହାଣୀ ଆଧାରିତ ଚିତ୍ର ଗୁଡ଼ିକ ଖୁବ୍ ସୁନ୍ଦର ହୋଇଥିଲା। ପ୍ରଦର୍ଶନୀରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା,ଭକ୍ତ ଓ ଭଗବାନ,ସନ୍ଧ୍ୟା ଆଳତି,କଳ୍କୀ ଅବତାର,ଶ୍ରୀକ୍ଷେତ୍ର ଓ ନୀଳ ଚକ୍ରର ଚିତ୍ର ଗୁଡ଼ିକ ଭାବୋଦ୍ଦୀପକ ହୋଇଥିଲା। ପ୍ରାରମ୍ଭରେ ଅଧ୍ୟାପକ ଭୂପତିଭୂଷଣ ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## କଳାକୃତି ସହିତ ରଥଯାତ୍ରାକୁ ସମ୍ମାନ ପ୍ରଦର୍ଶନ କରଛୁ ଭାସମଲ୍

ଭୁବନେଶ୍ୱର, (ସବ୍ୟୁ): ୬୦ ବର୍ଷରୁ ଅଧିକ ଇତିହାସ ଥିବା ଭାରତର ଅନ୍ୟତମ ସର୍ବାଧିକ ଖ୍ୟାତିସମ୍ପନ୍ନ ହେୟାର କଲର (କେଶ ରଙ୍ଗ) ବ୍ରାଣ୍ଡ ଭାସମଲ୍ ପ୍ରାକୃତିକ ହେନାର ଚିରନ୍ତନ ପରମ୍ପରାରେ ମୂଳ ରଖୁଥିବା ତାହାର ଆଧୁନିକ, ଆମୋନିଆ ମୁକ୍ତ କ୍ରିମି ହେୟାରକଲର୍ 'ଭାସମଲ୍ ହେନା କ୍ରିମି ହେୟାର କଲର ପ୍ରଚଳନ ସହିତ ଏକ ପ୍ରଭାବଶାଳୀ ନୂତନ ଅଧ୍ୟାୟ ଆରମ୍ଭ କରିଛି। ଭୁବନେଶ୍ୱରସ୍ଥିତ ମେ ଫେୟାର ଲାଗୁନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି, ବ୍ରାଣ୍ଡ ନେତୃବୃନ୍ଦ ଏବଂ ବ୍ରାଣ୍ଡର ନୂତନ ଅଭିଯାନ ଓ ମୂଲ୍ୟବୋଧକୁ ଧରି ରଖୁଥିବା ଏକ ମନମୋହକ ବାଲୁକା ସ୍ଥାପତ୍ୟ ଉନ୍ମୋଚନ କରି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଛି। ଭବ୍ୟ ରଥଯାତ୍ରା ସହିତ ସମାନ ସମୟରେ ଆରମ୍ଭ ହୋଇଥିବା ଜୁନ୍ ୨୨ ତାରିଖରେ ଉନ୍ମୋଚିତ ହୋଇଥିବା ଏହି ପ୍ରଚାର ଅଭିଯାନର କେନ୍ଦ୍ର ସ୍ଥଳରେ ରହିଛି ପଦ୍ମଶ୍ରୀ ପଟ୍ଟନାୟକଙ୍କର ହୃଦୟସ୍ପର୍ଶୀ ସ୍ଥାପତ୍ୟ, ଯେଉଁଥିରେ ସମାନ ନାରୀଙ୍କୁ ଦୁଇଟି ରୂପରେ ସ୍ଥାନ ପାଇଛନ୍ତି । ଗୋଟିଏ ପରିଦୃଶ୍ୟ ହେଉଥିବା ଧୂସର, ଏବଂ ଅନ୍ୟଟି ଭାସମଲ୍ ହେନା କ୍ରିମି ହେୟାର କଲର ବ୍ୟବହାର କରିବା ପରେ ପ୍ରାକୃତିକ ଭାବରେ ଉଜ୍ଜ୍ୱଳ କଳା ରଙ୍ଗରେ । ଏହାର ମୂଳରେ ରହିଛି ନୂଆ ଭାସମଲ୍ ହେନା କ୍ରିମି ହେୟାର କଲର ଉତ୍ପାଦ ପ୍ୟାକ୍, ଯାହା ଚତୁର୍ପାର୍ଶ୍ୱରେ ଆକର୍ଷଣୀୟ ତିନି ରଥ ରହିଛି ଏବଂ ଏହା ପରମ୍ପରା ଏବଂ ରୂପାନ୍ତରଣକୁ ଏକତ୍ର ପରିଦୃଶ୍ୟ ହେବାଭଳି ବାନ୍ଧି ରଖୁଛି।

### ମହାକୁମ୍ଭ ମେଳା ପରେ, ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ ପକ୍ଷରୁ ସେବା ପ୍ରଦାନ

## ଲୋକଙ୍କ ଧାର୍ମିକ ଭାବନା ବଜାୟ ରଖିବା ଦିଗରେ ଆଦାନୀ ଗ୍ରୁପର ସ୍ୱତନ୍ତ୍ର ପ୍ରୟାସ

ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷ ଆହ୍ଲାବାଦର ପ୍ରୟାଗରାଜ୍ ଠାରେ ହୋଇଥିବା ମହାକୁମ୍ଭ ମେଳାରେ ଆଦାନୀ ଗ୍ରୁପର ସ୍ୱେଚ୍ଛାକୃତ ସେବା, ଲୋକଙ୍କ ଆଦୃତି ଲାଭ କରିପାରିଛି । ଏହାକୁ ପାଥେୟ କରି ଲୋକଙ୍କ ଧାର୍ମିକ ଭାବନାକୁ ସମ୍ମାନ ପ୍ରଦାନ ପୂର୍ବକ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ ଏହାର ଦ୍ୱିତୀୟ ପଦକ୍ଷେପ ସ୍ୱରୂପ ସେବା ଯୋଗାଇବା ପାଇଁ ସ୍ଥିର କରିଛି । ମହାପ୍ରଭୁ ଜଗନ୍ନାଥଙ୍କ ଏହି ନବଦିନାତ୍ମକ ଯାତ୍ରାରେ ଭାରତ ତଥା ବିଶ୍ୱର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ ।

ଆଦାନୀ ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟକ୍ରମ କେବଳ ଭିତ୍ତିଭୂମି ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୀମିତ ନୁହେଁ, ଏହା ବିଭିନ୍ନ ଦିଗରେ ବିସ୍ତୃତ । କ୍ରମଶଃ ଭାବରେ ଏହା କେବଳ ଭାରତର ଆଧାର୍ମିକ ଓ ସାଂସ୍କୃତିକ ଜୀବନ ଧାରାର ପୃଷ୍ଠପୋଷକ ଭାବେ ନୁହେଁ ବରଂ ଏକ 'ସେବକଦ ଭାବେ ସେବା ପ୍ରଦାନ କରିଆସୁଛି । ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ






ଆଦାନୀଙ୍କ 'ସେବା ହି ସାଧନା ହୈଦ (ସେବା ହିଁ ପୂଜା) ବିଶ୍ୱାସକୁ ଆଧାର କରି, ଜୁନ ୨୬ ତାରିଖରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ତୀର୍ଥଯାତ୍ରୀ ଏବଂ ପଦସ୍ଥ ଅଧିକାରୀମାନଙ୍କୁ ସମର୍ଥନ ଯୋଗାଇବା ପାଇଁ ପ୍ରୟାସ ଆରମ୍ଭ କରିଛି ।

ଚଳିତ ବର୍ଷ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ପ୍ରାୟ ୪ ନିୟୁତ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଉଛି ଯେଉଁଠାରେ ମାଗଣା ପୌଷ୍ଟିକଯୁକ୍ତ ଖାଦ୍ୟର ବ୍ୟବସ୍ଥା କରାଯାଇଛି । ଓଡ଼ିଶାର ଗ୍ରୀଷ୍ମ ପ୍ରକୋପକୁ ପ୍ରତିହତ କରିବା ପାଇଁ ପାନୀୟ ଜଳ କାଉଣ୍ଟର ଗୁଡ଼ିକରେ ସାରା ସହରରେ ପାନୀୟ ଜଳର ବ୍ୟବସ୍ଥା ହୋଇଛି । ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ଲାଇଫ୍‌ଗାର୍ଡ଼ ମହାସଂଘକୁ ସହାୟତା, ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ପାଇଁ ସ୍ୱେଚ୍ଛାସେବୀ, ପଦସ୍ଥ ଅଧିକାରୀମାନଙ୍କପାଇଁ ମାଗଣା ଟି-ସାର୍ଟ, ପୌର କର୍ମଚାରୀଙ୍କ ପାଇଁ ଫ୍ଲୋରେସେଣ୍ଟ ଜ୍ୟାକେଟ, ଅଧିକାରୀ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ପ୍ରକାର ଜ୍ୟାକେଟ, ରେନକୋଟ୍, କ୍ୟାପ୍ ଏବଂ ଛତାର ବ୍ୟବସ୍ଥା କରାଯାଇଛି । ଆଦାନୀ ଗ୍ରୁପର ଏହି ସେବା ଭିତ୍ତିକ ପଦକ୍ଷେପ, ପୁରୀ ଜିଲା ପ୍ରଶାସନ, ଇସ୍କନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି ।

ଚଳିତ ବର୍ଷ ଆୟୋଜିତ, ୪୫ ଦିନିଆ ମହାକୁମ୍ଭ ମେଳା ସମୟରେ, ଇସ୍କନ ଏବଂ ଗୀତା ପ୍ରେସ ସହଯୋଗରେ ଆଦାନୀ ଗ୍ରୁପ, ଖାଦ୍ୟ ବଣ୍ଟନ ଏବଂ ତୀର୍ଥଯାତ୍ରୀ କଲ୍ୟାଣ ସେବାକୁ ସାହାଯ୍ୟ ଓ ସମର୍ଥନ କରିଥିଲା । ଜନକଲ୍ୟାଣ ଓ ଗୋଷ୍ଠୀ ସମୁଦାୟର ଭାବନାକୁ ଗୁରୁତ୍ୱ ଦେଇ 'ସମାଜସେବା ଏକ ଅନ୍ତରୀଣ ମୂଲ୍ୟବୋଧଦ ଅନୁଭବ କରି ଏହି ପଦକ୍ଷେପ ନିଆଯାଇଛି ବୋଲି ସେ ମନ୍ତବ୍ୟ ରଖିଛନ୍ତି । ଯଦି ମହାକୁମ୍ଭ ଏକ ବିଶ୍ୱସ୍ତରୀୟ ଚେତନା ଥିଲା, ତେବେ ପୁରୀ ରଥଯାତ୍ରା ହେଉଛି ଓଡ଼ିଆ ପ୍ରାଣ ସହ ଘନିଷ୍ଠ ଭାବେ ସମ୍ବନ୍ଧିତ ଏକ ଆଧ୍ୟାତ୍ମିକ ଭାବନା । ପୁରୀରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ହୋଇପାରେ, କିନ୍ତୁ ଏହାର ଶକ୍ତି ହେଉଛି ତୀବ୍ର ଏବଂ ଅସୀମ । ରଥଯାତ୍ରାରେ ସାମିଲ ହୋଇ, ଆଦାନୀ ଗ୍ରୁପ କେବଳ ସେବା ପ୍ରଦାନ କରୁନାହିଁ- ଏହା ଭାରତୀୟ ସଂସ୍କୃତି, ସମୁଦାୟ ଏବଂ କରୁଣା ଉପରେ ଆଧାରିତ ବିକାଶର ଏକ ଦୃଷ୍ଟିକୋଣକୁ ଦୃଢୀଭୂତ କରୁଛି । ପ୍ରୟାଗରାଜ ହେଉ କିମ୍ବା ପୁରୀ, ବିଶ୍ୱାସ ଜଡ଼ିତ ସେବାର ଏହି ଉଦୀୟମାନ ଚିନ୍ତାଧାରା ସମ୍ପନ୍ନ ମଡେଲ-କର୍ପୋରେଟ କ୍ଷମତାକୁ ତୃଣମୂଳ ସ୍ତରରେ ଭାବପୂର୍ବକ ମିଶ୍ରଣ କରି, ଭାରତର ଆଧୁନିକ ବ୍ୟବସାୟଗୁଡ଼ିକ ଦେଶର ପରମ୍ପରା ସହିତ ଏକ ପବିତ୍ର ସମନ୍ୱୟ ସୃଷ୍ଟି କରିବ ।



# ଏସସିଓ ଘୋଷଣାପତ୍ରକୁ ଭାରତର ପ୍ରତ୍ୟାଖ୍ୟାନ

## ପାକିସ୍ତାନ ବିରୁଦ୍ଧରେ ଗର୍ଜିଲେ ରାଜନାଥ

ସଂଘାଇ: ସଂଘାଇ ସହଯୋଗ ସଂଗଠନ (ଏସସିଓ) ଦଲିଲରେ ସ୍ୱାକ୍ଷର କରିବାକୁ ମନା କରିଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ତାଙ୍କର ବିଶ୍ୱାସ ଦଲିଲରେ ସ୍ୱାକ୍ଷର କରିଥିଲେ ଆତଙ୍କବାଦ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଭାରତର ମତକୁ ଦୁର୍ବଳ କରିଦେଇଥାନ୍ତା । ।ପାକିସ୍ତାନ ଏହି ଘୋଷଣାପତ୍ରରେ ଆତଙ୍କବାଦ ଉପରୁ ଧ୍ୟାନ ହଟାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ସିଂହ ଆତଙ୍କବାଦ ଉପରେ ଭାରତର ମତ ଉପରେ ଦୃଢ଼ ଭାବରେ ଅଟଳ ରହିଥିଲେ । ଚୀନର କ୍ୱିଙ୍ଗଡାଓରେ ଅନୁଷ୍ଠିତ ଏସସିଓ ସମ୍ମିଳନୀରେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ପରେ ପ୍ରଥମ ଥର ପାଇଁ ଭାରତ ଏବଂ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀମାନେ ମୁହାଁମୁହିଁ ହୋଇଥିଲେ । ଏହି ଶିଖର ସମ୍ମିଳନୀରେ ସଂଗଠନର ସଦସ୍ୟ ରାଷ୍ଟ୍ର ଚୀନ, ରୁଷ, ପାକିସ୍ତାନ ଏବଂ ଭାରତ ଆଦିରୁ ପ୍ରତିରକ୍ଷା ନେତାମାନେ ଏକତ୍ରିତ ହୋଇଥିଲେ । ଏସସିଓ ସମ୍ମିଳନୀରେ ରାଜନାଥ ପାକିସ୍ତାନ ଉପରେ ଗର୍ଜିଛନ୍ତି ।



ସେ ତାଙ୍କ ଭାଷଣରେ, ପାକିସ୍ତାନର ନାମ ନ ନେଇ ପାକିସ୍ତାନ ଉପରେ ଏକ ସମ୍ପୂର୍ଣ୍ଣ ଆକ୍ରମଣ ଆରମ୍ଭ କରି କହିଥିଲେ ଯେ କିଛି ଦେଶ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ପାଇଁ ସୀମାପାର ଆତଙ୍କବାଦକୁ ନୀତିର ଉପକରଣ ଭାବରେ ବ୍ୟବହାର କରୁଛନ୍ତି । ସଂଘାଇ ସହଯୋଗ ସଂଗଠନ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକରେ ଗୁରୁବାର ଦିନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୀମାପାର ଆତଙ୍କବାଦ ପାଇଁ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନକୁ ନିନ୍ଦା କରିଛନ୍ତି । ରାଜନାଥ ପାକିସ୍ତାନକୁ ନିନ୍ଦା କିରିବା ସହିତ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କୁ ଆତଙ୍କବାଦ ବିରୋଧରେ ସ୍ୱର ଉଠାଇବାକୁ ଅନୁରୋଧ କରିଛନ୍ତ । ସେ ପହଲଗାମ ଆକ୍ରମଣ ପରେ ଆରମ୍ଭ ହୋଇଥିବା "ଅପରେସନ ସିନ୍ଦୂର'କୁ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ଜବାବ ଭାବରେ ଉଲ୍ଲେଖ କରିଛନ୍ତି । ସିଂହ କହିଛନ୍ତି ଯେ "ଅପରେସନ ସିନ୍ଦୂର' ହେଉଛି ଏକ ଆଗୁଆ ଆକ୍ରମଣ । ଯାହା ସୀମାପାର ଆତଙ୍କବାଦୀ ଆକ୍ରମଣକୁ ରୋକିବା ଏବଂ ସୀମାପାର ଆତଙ୍କବାଦୀ ଭିତ୍ତିଭୂମିକୁ ଭାଙ୍ଗିବା ପାଇଁ ଆରମ୍ଭ କରାଯାଇଥିଲା । ପାକିସ୍ତାନକୁ ସିଧାସଳଖ ସମାଲୋଚନା କରି ରାଜନାଥ ସିଂହ କହିଛନ୍ତି, କିଛି ଦେଶ ସୀମାପାର ଆତଙ୍କବାଦକୁ ନୀତିର ଏକ ଅସ୍ତ୍ର ଭାବରେ ବ୍ୟବହାର କରନ୍ତି ଏବଂ ଆତଙ୍କବାଦୀଙ୍କୁ ଆଶ୍ରୟ ଦିଅନ୍ତି । ଏପରି ଦ୍ୱନ୍ଦ ମାନଦଣ୍ଡ ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ ।ଏସସିଓ ଏପରି ରାଷ୍ଟ୍ରଗୁଡ଼ିକୁ ସମାଲୋଚନା କରିବାକୁ ସଂକୋଚ କରିବା ଉଚିତି ନୁହେଁ । ରାଜନାଥ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରିବା ପାଇଁ ଭାରତ ଦ୍ୱାରା ନିଆଯାଇଥିବା ଅନେକ ପଦକ୍ଷେପ ଉପରେ ମଧ୍ୟ ଆଲୋକପାତ କରିଥିଲେ ।ଆତଙ୍କବାଦର କେନ୍ଦ୍ରସ୍ଥଳଗୁଡ଼ିକ ଆଉ ସୁରକ୍ଷିତ ନୁହେଁ ଏବଂ ଆମେ ସେମାନଙ୍କୁ ଟାର୍ଗେଟ କରିବାକୁ ସଂକୋଚ କରିବୁ ନାହ" ବୋଲି ସେ କହିଛନ୍ତି ।

## ଦୁଇ ମାସରେ ୩୦୦ ମୋସାଦ ଗୁପ୍ତଚରଙ୍କୁ ଫାଶୀ ଦେଲାଣି ଇରାନ




ତେହରାନ : ଇସ୍ରାଏଲ ସହିତ ଯୁଦ୍ଧବିରତି ପରେ ଇରାନ ଏବେ ଦେଶ ମଧ୍ୟରେ ରହୁଥିବା ଶତ୍ରୁମାନଙ୍କୁ ବିଶେଷକରି ମୋସାଦ ଗୁପ୍ତଚରମାନଙ୍କୁ ଚିହ୍ନଟ କରି ଦଣ୍ଡଦେବା ଆରମ୍ଭ କରିଛି । ଇରାନ ଉପରେ ଇସ୍ରାଏଲର ଆକ୍ରମଣ ବେଳେ ଏହି ଗୁପ୍ତଚରମାନେ ଇରାନ ମଧ୍ୟରେ ରହି ଇରାନର ପରମାଣୁ ବିଜ୍ଞାନି ଓ ସେନା ଅଧିକାରୀମାନଙ୍କ ସମ୍ପର୍କିତ ସୂଚନା ପ୍ରଦାନ କରୁଥିଲେ । ନିକଟରେ ଗୋଟିଏ ଦିନ ମଧ୍ୟରେ ତିନି ଜଣଙ୍କୁ ଫାଶୀ ଦିଆଯାଇଥିଲାଛ ସେମାନଙ୍କ ଉପରେ ଇସ୍ରାଏଲୀ ଗୁଇନ୍ଦା ସଂସ୍ଥା ମୋସାଦ ପାଇଁ କାମ କରିବା ଏବଂ ଦେଶରେ ହତ୍ୟା ଷଡ଼ଯନ୍ତ୍ରରେ ସାମିଲ ଥିବା ଅଭିଯୋଗ ହୋଇଥିଲା । ଇରାନୀ ସମାଚାର ଏଜେନ୍ସି ମିଜାନ ଅନୁଯାୟୀ, ଏହି ଲୋକମାନେ ଇସ୍ରାଏଲକୁ ସମ୍ବେଦନଶୀଳ ଉପକରଣ ଚୋରା ଚାଲାଣ କରିଥିଲେଛ ଗତ ଦୁଇ ମାସ ମଧ୍ୟରେ ମୋସାଦ ସହିତ ଜଡିତ ଅନେକ ଲୋକଙ୍କୁ ଗିରଫ କରାଯାଇଛି ଏବଂ ପ୍ରାୟ ୩୦୦ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି । ଇରାନୀ ମାନବାଧିକାର ସଂଗଠନଗୁଡ଼ିକ ଦାବି କରିଛନ୍ତି ଯେ ୨୦୨୪ ରେ ଏପର୍ଯ୍ୟନ୍ତ ୯୦୦ରୁ ଅଧିକ ଲୋକଙ୍କୁ ଫାଶୀ ଦିଆଯାଇଛି । ଏହି କାର୍ଯ୍ୟ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ପ୍ରତିଫଳିତ କରେ । ତଥାପି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରିଥିଲେ ।

## ବୁଡ଼ିଗଲା ୩୦୦୦ କାର୍ ଥିବା ଜାହାଜ



ଆଲାସ୍କା : ବିଶ୍ୱ ଶିଳ୍ପ ବାଣିଜ୍ୟର ମେରୁଦଣ୍ଡ ସିପିଂ ଇଣ୍ଡଷ୍ଟ୍ରି ପାଇଁ ଗତ କିଛିମାସ ହେଲା ଅତି ଖରାପ ସମୟ ଚାଲିଛି । ଗୋଟିଏ ପଟେ ମଧ୍ୟପୂର୍ବରେ ଯୁଦ୍ଧ ଯୋଗୁଁ ଜାହାଜଗୁଡିକର ସୁରକ୍ଷା ଓ ଯାତାୟାତ ପ୍ରଭାବିତ ହୋଇଛି । ଅନ୍ୟପଟେ ବାରମ୍ବାର ବିଶ୍ୱରେ ବିଭିନ୍ନ ସମୁଦ୍ରରେ ଜାହାଜରେ ନିଆଁ ଲାଗିବା ଓ ବୁଡ଼ିବା ଘଟଣା ଘଟିଛି । ନିକଟରେ ମର୍ଣ୍ଣିଂ ମିଡାସ୍ ନାମକ ମାଲବାହୀ ଜାହାଜରେ ଅଗ୍ନିକାଣ୍ଡ ଓ ବୁଡ଼ିବା ଘଟଣା ସାରା ବିଶ୍ୱର ଜାହାଜ ଶିଳ୍ପକୁ ଦୋହଲାଇ ଦେଇଛି । ଜାହାଜଟି ୩,୦୦୦ରୁ ଅଧିକ ନୂତନ ଗାଡ଼ି ନେଇଯାଉଥିଲା, ଯେଉଁଥିରେ ୭୦ଟି ବୈଦ୍ୟୁତିକ ଯାନ (ଇଭି) ଏବଂ ୬୮୦ ଟି ହାଇବ୍ରିଡ୍ କାର ଅନ୍ତର୍ଭୁକ୍ତ ଥିଲା । ଜାହାଜଟି ଚୀନ୍‌ରୁ ମେକ୍ସିକୋ ଯାଉଥିଲା ।

ସୂଚନା ଅନୁସାରେ ୩ ଜୁନରେ, ଯେତେବେଳେ ଜାହାଜଟି ଆଡାକ୍ ଦ୍ୱୀପରୁ ପ୍ରାୟ ୪୯୦ କିଲୋମିଟର ଦୂରରେ ଥିଲା, ସେତେବେଳେ ଆମେରିକା ତଟରକ୍ଷୀ ବାହିନୀ ମର୍ଣ୍ଣିଂ ମିଡାସ୍ ନାମକ ମାଲବାହୀ ଜାହାଜରେ ନିଆଁ ଲାଗିବା ବିଷୟରେ ସୂଚନା ପାଇଥିଲା ।ନିଆଁ ଏତେ ଦ୍ରୁତ ଗତିରେ ବ୍ୟାପିଥିଲା ଯେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିଲା ନାହିଁ ଏବଂ ଜାହାଜଟି ସମ୍ପୂର୍ଣ୍ଣ ନିଷ୍କ୍ରିୟ (ଡେଡ୍ ଇନ୍ ଦି ୱାଟର) ହୋଇଗଲା ।

## ଭାରତୀୟ ତଟରକ୍ଷୀ ବାହିନୀରେ 'ଅଦମ୍ୟ'

ନୂଆଦିଲ୍ଲୀ: ଦେଶର ପ୍ରଥମ ଦ୍ରୁତ ପାଟ୍ରୋଲ୍ ଜାହାଜ ଅଦମ୍ୟ ଭାରତୀୟ ତଟରକ୍ଷୀ ବାହିନୀରେ ସାମିଲ ହୋଇଛି । ଆଜି ଭାରତୀୟ ତଟରକ୍ଷୀ ବାହିନୀ ଗୋଆ ସିପୟାର୍ଡ ଲିମିଟେଡରେ ଅଦମ୍ୟକୁ ସାମିଲ କରିଛି । ପ୍ରଥମ ଦ୍ରୁତ ପାଟ୍ରୋଲ୍ ଜାହାଜୟାର୍ଡ ୧୨୭୧ 'ଅଦମ୍ୟ'କୁ ସାମିଲ କରି, ତଟରକ୍ଷୀ ବାହିନୀ ସାମୁଦ୍ରିକ ସୁରକ୍ଷା ଏବଂ ସ୍ୱଦେଶୀ ଜାହାଜ ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି ।ଅଦମ୍ୟକୁ ସାମିଲ କରିବା ବିଷୟରେ ସୂଚନା ଦେଇ, ତଟରକ୍ଷୀ ବାହିନୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛି, ଭାରତ ଏହାର ସାମୁଦ୍ରିକ ଶକ୍ତିକୁ ମଜବୁତ କରିଛି! ଭାରତୀୟ ତଟରକ୍ଷୀ ବାହିନୀ 'ଅଦମ୍ୟ'କୁ ସାମିଲ କରିଛି । ୬୦ ପ୍ରତିଶତ ସ୍ୱଦେଶୀ ସାମଗ୍ରୀରେ ନିର୍ମିତ, ଏହି ଦ୍ରୁତ ପାଟ୍ରୋଲ୍ ଜାହାଜ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆର ଶକ୍ତିକୁ ପ୍ରତିଫଳିତ କରେ ଏବଂ ଉପକୂଳ ସୁରକ୍ଷା ପାଇଁ ବ୍ୟବହୃତ ହେବ । ଭାରତୀୟ ତଟରକ୍ଷୀ ବାହିନୀ ୨୮ ଅକ୍ଟୋବର, ୨୦୨୪ ରେ ଗୋଆ ସିପୟାର୍ଡ ଲିମିଟେଡ ଦ୍ୱାରା ନିର୍ମିତ ଦୁଇଟି ଫାଷ୍ଟ ପେଟ୍ରୋଲ ଜାହାଜ 'ଅଦମ୍ୟ' ଏବଂ 'ଅକ୍ଷର'କୁ ଏକକାଳୀନ ଲଞ୍ଚ କରିଥିଲା ଯାହା ୬୦% ରୁ ଅଧିକ ସ୍ୱଦେଶୀ ସାମଗ୍ରୀ ସହିତ ନିର୍ମିତ । ଆଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଏହି ଫାଷ୍ଟ ପେଟ୍ରୋଲ ଜାହାଜଗୁଡ଼ିକ ସୁରକ୍ଷା ସହ ଏବଂ ଦ୍ୱୀପାଞ୍ଚଳଗୁଡ଼ିକୁ ସୁରକ୍ଷା ଦେବାରେ ସାହାଯ୍ୟ କରିବ । ଏହାର ଲମ୍ବ ୫୨ ମିଟର, ପ୍ରସ୍ଥ ୮ ମିଟର ଥିବାବେଳେ ସର୍ବାଧିକ ଗତି ୨୭ ନଟ୍ ରହିବ ।

## ଉଧମପୁରରେ ଏନକାଉଣ୍ଟର

ଶ୍ରୀନଗର : ଜମ୍ମୁ ଓ କଶ୍ମୀରର ଉଧମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏକ ଏନକାଉଣ୍ଟର ଚାଲିଛି । ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କୁ ଘେରି ରହିଛନ୍ତି । ଉଭୟ ପାର୍ଶ୍ୱରୁ ଗୁଳିଚାଳନା ହେଉଛି ।ସୂଚନା ଅନୁଯାୟୀ, ବସନ୍ତଗଡ଼ ଅଞ୍ଚଳରେ ଆତଙ୍କବାଦୀ ଦେଖାଯିବାର ସୂଚନା ପାଇ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ । ନିଜକୁ ଘେରି ରହିଥିବା ଦେଖି ଆତଙ୍କବାଦୀମାନେ ସୁରକ୍ଷା ବାହିନୀ ଉପରେ ଗୁଳିଚାଳନା ଆରମ୍ଭ କରିଥିଲେ । ସୁରକ୍ଷା ବାହିନୀ ମଧ୍ୟ ତାହାର ନେଇଥିଲେ । ଏବେ ଉଭୟ ପାର୍ଶ୍ୱରୁ ମଝିରେ ମଝିରେ ଗୁଳିଚାଳନା ହେଉଛି ।




ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସମାରୋହରେ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଡ. ବିଜୟ କୁମାର ମହାନ୍ତିଙ୍କୁ ପ୍ରଶଂସା ପତ୍ର ସହିତ ସମ୍ବର୍ଦ୍ଧିତ କରାଯାଉଛି । ଡ. ମହାନ୍ତି ଏବେ ଭାରତ ସରକାରଙ୍କ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଇରେଡା) ର ଅର୍ଥ ନିର୍ଦ୍ଦେଶକ ଅଛନ୍ତି । ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି ।

## ଅହମ୍ମଦାବାଦ ଦୁର୍ଘଟଣା : ବ୍ଲାକ୍‌ବକ୍ସରୁ ଡାଟା ସଂଗ୍ରହ

ନୂଆଦିଲ୍ଲୀ, ୨୬।୬ : ଅହମ୍ମଦାବାଦରେ ଦୁର୍ଘଟଣାଗ୍ରସ୍ତ ଏୟାର ଇଣ୍ଡିଆ ବିମାନର ବ୍ଲାକ୍ ବକ୍ସର ତଥ୍ୟ ମିଳିଛି। ଜୁନ୍ ୧୨ରେ ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍ ଲାଇନର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ୨୪୧ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ। ତେବେ ବ୍ଲାକ୍ ବକ୍ସକୁ ଉଦ୍ଧାର କରାଯାଇଥିଲା। ବ୍ଲାକ୍ ବକ୍ସରେ ଦୁର୍ଘଟଣା କିଭଳି ଘଟିଲା ସେ ସମ୍ପର୍କରେ ତଥ୍ୟ ରହିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଦୁର୍ଘଟଣା ପରେ ତଦନ୍ତ ଦ୍ରୁତ ଗତିରେ ଚାଲିଛି। ଦୁଇଟି ବ୍ଲାକ୍ ବକ୍ସରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସଫଳତାର ସହ ବାହାର କରାଯାଇଛି। ଆଶା କରାଯାଉଛି ଦୁର୍ଘଟଣାର ସ୍ପଷ୍ଟ କାରଣ ଜଣାପଡିବ। ସିଭିଆର୍ ଓ ଏଫଡିଆର ଡାଟାକୁ ମଧ୍ୟ ବିଶ୍ଳେଷଣ କରାଯାଉଛି। କେଉଁ କାରଣ ପାଇଁ ଦୁର୍ଘଟଣା ହେଲା ତାହା ଅନୁଧ୍ୟାନ କରାଯିବ।

ପ୍ରଥମ ବ୍ଲାକ୍ ବକ୍ସ କକପିଟ ଭଏସ୍ ରେକର୍ଡର ଜୁନ୍ ୧୩ରେ ଦୁର୍ଘଟଣସ୍ଥଳର ଏକ ଛାତରୁ ଉଦ୍ଧାର କରାଯାଇଥିଲା। ଦ୍ୱିତୀୟ ବ୍ଲାକବକ୍ସ ଅର୍ଥାତ୍ ଫ୍ଲାଇଟ୍ ଡାଟା ରେକର୍ଡର ଜୁନ୍ ୧୬ରେ ବିମାନର ଭଗ୍ନାବଶେଷରୁ ବାହାର କରାଯାଇଥିଲା। ଉଭୟ ବ୍ଲାକବକ୍ସକୁ କଡା ପୋଲିସ ସୁରକ୍ଷା ଏବଂ ସିସିଟିଭି ନଜରରେ ଅହମ୍ମଦାବାଦରେ ରଖାଯାଇଥିଲା। ଜୁନ୍ ୨୪ରେ ଭାରତୀୟ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଏହାକୁ ନୂଆଦିଲ୍ଲୀ ଅଣାଯାଇଥିଲା। ଏହାପରେ ମେମୋରୀ ମଡ୍ୟୁଲରୁ ତଥ୍ୟକୁ ସଫଳତାର ସହ ଡାଉନଲୋଡ କରାଯାଇଛି। ଏବେ ସିଭିଆର ଓ ଏଫଡିଆରର ରେକର୍ଡ ତଥ୍ୟକୁ ବିଶ୍ଳେଷଣ କରାଯାଉଛି। ଏହା ଯାନ୍ତ୍ରୀକ କିମ୍ବା ମାନବ ତ୍ରୁଟି ତାହା ଜଣାପଡିବ। ଦୁର୍ଘଟଣାବେଳେ ପାଇଲଟଙ୍କ ଶେଷ ବାର୍ତ୍ତା ମେଡେ ରହିଥିଲା।

## ଭାରତ-ପାକ୍ ଯୁଦ୍ଧ ବିରତି
## ମିଛ କହି ଚାଲିଛନ୍ତି ଟ୍ରମ୍ପ

ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଦାବି କରିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ତାଙ୍କ ମଧ୍ୟସ୍ଥତା ଯୋଗୁ ହୋଇଛି । ଭାରତ ତାଙ୍କ ଦ୍ୱାରା ବାରମ୍ବାର ସମାନ ଦାବିକୁ ଖଣ୍ଡନ କରିବା ପରେ ବି ଟ୍ରମ୍ପ ମିଛ ଢୁଙ୍ଗୁରା ପିଟି ଚାଲିଛନ୍ତ । ଟ୍ରମ୍ପ ବୁଧବାର ଦିନ ଦୋହରାଇଛନ୍ତି ଯେ ସେ ଭାରତ ଏବଂ ପାକିସ୍ତାନ ଉଭୟର ନେତାମାନଙ୍କୁ କହିଥିଲେ କି ଯଦି ସେମାନେ ଅସ୍ତ୍ରବିତରି ନକରିନ୍ତି ତେବେ ସେ ବାଣିଜ୍ୟ ବନ୍ଦ କରିଦେବେ । କେବଳ ଫୋନ୍ କଲ୍ ଜରିଆରେ ଦୁଇ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ କରିଥିବା କହିଛନ୍ତି ଟ୍ରମ୍ପ । ତାଙ୍କ ଯୋଗୁଁ ପରମାଣୁ ଯୁଦ୍ଧ ଟଳି ଗଲା ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି । ନେଦରଲ୍ୟାଣ୍ଡର ରାଜଧାନୀ ହେଗରେ ନାଟୋ ସମ୍ମିଳନୀ ଅବସରରେ ଭାରତ-ପାକ ଯୁଦ୍ଧ ବିରାମ ପ୍ରସଙ୍ଗ ଉଠାଇ ଟ୍ରମ୍ପ ପୁଣି ନିଜକୁ ଏହାର ଶ୍ରେୟ ଦେଇଛନ୍ତି ।ଭାରତର ପ୍ରଧାନମନ୍ତ୍ରୀ ଜଣେ ଭଦ୍ର ବ୍ୟକ୍ତି ଓ ମୋର ଭଲ ବନ୍ଧୁ । ତାଙ୍କୁ ବୁଝାଇ କହିଥିଲି, ଆପଣ ଯଦି ଯୁଦ୍ଧ କରିବେ ତେବେ ଆମେ ବାଣିଜ୍ୟ ଚୁକ୍ତି କରିବା ନାହିଁ । ମୋଦୀ କହିଥିଲେ ସେ ବାଣିଜ୍ୟ କରିବାକୁ ଚାହୁଁଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତ-ପାକିସ୍ତାନ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ବାଣିଜ୍ୟ ସମ୍ପର୍କିତ ସିରିଜ୍ କଲ୍ କାମରେ ଆସିଲା । ଦୁଇ ରାଷ୍ଟ୍ରକୁ କୁହାଯାଇଥିଲା ଯଦି ଯୁଦ୍ଧ କରିବ ତ ଆମେ କୌଣସି ବ୍ୟବସାୟିକ ବୁଝାମଣା କରିବୁ ନାହିଁ ।

## ହିମାଚଳରେ ବାଦଲ ଫଟା ବର୍ଷା, ୨ ମୃତ

ସିମଲା : ହିମାଚଳ ପ୍ରଦେଶରେ ବର୍ଷା ଏବଂ ବନ୍ୟା ତାଣ୍ଡବ ରଚିଛିଛ ବୁଧବାର ବାଦଲଫଟା ବର୍ଷା ପରେ ଆସିଥିବା ବନ୍ୟା ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ଘଟିଛି, ଯେତେବେଳେକି ପ୍ରାୟ ୨୦ ଜଣ ଲୋକ ଭାସି ଯାଇଥିବା ଆଶଙ୍କା କରାଯାଉଛ । କାଙ୍ଗଡ଼ା ଜିଲ୍ଲାର ମାନୁନି ଖାଡରୁ ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି, ଯେତେବେଳେ ଖାନିଆରା ମାନୁନି ଖାଡରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଇନ୍ଦିରା ପ୍ରିୟଦର୍ଶିନୀ ଜଳବିଦ୍ୟୁତ ପ୍ରକଳ୍ପ ସ୍ଥାନ ନିକଟ ଏକ ଶ୍ରମିକ କଲୋନୀରେ ରହୁଥିବା ପ୍ରାୟ ୧୫-୨୦ ଶ୍ରମିକ ଭାସି ଯାଇଥିବା ଆଶଙ୍କା କରାଯାଉଛି । ଅଧିକାରୀଙ୍କ ଅନୁଯାୟୀ, ବର୍ଷା ଯୋଗୁଁ ପ୍ରକଳ୍ପର କାମ ବନ୍ଦ କରାଯାଇଥିଲା ଏବଂ ଶ୍ରମିକମାନେ ନିର୍ମାଣ ସ୍ଥାନ ନିକଟରେ ଅସ୍ଥାୟୀ ଆଶ୍ରୟସ୍ଥଳରେ ବିଶ୍ରାମ ନେଉଥିଲେ, ସେତେବେଳେ ମାନୁନି ଖାଡ ଏବଂ ନିକଟବର୍ତ୍ତୀ ନାଳରୁ ବନ୍ୟା ପାଣି ଶ୍ରମିକ କଲୋନୀ ଆଡ଼କୁ ଆସି ଶ୍ରମିକମାନଙ୍କୁ ଭାସି ନେଇଥିଲାଛରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏସଡିଆରଏଫ), ସ୍ଥାନୀୟ ପ୍ରଶାସନ, ଗ୍ରାମ ପଞ୍ଚାୟତ ଏବଂ ରାଜସ୍ୱ ବିଭାଗର ଦଳ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ପହଞ୍ଚିଛନ୍ତିଛ ଅଧିକାରୀମାନେ କହିଛନ୍ତି ଯେ ପ୍ରକଳ୍ପ ସହିତ ଜଡିତ କିଛି ସ୍ଥାନୀୟ ଶ୍ରମିକ ସୁରକ୍ଷିତ ଅଛନ୍ତି ।




କେନ୍ଦ୍ର ସରକାରଙ୍କ ରାଜଭାଷା ବିଭାଗର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ସାଂସଦ ତଥା ସଂସଦୀୟ ରାଜଭାଷା ସମିତିର ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ, ସାଂସଦ ସୁଧା ମୂର୍ତ୍ତି ଓ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବି. ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ।

## ରୁପା ପ୍ଲେଟରେ ନୈଶ ଭୋଜି, ଦାମ୍ ୫୦୦୦

ମୁମ୍ବାଇ : ଚର୍ଚ୍ଚାରେ ମହାରାଷ୍ଟ୍ର ସରକାରଙ୍କ ଗୋଟିଏ କାର୍ଯ୍ୟକ୍ରମ। ମୁମ୍ବାଇରେ ଅନୁଷ୍ଠିତ ପାର୍ଲାମେଣ୍ଟର ଏଷ୍ଟିମେଟ୍ସ କମିଟିର ପ୍ଲାଟିନମ ଜୁବଲୀ ପାଇଁ ଆୟୋଜିତ ଭୋଜିର ଖର୍ଚ୍ଚ ସମସ୍ତଙ୍କୁ ଚକିତ କରିଛି । ଭୋଜିରେ ଟଙ୍କାକୁ ସରକାର ପାଣି ଭଳି ଖର୍ଚ୍ଚ କରିଥିବା ଅଭିଯୋଗ ବିବାଦ ସୃଷ୍ଟି କରିଛି । କଂଗ୍ରେସର ମହାରାଷ୍ଟ୍ରୟୁନିଟ ଓ ସାମାଜିକ କର୍ମୀମାନେ ସରକାର ଦେଇଥିବା ଏପରି ବ୍ୟୟବହୁଳ ପାର୍ଟି ଉପରେ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟରେ ଆର୍ଥିକ ସଙ୍କଟ ଦେଖାଯାଉଥିବା ବେଳେ ପାର୍ଟିରେ ଯୋଗ ଦେଇଥିବା ଅତିଥିମାନଙ୍କୁ ରୁପାର ଥାଳିରେ ଖାଦ୍ୟ ପରସା ଯିବା ଉପରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ମୁମ୍ବାଇରେ ଚାଲିଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ଉଦଘାଟନ ଲୋକସଭା ବାଚସ୍ପତି ଓମ ବିର୍ଲା କରିଥିଲେ । ମୁମ୍ବାଇର ବିଧାନ ଭବନ କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ୬୦୦ ଜଣ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା । ମହାରାଷ୍ଟ୍ର କଂଗ୍ରେସ ଅଭିଯୋଗ କରିଛି ଯେ ଅତିଥିମାନଙ୍କୁ ଖାଦ୍ୟ ପରସିବା ପାଇଁ ରୁପାର ଥାଳି ଭଡ଼ାରେ ଅଣା ଯାଇଥିଲା । ପ୍ରତି ପ୍ଲେଟର ଭଡ଼ା ଥିଲା ୫୫୦ ଟଙ୍କାଛ ସେହିପରି ରୁପା ଥାଳିରେ ଦିଆଯାଇଥିବା ଖାଦ୍ୟର ଦାମ ଥିଲା ୫ ହଜାର ଟଙ୍କାଛମହାରାଷ୍ଟ୍ର କଂଗ୍ରେସର ବିଧାୟକ ଦଳ ନେତା ବିଜୟ ୱାଡେଟିୱାର କହିଛନ୍ତି, ଏହା ଅଯଥା ଖର୍ଚ୍ଚ । ରାଜ୍ୟ ଗୋଟିଏ ପ୍ରକାରର ଦେବାଳିଆ ସ୍ଥିତିରେ ଥିବା ବେଳେ ଏଷ୍ଟିମେଟ୍ସ କମିଟିର ସଦସ୍ୟମାନଙ୍କୁ ମୁମ୍ବାଇରେ ରୁପାର ଥାଳିରେ ଖାଇବାକୁ ଦିଆଯିବାର ଆବଶ୍ୟକତା କ'ଣ ଥିଲା? ପ୍ରତଟି ଗେଷ୍ଟଙ୍କ ଖାଇବା ପାଇଁ ୫ ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇଛି । ଅର୍ଥାତ ରୁପା ଥାଳିରେ ଦିଆଯାଇଥିବା ଖାଦ୍ୟର ଦାମ ୫ ହଜାର ଟଙ୍କାଛଅତିଥିମାନଙ୍କ ପାଇଁ ଏପରି ଖର୍ଚ୍ଚ କରାଯାଉଥିବା ବେଳେ ଚାଷୀମାନଙ୍କୁ ଋଣ ଛାଡ଼ କରାଯାଉ ନାହିଁ । ବୋନସ ଦିଆଯାଉ ନଥିବା ବେଳେ ଏକାଧିକ ସାମାଜିକ କଲ୍ୟାଣ ଯୋଜନାର ବଜେଟକୁ ହ୍ରାସ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ହର୍ଷବର୍ଦ୍ଧନ ସପକଲ ମଧ୍ୟ ଦେବେନ୍ଦ୍ର ଫଡନାଭିସଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ୫୫୦ ଟଙ୍କିଆ ପ୍ଲେଟରେ ୫୦୦୦ ଟଙ୍କିଆ ମିଲ୍ ଏଷ୍ଟିମେଟ୍ସ କମିଟିର ପ୍ରତିନିଧିମାନଙ୍କୁ ଦିଆଯାଇଛି । ଏପରି ଟଙ୍କା ପାଣି ଭଳି ଖର୍ଚ୍ଚ କରିବାର କାରଣ କ'ଣ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ସାମାଜିକ କର୍ମୀ କୁମ୍ଭାର ଦାବି କରିଛନ୍ତି ଯେ ୬୦୦ ଜଣ ଅତିଥିଙ୍କ ପାଇଁ ଲୋକଙ୍କ ଟଙ୍କାରୁ ମୋଟ ୨୭ ଲକ୍ଷର ଅଯଥା ଖର୍ଚ୍ଚ ହୋଇଛି । ତେବେ ସରକାରଙ୍କ ପକ୍ଷରୁ ଏନେଇ କୌଣସି ପ୍ରକାରର ବିଧିବଦ୍ଧ ପ୍ରତିକ୍ରିୟା ମିଳିପାରି ନାହିଁ ।



## ବ୍ରିଜ୍‌ଟାଉନ୍ ଟେଷ୍ଟ

# ଅଷ୍ଟ୍ରେଲିଆ ୧୮୦, ଇଣ୍ଡିଜ୍ ୫୭/୪

ବ୍ରିଜ୍‌ଟାଉନ୍, ୨୬।୬(ଏଜେନ୍ସି) : ଘରୋଇ ୱେଷ୍ଟ ଇଣ୍ଡିଜ୍ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବ୍ରିଜ୍‌ଟାଉନ୍‌ରେ ଆରମ୍ଭ ହୋଇଛି । ମ୍ୟାଚ୍‌ର ପ୍ରଥମ ଦିନ ଉଭୟ ପକ୍ଷର ୧୪ ୱିକେଟ୍ ଝଡିଛି । ଅଷ୍ଟ୍ରେଲିଆ ୫୬.୫ ଓଭରରେ ୧୮୦ ରନ୍ କରି ଅଲଆଉଟ୍ ହୋଇଥିବା ବେଳେ ଇଣ୍ଡିଜ୍ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୨୦ ଓଭରରେ ୪ ୱିକେଟ୍ ହରାଇ ୫୭ ରନ୍ କରିଛି । ଦିନ ତମାମ୍ ମ୍ୟାଚ୍‌ରେ ବୋଲରଙ୍କ ଦଗଦବା ହିଁ ଜାରି ରହିଥିଲା । ଜୟଦିନ ସିଲେଶ ୫ଟି ଓ ସମର ଯୋଶେଫ ୪ ୱିକେଟ୍ ଅକ୍ତିଆର କରିବା ତଥା ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ ୨ ୱିକେଟ୍ ଦଖଲ କରିବା ଚର୍ଚ୍ଚାରେ ରହିଛି ।

ବାର୍ବାଡୋସ୍ ସ୍ଥିତ ବ୍ରିଜ୍‌ଟାଉନ୍ କେନିଂଟନ୍ ଓଭାଲରେ ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟକ ପାର୍ଟ କୁମିନ୍ସ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ବୋଲରଙ୍କୁ ସୁହାଉ ଥିବା ଏହି ପିଚ୍‌ରେ କୁମିନ୍ସ ବ୍ୟାଟିଂ ନିଷ୍ପତ୍ତି ମହଙ୍ଗା ସାବ୍ୟସ୍ତ ହୋଇଥିଲା । ଓପନ୍‌ର ସାମ୍ କନଷ୍ଟାସ୍ ୩, କାମେରନ୍ ଗ୍ରିନ୍ ୩, ଯୋସ୍ ଇଙ୍ଗଲିସ୍ ୫ ରନ୍ କରି ଆଉଟ୍ ହେବାରୁ ଅଷ୍ଟ୍ରେଲିଆ ୨୨ ରନ୍‌ରେ ୩ ୱିକେଟ୍ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା । ଉସ୍ମାନ୍ ଖ୍ୱାଜା ଓ ଟ୍ରେଭିସ୍ ହେଡ୍‌ଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍ ପାଇଁ ୮୯ ରନ୍ ପାର୍ଟନରସିପ୍ ହୋଇଥିଲା । ଫଳରେ ଦଳୀୟ ସ୍କୋର ୧୦୦ ଟପିଥିଲା । ଉସ୍ମାନ୍ ଖ୍ୱାଜା ୧୨୮ ବଲ୍‌ର ସମ୍ମୁଖୀନ ହୋଇ ୪୭ ରନ୍ କରିଥିବା ବେଳେ ଟ୍ରେଭିସ୍ ହେଡ୍ ଏକମାତ୍ର ବ୍ୟାଟ୍‌ର ଭାବେ ୭୮ ବଲରୁ ୫୯ ରନ୍ କରି ଅର୍ଦ୍ଧ ଶତକ ପୂରଣ କରିଥିଲେ । ଏହାପରେ ଅଷ୍ଟ୍ରେଲିଆ ଇନିଂସର କେବଳ ଔପଚାରିକତା ବାକି ରହିଥିଲା । ବ୍ୟୁ ୱେଭ୍‌ଷ୍ଟର ୧୧, ଆଲେକ୍ସ କାରେ ୮, ପାର୍ଟ କୁମିନ୍ସ ୨୮, ନାଥଲ୍ ନିୟଲ୍ ଅପରାଜିତ ୯ ଓ ଯୋଶ ହାଜଲେଉଡ୍ ୪ ରନ୍ କରିଥିଲେ । ତେଣୁ ୫୬.୫ ଓଭରରେ ୧୮୦ ରନ୍ କରି ଅଷ୍ଟ୍ରେଲିଆ ସମସ୍ତ ୱିକେଟ୍ ହରାଇଥିଲା । ଇଣ୍ଡିଜ୍‌ର ଦୁଇ ପରାକ୍ରମୀ ବୋଲର ଜୟଦିନ ସିଲେସ୍ ଓ ସମର ଯୋଶେଫ ଅଷ୍ଟ୍ରେଲିଆ କୌଣସି ବ୍ୟାଟରଙ୍କୁ ବେଶି ସମୟ ରହିବାର ସୁଯୋଗ ଦେଇନଥିଲେ । ଜୟଦିନ ୧୫.୫ ଓଭର ବୋଲିଂ କରି ୫ ୱିକେଟ୍ ଦଖଲ କରିଥିବା ବେଳେ ସମର ଯୋଶେଫ ୧୬ ଓଭରରେ ୪୬ ରନ୍ କରି ୪ ୱିକେଟ୍ ନେଇଥିଲେ । ଜଷ୍ଟିନ୍ ଗ୍ରେଭାସଙ୍କୁ ୧ ୱିକେଟ୍ ସଫଳତା ମିଳିଥିଲା ।

ତୃତୀୟ ଅଧିବେଶନରେ ପ୍ରଥମ ପାଳି ବ୍ୟାଟିଂ ଆରମ୍ଭ କରିଥିଲା ଇଣ୍ଡିଜ୍ । ଅଷ୍ଟ୍ରେଲିଆର ଯେଉଁଭଳି ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା ସମାନ ଢଙ୍ଗରେ ଇଣ୍ଡିଜ ମଧ୍ୟ ଫସିଥିଲା । ଓପନର କ୍ରେଗ୍ ବ୍ରାଥୱେଟ ୪, ଜନ୍ କ୍ୟାମ୍ପେଲ୍ ୭ ଓ ଯୋମେଲ୍ ୱାରିକାନ୍ ବିନା ସ୍କୋରରେ ଆଉଟ୍ ହୋଇଥିଲେ । କେଶି କାର୍ଟି ୨୦ ରନ୍ କରି କୁମିନ୍ସଙ୍କ ଶିକାର ହୋଇଥିଲେ । ଦୁଇ ପ୍ରାରମ୍ଭିକ ବ୍ୟାଟରଙ୍କୁ ମିଚେଲ ଷ୍ଟାର୍କ ୧୬ ରନ୍ ମଧ୍ୟରେ ପାଭିଲିୟନ୍ ଫେରାଇ ଦେଇଥିଲେ । ଷ୍ଟମ୍ପ ବେଳକୁ ବ୍ରାଣ୍ଡନ୍ କିଙ୍ଗ୍ ୩୧ ବଲରୁ ୨୩ ରନ୍ ଓ ରୋଷ୍ଟନ୍ ଚେଜ୍( ଅଧିନାୟକ) ୧ ରନ୍ କରି ଅପରାଜିତ ଥିଲେ । ଇଣ୍ଡିଜ୍ ପ୍ରଥମ ଇନିଂସରେ ୧୨୩ ରନ୍ ପଛରେ ଅଛି । ଏହା ଉଭୟ ଦଳ ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୫-୨୭ ଚକ୍ରର ପ୍ରଥମ ମ୍ୟାଚ୍ ।

# ଚାରି ବର୍ଷ ପରେ ଆର୍ଚରଙ୍କ ପ୍ରତ୍ୟାବର୍ତ୍ତନ




ଲଣ୍ଡନ, ୨୬।୬(ଏଜେନ୍ସି) : ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଚମତ୍କାର ଢଙ୍ଗରେ ଜିତିଥିଲା । ଆଗକୁ ଦ୍ୱିତୀୟ ଟେଷ୍ଟ । ଏହା ପୂର୍ବରୁ ଇଂଲଣ୍ଡ ବଡ ନିଷ୍ପତ୍ତି ନେଇଛି । ଦ୍ୱିତୀୟ ଟେଷ୍ଟ ପାଇଁ ଦ୍ରୁତ ବୋଲର ଯୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରାଯାଇଛି । ଭାରତ ବିପକ୍ଷ ୫ ରନ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ପାଇଁ ଗୁରୁବାର ଇଂଲଣ୍ଡ ଦଳ ଘୋଷଣା ହୋଇଛି । ଏଥିରେ ସ୍ଥାନ ପାଇଛନ୍ତି ଦ୍ରୁତ ବୋଲର ଯୋଫ୍ରା ଆର୍ଚର । ଆର୍ଚରଙ୍କ ପ୍ରତ୍ୟାବର୍ତ୍ତନ ଇଂଲଣ୍ଡକୁ ଆହୁରି ମଜଭୁତ କରିଛି ।

୩୦ ବର୍ଷୀୟ ଆର୍ଚର ଆହତ ସମସ୍ୟା ଯୋଗୁଁ ଦୀର୍ଘ ସମୟ ହେଲାଣି ଟେଷ୍ଟ କ୍ରିକେଟ୍‌ରୁ ଦୁରେଇ ରହିଥିଲେ । ଏବେ ସେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆର୍ଚର ଶେଷ ଥର ପାଇଁ ୨୦୨୧ ଫେବୃଆରୀରେ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ଆଗାମୀ ୨ ତାରିଖରୁ ବର୍ମିହାମର ଏଜ୍‌ବଷ୍ଟନରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍‌ରେ ଆର୍ଚର ନଜର ଆସିବେ ।

ଆହତ ସମସ୍ୟାରୁ ମୁକୁଳିବା ପାଇଁ ଆର୍ଚର କାଉଣ୍ଟି ଚାମ୍ପିଅନ୍‌ସିପ୍ ଖେଳିବା ଆରମ୍ଭ କରିଥିଲେ । ସସେକ୍ସ ପାଇଁ ସେ ଭଲ ପ୍ରଦର୍ଶନ କରିଥିଲେ । ତେଣୁ ତାଙ୍କୁ ଇଂଲଣ୍ଡ ଦଳରେ ସୁଯୋଗ ମିଳିଛି । ଆର୍ଚର ୨୦୨୧ରେ ଭାରତ ବିପକ୍ଷରେ ଶେଷ ମ୍ୟାଚ୍ ଖେଳିଥିଲେ । ପୁଣି ୨୦୨୫ ଜୁଲାଇ ୨ ରେ ଭାରତ ବିପକ୍ଷରେ ଖେଳିବେ । ଆର୍ଚରଙ୍କ ବ୍ୟତୀତ ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ପ୍ରଥମ ଟେଷ୍ଟରେ ଖେଳିଥିବା ଖେଳାଳି ଦ୍ୱିତୀୟ ଟେଷ୍ଟ ପାଇଁ ଘୋଷଣା ହୋଇଥିବା ଦଳରେ ସ୍ଥାନ ପାଇଛନ୍ତି । କେବଳ ଅତିରିକ୍ତ ଭାବେ ଆର୍ଚରଙ୍କୁ ସାମିଲ କରାଯାଇଛି । ପ୍ରଥମ ଟେଷ୍ଟରେ ବ୍ରେଡନ୍ କାର୍ସେ, ଜୋସ୍ ଟଙ୍ଗଙ୍କ ଭଳି ଯୁବ ବୋଲରଙ୍କ ଉପରେ ଇଂଲଣ୍ଡ ଭରସା କରିଥିଲା । ସେମାନେ ବେନ୍ ଷ୍ଟୋକ୍ ଓ କ୍ରିସ୍ ୱକ୍ସଙ୍କୁ ଭରପୁର ସହଯୋଗ କରିଥିଲେ । କାର୍ସେ ଓ ଟଙ୍ଗ ଦମଦାର ବୋଲିଂ କରିଥିଲେ ମଧ୍ୟ ଅଭିଜ୍ଞ ଆର୍ଚରଙ୍କ ପ୍ରତ୍ୟାବର୍ତ୍ତନ ଭାରତର ଚିନ୍ତାକୁ ଆହୁରୀ ବଢାଇଛି ।

ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ : ବେନ୍ ଷ୍ଟୋକ୍ସ ( ଅଧିନାୟକ), ଜୋଫ୍ରା ଆର୍ଚର, ଶୋଏବ ବଶିର, ଜାକବ ବେଥେଲ, ହ୍ୟାରି ବ୍ରୁକ୍, ବ୍ରେଣ୍ଡନ୍ କାର୍ସେ, ସାମ କୁକ୍, ଜ୍ୟାକ୍ କ୍ରାଓଲି, ବେନ୍ ଡକେଟ୍, ଜାମି ଓଭରଟନ୍, ଓଲି ପୋପ୍, ଜୋ ରୁଟ୍, ଜେମ୍ ସ୍ମିଥ୍, ଜୋସ୍ ଟଙ୍ଗ ଏବଂ କ୍ରିସ୍ ଓକ୍ସ ।

## ସାଉଦି ଲିଗ୍‌କୁ ସମର୍ଥନ କରିବନି ବିସିସିଆଇ

ନୂଆଦିଲ୍ଲୀ, ୨୬।୬(ଏଜେନ୍ସି) : ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ( ବିସିସିଆଇ) ଏବଂ ଇଂଲଣ୍ଡ କ୍ରିକେଟ୍ ବୋର୍ଡ ନିଜ ଟି-୨୦ ଟୁର୍ଣ୍ଣମେଣ୍ଟକୁ ଦୁର୍ବଳ କରିବାକୁ ଚାହୁଁନାହିଁ । ଏଥିପାଇଁ ଏମାନେ ମିଳିତ ଭାବେ ୪ ଶହ ମିଲିୟନ୍ ଡଲାର ସାଉଦି ଟି- ୨୦ ଲିଗ୍‌କୁ ସମର୍ଥନ ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ଆଇସିସି ଅଧ୍ୟକ୍ଷ ଜୟ ଶାହା ବିପକ୍ଷରେ ଯିବା ପାଇଁ ସମ୍ଭାବନା ନାହିଁ । ଏହି କାରଣରୁ ସାଉଦି ଟି-୨୦ ଲିଗ୍‌ର ପ୍ରଶ୍ନବାଚୀ ଘେରରେ ଆସିଛି । ରିପୋର୍ଟ ମୁତାବକ ଚଳିତ ମାସ ଲର୍ଡସରେ ଖେଳାଯାଇଥିବା ବିଶ୍ୱ ଚାମ୍ପିଅନସିପ୍‌ର ଫାଇନାଲ୍ ସମୟରେ ଇସିବି ଏବଂ ବିସିସିଆଇ ନୂଆ ଲିଗ୍‌ର ବରୋଧ ପାଇଁ ଏକଜୁଟ ହେବା ଲାଗି ସହମତି ପ୍ରକାଶ କରିଛନ୍ତି । ଦୁଇ ବୋର୍ଡ ଏହି କଥା ଉପରେ ସହମତି ଜଣାଇଛନ୍ତି । ନିଜ ଖେଳାଳିଙ୍କୁ ନୂଆ ଟୁର୍ଣ୍ଣାମେଣ୍ଟରେ ସାମିଲ କରିବା ଲାଗି ଏନ୍‌ଓସି ଜାରି କରିବେ ନାହିଁ । ଏଥିରେ ଦୁଇ ଦେଶର ଖେଳାଳି ନୂଆ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଅନୁମତି ପାଇବେ ନାହିଁ । ଦୁଇ ବୋର୍ଡ ଏଥିସହ ଆଇସିସିରୁ ସମର୍ଥନ ପାଇଁ ଅନୁରୋଧ କରିବେ । କ୍ରିକେଟ୍ ଅଷ୍ଟ୍ରେଲିଆ ସାଉଦି ଟି-୨୦ର ନିବେଶକ ହୋଇ ଭଲ ଲାଭ ପାଇବାକୁ ଚାହୁଁଛି ।

## ପୃଥ୍ୱୀଙ୍କୁ ସଚିନଙ୍କ ଗୁରୁମନ୍ତ୍ର

ମୁମ୍ବାଇ, ୨୬।୬(ଏଜେନ୍ସି) : ପ୍ରତିଭାବାନ ଓପନର୍ ପୃଥ୍ୱୀ ଶଙ୍କ କ୍ୟାରିୟର ବିଗତ କିଛି ବର୍ଷରେ ନାଟକୀୟ ଭାବେ ତଳକୁ ଖସିଛି । ୨୦୨୪-୨୫ ସିଜନ୍‌ରେ ତାଙ୍କୁ ମୁମ୍ବାଇର ଘରୋଇ ଦଳରୁ ବାଦ୍ ଦିଆଯାଇଥିଲା । ଆଇପିଏଲ୍ ୨୦୨୫ର ମେଗା ନିଲାମରେ ମଧ୍ୟ ସେ ବିକ୍ରି ହୋଇନଥିଲେ । ତଥାପି ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ପୃଥ୍ୱୀ ଖୁଲାସା କରିଛନ୍ତି ଯେ, ଭାରତୀୟ କ୍ରିକେଟ୍‌ର ମହାନାୟକ ସଚିନ ତେନ୍ଦୁଲକର ତାଙ୍କ ପ୍ରତି ବିଶ୍ୱାସ ରଖିଛନ୍ତି । ସେ ଜାତୀୟ ଦଳକୁ ଫେରିବା ପାଇଁ ସଚିନ ତାଙ୍କୁ ପ୍ରେରଣା ଦେଇଛନ୍ତି । ଏକ ସାକ୍ଷାତକାରରେ ପୃଥ୍ୱୀ କହିଛନ୍ତି ବାପା ମୋର ସବୁଠାରୁ ବଡ ସମର୍ଥକ । କିନ୍ତୁ ତାଙ୍କ ପରେ ସଚିନ୍ ସାର ଅନେକ କିଛି ଜାଣନ୍ତି । ମୁଁ ଓ ଅର୍ଜୁନ ୮ କିମ୍ବା ୯ ବର୍ଷ ବୟସରୁ ବନ୍ଧୁ । ସେବେଠାରୁ ସଚିନ୍ ସାର୍ ମୋତେ ଭଲ ଭାବେ ଜାଣିଛନ୍ତି । ୨ ମାସ ପୂର୍ବେ ସଚିନ୍ ଇଣ୍ଟରନ୍ୟାସନାଲ୍ ମାଷ୍ଟର୍ସ ଲିଜ୍ ପାଇଁ ଏମ୍‌ଆଇଜିରେ ଅଭ୍ୟାସ କରୁଥିବା ବେଳେ ପୃଥ୍ୱୀଙ୍କ ସହ ସେଠାରେ ଦେଖା ହୋଇଥିଲା । ଏପରି ସମୟରେ ଜଣେ ମେଷ୍ଟର ଦରକାର ଯାଏ ପ୍ରେରଣାର ଏକ ସାହସ ଦେଇପାରିବେ ବୋଲି ପୃଥ୍ୱୀ କହିଛନ୍ତି । ସଚିନ୍ ତାଙ୍କୁ ନିରନ୍ତର ପରାମର୍ଶ ଦେଉଛନ୍ତି । ତାଙ୍କ ଉପରେ ବିଶ୍ୱାସ ରଖିଛନ୍ତି । ପୃଥ୍ୱୀ କହିଛନ୍ତି ମୋର ବିଶ୍ୱାସ ଅଛି ମୁଁ ବିଶ୍ୱାସ ରଖିବି । ସେ ମୋତେ ଦେଖିଛନ୍ତି । ତାଙ୍କର ଭରସା ଅଛି ଟ୍ରାକକୁ ଫେରିଆସ ସବୁ ସମ୍ଭାବ । ଏହି ବିଶ୍ୱାସ ମୋ ପାଇଁ ମୂଲ୍ୟବାନ ।

## ଯୋଗୀ ସରକାରଙ୍କ ବଡ ଉପହାର

## ସରକାରୀ ଚାକିରି କରିବେ ରିଙ୍କୁ ସିଂହ


ନୂଆଦିଲ୍ଲୀ,୨୬।୬(ଏଜେନ୍ସି) : ଭାରତୀୟ ଦଳର ଯୁବ ତାରକା ବ୍ୟାଟର୍ ରିଙ୍କୁ ସିଂଙ୍କୁ ବଡ ଉପହାର ଦେଇଛନ୍ତି ଯୋଗୀ ସରକାର । ତାଙ୍କୁ ସରକାରୀ ଚାକିରି ଅଫର ମିଳିଛି । ସେ ତାଙ୍କ ଛୋଟ କ୍ୟାରିୟରରେ ଅନେକ ପରିଚୟ ହାସଲ କରିଛନ୍ତି । ୧୯୯୭ ଅକ୍ଟୋବର ୧୨ ରେ ଆଲିଗଡର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ରିଙ୍କୁ । ତାଙ୍କ ଜୀବନ ସଂଘର୍ଷ ପୂର୍ଣ୍ଣ ଥିଲା । କିନ୍ତୁ ସେ କଠିନ ପରିଶ୍ରମ ବଳରେ କ୍ରିକେଟ୍ ଜଗତରେ ନାମ ଅର୍ଜନ କରିଛନ୍ତି । ଏପର ପରିସ୍ଥିତିରେ ଯୋଗୀ ସରକାର ରିଙ୍କୁ ସିଂହଙ୍କୁ ଏକ ବଡ ଉପହାର ଦେଇଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭାକୁ ପ୍ରମାଣିତ କରିଥିବା ରିଙ୍କୁଙ୍କୁ ସରକାରୀ ଚାକିରି ଦିଆଯାଇଛି । ରିଙ୍କୁ ବେଶିକ୍ ଏଜ୍ୟୁକେସନ୍ ଅଫିସର (ମୌଳିକ ଶିକ୍ଷା ଅଧିକାରୀ) ପଦବୀରେ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତି ପ୍ରତ୍ୟକ୍ଷ ନିଯୁକ୍ତି ନିୟମ ଅନୁଯାୟୀ ହୋଇଛି । ଯାହା ତାଙ୍କ ପାଇଁ ଏକ ବଡ ସଫଳତା । ଭାରତୀୟ କ୍ରିକେଟ୍ ଦଳ ପାଇଁ ଟି- ୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ରିଙ୍କୁ ଏବେ ଶିକ୍ଷା କ୍ଷେତ୍ରରେ ସେବା କରିବେ । ଏ ସମ୍ପର୍କରେ ବେଶିକ୍ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଏକ ଚିଠି ଜାରି କରାଯାଇଛି । ଏଥିରେ ଲେଖାହୋଇଛି ଆପଣଙ୍କୁ ଜଣାଇ ଦେଉଛି ଯେ, ରିଙ୍କୁଙ୍କ ପୂର୍ବରୁ ଟିମ୍ ଇଣ୍ଡିଆର ଅନେକ କ୍ରିକେଟର ସରକାରୀ ଚାକିରି ପାଇଛନ୍ତି । ଯୋଗୀ ସରକାରୀ ରିଙ୍କୁ ସିଂଙ୍କୁ ଏହି ପଦବୀ ଦେଇଛି । ଯାହା କ୍ରୀଡା ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇଛି ।

## ଏଆଇଏଫଏଫ ଡି ଲାଇସେନ୍ସ ପାଠ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୨୬।୬(ସବ୍ୟୁ) : ଏଆଇଏଫ୍‌ଏଫ୍ ଡି ଲାଇସେନ୍ସ କୋଚିଂ ପାଠ୍ୟକ୍ରମ କଟକରେ ଆରମ୍ଭ ହୋଇଛି । ଜୁଲାଇ ୧ ତାରିଖରେ ଶେଷ ହେବ । ଏହି ପାଠ୍ୟକ୍ରମରେ ୨୪ ଜଣ ଓଡିଶା କୋଚ୍ ଅଂଶ ଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୧୭ ଜଣ ମହିଳା ଓ ୭ ଜଣ ପୁରୁଷ । ଅକ୍ଷୟ ଦାସ ପାଠ୍ୟକ୍ରମର ଇନ୍‌ଷ୍ଟ୍ରକ୍ଟର ଅଛନ୍ତି । ରାଜ୍ୟରେ ଫୁଟବଲ୍‌ର ବିକାଶରେ ପ୍ରଶିକ୍ଷଣର ଗୁରୁତ୍ୱକୁ ନେଇ ଏହି ପାଠ୍ୟକ୍ରମ ଶିକ୍ଷା ଦିଆଯାଉଛି ।
















Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି